# ହୋ ଲୋକ ସାହିତ୍ୟ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା

# ହୋ ଲୋକ ସାହିତ୍ୟ

ସଂକଳନ
ଶ୍ରୀ ବିନୋଦ କୁମାର ନାଏକ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ହୋ ଲୋକ ସାହିତ୍ୟ

ସଂକଳନ :
ଶ୍ରୀ ବିନୋଦ କୁମାର ନାଏକ

ପ୍ରକାଶକ :
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

ପ୍ରଥମ ପ୍ରକାଶ :
ଅଗଷ୍ଟ ପନ୍ଦର, ୨୦୦୨

ଅକ୍ଷର ସଜ୍ଜା :
ଓଁକାର
ଏନ୍-୪/୨୭୭, ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର

ମୂଲ୍ୟ : ୭୦ଟଙ୍କା ମାତ୍ର

# HO FOLKLORE

Compilation :
Sri Binod KU. Nayik

Published by :
Academy of Tribal Dialects & Culture
Adivasi Ground
Unit-1, Bhubaneswar-751009

1st Edition :
15th August, 2002

Printed at :
Omkar
N-4/277, IRC Village,
Nayapalli, Bhubaneswar

Price :
Rupees Seventy only

# ସୂଚୀପତ୍ର


| କ୍ର.ସ. | ବିଷୟ | ପୃଷ୍ଠା |
|---|---|---|
| ୧ | ମୁଖବନ୍ଧ | ୩ |
| ୨ | କୃତଜ୍ଞତା | ୫ |
| ୩ | ପୃଷ୍ଠଭୂମି | ୭ |
| ୪ | ବା ପରବ-ଛାଦୁର ଦୁମାଙ୍ଗ ତାଲ୍ | ୫୬ |
| ୫ | ବା ପରବ ଦୁରାଂ | ୬୧ |
| ୬ | ବାପାଲା ଦୁରାଂ | ୭୫ |
| ୭ | ଆଁଦି ତାଲ | ୭୮ |
| ୮ | ଆଁଦି ଦୁରାଙ୍ଗ | ୮୧ |
| ୯ | ହେରଃ ପରବ ଦୁମାଙ୍ଗ ତାଲ | ୮୭ |
| ୧୦ | ହେରଃ ପରବ ଦୁରାଂ | ୮୮ |
| ୧୧ | ହେରମୁଟ | ୯୧ |
| ୧୨ | ମାଗେ ପରବ ଦୁମାଙ୍ଗ ତାଲ | ୯୫ |
| ୧୩ | ମାଗେ ପରବ ଦୁରାଂ | ୯୭ |
| ୧୪ | ଗନଏ | ୧୨୫ |
| ୧୫ | ସନତ କାଜି (ହୋ ମୁହାବରା) | ୧୨୬ |
| ୧୬ | ହୋ ମୁହାବରା (ଓଡ଼ିଆ ଅନୁବାଦ) | ୧୪୩ |
| ୧୭ | ହୋ ମୁହାବରା (ଓଡ଼ିଆ ଅର୍ଥ ସହ) | ୧୫୦ |
| ୧୮ | ନୁତୁମ କାନି (ବକୁଡ଼ି)କୋ | ୧୫୫ |
| ୧୯ | ନୁତୁମ କାନି (ବକୁଡ଼ି)କୋ (ଓଡ଼ିଆ) | ୧୫୯ |
| ୨୦ | ଏନାମାର୍ ଚିକାନା ଆଃ | ୧୬୪ |

# ମୁଖବନ୍ଧ

ଜନଜାତିମାନଙ୍କର ସାଂସ୍କୃତିକ ଐତିହ୍ୟ ଏବଂ ପ୍ରଜାତିକ ବୈଚିତ୍ର୍ୟ ଆକଳନ କରିବାରେ ସେମାନଙ୍କର ପରିବେଶରେ ବିକଶିତ ଲୋକ ସାହିତ୍ୟ ଏକ ପ୍ରମୁଖ ଉପାଦାନ । ଜଗତିକରଣ ଓ ବସ୍ତୁ ସଂସ୍କୃତିର ଉଦ୍‌ବର୍ତ୍ତନରେ ଆମ ଲୋକ ପରମ୍ପରା ଲୋପ ପାଇଯାଇଥିବାବେଳେ ଜନଜାତୀୟ ଲୋକ ମୌଖିକ ପରମ୍ପରା ତଥାପି ଗତିଶୀଳ । ପଡ଼ୋଶୀ ସଂସର୍ଗ ଏବଂ ଗଣମାଧ୍ୟମର ପ୍ରସାର ଯୋଗୁଁ ତାଙ୍କ ଲୋକ ମୌଖିକ ପରମ୍ପରା ଯଦିଓ ପରିବର୍ତ୍ତିତ ତଥାପି ଅନ୍ତଃସ୍ରୋତ ଅଦ୍ୟାବଧି ପ୍ରବାହିତ । ମାତ୍ର ପୂର୍ବର ଶ୍ରୀ ଆଉ ନାହିଁ । ବିଶେଷତଃ ଯୁବପିଢ଼ି ଏ ପରମ୍ପରା ପ୍ରତି ବିତସ୍ପୃହ । ଟିଭି, ଚଳଚିତ୍ରର ନିଶାରେ ସେମାନେ ଉନ୍ମନା । ପାରମ୍ପରିକ ନାଚଗୀତ, ଗୀତ କୁଡ଼ିଆ ସେମାନଙ୍କ ପାଇଁ ଅଲୋଡ଼ା ଅଖୋଜା ।

ଏହି ପରମ୍ପରାଟି ମରିହଜି ଯିବା ପୂର୍ବରୁ ତାର ଶେଷ ମଣିଷଟି ଇହଲୀଳା ସମ୍ବରଣ କରିବା ପୂର୍ବରୁ ତାର କଥାନକକୁ ସାଇତିବାର ଏହାହିଁ ହେଉଛି ମହା ମୁହୂର୍ତ୍ତ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏହି ସନ୍ଧିକ୍ଷଣରେ ଓଡ଼ିଶାର ଆଦିବାସୀମାନଙ୍କର ଲୋକମୌଖିକ ପରମ୍ପରାକୁ ସଂଗ୍ରହ ଓ ପ୍ରକାଶ କରିବାର ଗୁରୁଦାୟିତ୍ୱ ବହନ କରିଛି । ସୀମିତ ସମୟ ଭିତରେ ସେହି ମହାନ କାର୍ଯ୍ୟର ପ୍ରଥମ ଅଂଶ ସ୍ୱରୂପ ''ସାନ୍ତାଳ ଲୋକ କାହାଣୀ'', ''ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସାହିତ୍ୟ'', ''ଆଦିବାସୀ ଲୋକ କାହାଣୀ'', ''ବାଥୁଡ଼ି ଲୋକ ସାହିତ୍ୟ'', ''ଗଣ୍ଡ ସଂସ୍କୃତି ଓ ଲୋକ ସାହିତ୍ୟ'' ପ୍ରମୁଖ ।

ଦ୍ୱିତୀୟ ପର୍ଯ୍ୟାୟରେ ଲୋଧା, ଭତରା, ହୋ, ଭୂମିଜ, କୋୟା, ଦୁରୁଆ, ଭୁଞ୍ଜିଆ, ବଣ୍ଡା ସଂସ୍କୃତି ଓ ଲୋକ ସାହିତ୍ୟ ଉପରେ ଅଧ୍ୟୟନ କାର୍ଯ୍ୟ ହାତକୁ ନେଇଛି । ହୋ ଲୋକ ସାହିତ୍ୟ ତନ୍ମଧ୍ୟରୁ ଅନ୍ୟତମ । ଏହି ପୁସ୍ତିକାରେ ଲୋକ ଗଳ୍ପ ସମୂହକୁ ସ୍ଥାନିତ କରିବାର ଇଚ୍ଛାଥିଲେ ମଧ୍ୟ କଳେବର ବୃଦ୍ଧି ଦୃଷ୍ଟିରୁ ସ୍ୱତନ୍ତ୍ର ଭାଗରେ ''ହୋ ଲୋକ କାହାଣୀ'' ପ୍ରକାଶ କରିବାର ଯୋଜନା ରହିଛି ।

ପୁସ୍ତିକାକୁ ସଂକଳନ କରିଛନ୍ତି ଶ୍ରୀ ବିନୋଦ କୁମାର ନାଏକ । ନିଜେ ''ହୋ'' ଭାଷାଭାଷୀ ତଥା ସଂସ୍କୃତି ଆଲୋଚକ ହୋଇଥିବାରୁ ନିଜ ଜାତିର ମହାନ୍ ଐତିହ୍ୟକୁ ଲୋକ ଲୋଚନକୁ ଆଣିବାରେ ତାଙ୍କ ପ୍ରଚେଷ୍ଟା ଅନସ୍ୱୀକାର୍ଯ୍ୟ । ପ୍ରକାଶନ ଅବସରରେ ଏକାଡେମୀ ତାଙ୍କ ନିକଟରେ କୃତଜ୍ଞ ।

ଚନ୍ଦ୍ର ଶେଖର କୁମାର
ନିର୍ଦ୍ଦେଶକ

# କୃତଜ୍ଞତା

ହୋ ଲୋକ ସାହିତ୍ୟ ଦୃତ୍ତର ଅବକ୍ଷୟ ହେବାରେ ଲାଗିଛି । ସାଂସ୍କୃତିକ ବିବର୍ତ୍ତନର ଏ ଘଡ଼ିସନ୍ଧି ବେଳାରେ ଅଦ୍ୟାବଧି ହୋ ସମାଜରେ ପ୍ରଚଳିତ ଲୋକ ମୌଖିକ ଉପାଦାନକୁ ସଂଗ୍ରହ କରିବାର ଗୁରୁ ଦାୟୀତ୍ୱ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦେଇଥିବାରୁ ତାଙ୍କ ନିକଟରେ ମୁଁ ଋଣୀ ।

ଲୋକକଥା ଓ ଲୋକ ଗୀତ ତଥା ଲୋକ ପରମ୍ପରାର ଅନ୍ୟାନ୍ୟ ବିଭବରୁ ସଂଗ୍ରହ କାଳରେ ସିଂଭୂମ କ୍ଷେତ୍ରୀୟ ଗ୍ରାମ୍ୟବ୍ୟାଙ୍କର ପ୍ରବନ୍ଧକ ଶ୍ରୀ ମୋହନ ସିଂ ସୁଣ୍ଡି, ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚାଇଁବାସା ସ୍ଥିତ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ କାର୍ଯ୍ୟାଳୟର ଶ୍ରୀ ହେସା ବାବୁ ବହୁଳ ଭାବରେ ସାହାଯ୍ୟ କରି ମୋର ମୋର ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ଏମାନଙ୍କ ନିକଟରେ ମୁଁ କୃତଜ୍ଞ । ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଚାଇଁବାସା ସ୍ଥିତ ଶାଖା କାର୍ଯ୍ୟାଳୟର ଶ୍ରୀଘନ ବିହାରୀ ମହାରଣା ଅଧିକାଂଶ ହୋ ଗଳ୍ପ ଓ ଗୀତ ଓଡ଼ିଆରେ ସଜାଇବାରେ ସାହାଯ୍ୟ କରି ମତେ କୃତଜ୍ଞ କରିଛନ୍ତି ।

ମୋର ସହୃ ଭାଇ ଶ୍ରୀ ମାନ୍ନା ପିଙ୍ଗୁଆ ଅନେକ ଗୁଡ଼ାଏ ପୁରୁଣା ହୋ ଗୀତ ସଂଗ୍ରହ କରି ମୋ ସଂଗ୍ରହର ପରିସରକୁ ପୁଷ୍ଟ କରିଛନ୍ତି । କେବଳ ଏତକ ନୁହେଁ କଥାନକ ସବୁକୁ ହୋ ଭାଷାରେ ସୁନ୍ଦର ଭାବରେ ଉପସ୍ଥାପନ କରିବାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ଗୀତ ଗପର ସାମାଜିକ-ସାଂସ୍କୃତିକ ପ୍ରାସଂଗିକତା ବର୍ଣ୍ଣନାରେ ତାଙ୍କଠୁଁ ମୁଁ ଅନେକ ଆହରଣ କରିଛି । ତାଙ୍କ ସହକର୍ମୀ ଶ୍ରୀ ବୀରେନ୍ଦ୍ର ଦେଓରାମ ମଧ୍ୟ ହୋମାନଙ୍କ ବିବାହ ବେଳର ଗୀତ ସବୁ ସଂଗ୍ରହରେ ସାହାଯ୍ୟ କରିଛନ୍ତି । ଏଣୁ ଏମାନଙ୍କ ନିକଟରେ ମୁଁ ଚିରଋଣୀ ।

ଭୁବନେଶ୍ୱରର ଶ୍ରୀ ବଗଲା ସିର୍କା, ଶ୍ରୀ ସିଂଗ୍ରାଇ ବାନ୍‌ରା, ଚାଇଁବାସାର ବନ୍ଧୁ ଶ୍ରୀ କୃଷ୍ଣ ସିର୍କା ସାହେବ, ଶ୍ରୀ ଗୌରୀ ଶଙ୍କର ବିରୁଆ ସାହେବ, ଶ୍ରୀ ଗାଗାରାଇ ସାହେବଙ୍କ ଅବଦାନ ଅଭୁଲା । ଲୋକ ଗୀତ ଓ ଲୋକ କଥା ସଂଗ୍ରହରେ ଏମାନଙ୍କ ସହଯୋଗ ପାଇଁ ମୁଁ ନିଜକୁ ଧନ୍ୟ କରିଛି ।

'ହୋ' ଗୀତର ତାଳ ସଂଗ୍ରହରେ ବଡ଼ ହାତନାବେଡ଼ାର ମୋର ବନ୍ଧୁ ଶ୍ରୀ ଜ୍ୟାମିନୀ କାନ୍ତ ତିରିଆଙ୍କ ସହଯୋଗ ଭୁଲିବାର ନୁହେଁ । ଏ ଅବସରରେ ତାଙ୍କୁ ଧନ୍ୟବାଦ ।

ଡକ୍ଟର ରାଜକିଶୋର ନାୟକ କେତେକ ଗପକୁ ସୁନ୍ଦର ଓଡ଼ିଆ କରି ଦେଇଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଜଗତର ଅନ୍ୟତମ ଗୀତିକାର, ନିର୍ଦ୍ଦେଶକ ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି ଅନେକ ହୋ ଗୀତକୁ ଓଡ଼ିଆ ଗୀତ ରୂପ ଦେଇ ମୋତେ ଧନ୍ୟ କରିଛନ୍ତି । ପୁସ୍ତକ ପ୍ରକାଶନ ଅବସରରେ ସେମାନଙ୍କୁ ମୋର ଧନ୍ୟବାଦ । ଝିଅ ଅଞ୍ଜୁଶ୍ରୀ, ପୁଅ ସିଦ୍ଧାର୍ଥ ଓ ଦେବବ୍ରତ ଓଡ଼ିଆ ପାଣ୍ଡୁଲିପି ପ୍ରସ୍ତୁତରେ ଅକୁଣ୍ଠ ସହଯୋଗ ଦେଇଛନ୍ତି । ଅସୀମ ଧୈର୍ଯ୍ୟ ଓ ସମସ୍ତ ଘରୋଇ ବ୍ୟସ୍ତତାକୁ ପଛରେ ଠେଲିଦେଇ ମୋର ସହଧର୍ମିଣୀ ଶ୍ରୀମତୀ ପ୍ରକାଶିନୀ ଗପ ଗୀତର ହୋ ରୂପ ଓ ଓଡ଼ିଆ ରୂପାନ୍ତରଣରେ ବିଶେଷ ରୁଚି ନେଇଛନ୍ତି । ସେମାନଙ୍କର ସହଯୋଗ, ସ୍ନେହ ହିଁ ମୋର ପାଥେୟ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ଗବେଷକ ବନ୍ଧୁ ଡ଼. ପରମାନନ୍ଦ ପଟେଲଙ୍କ ସାହାଯ୍ୟ ଭୁଲିବାର ନୁହେଁ । ''ହୋ ସଂସ୍କୃତି'' ଆଲୋଚନାରେ ଲୋକ ଗୀତ, ଗପ ସଂଗ୍ରହ ଓ ସନ୍ନିବେଶରେ ତାଙ୍କର ପ୍ରେରଣା ହିଁ ମୋତେ ଏକାମ କରିବାକୁ ଉତ୍ସାହିତ କରିଛି । ଏକାଡ଼େମୀର ପ୍ରାକ୍ତନ ନିର୍ଦ୍ଦେଶକ ଡ. ମନ୍ମଥ କୁଣ୍ଡୁଙ୍କ ଯୋଗୁଁ ହିଁ ଏହି ପୁସ୍ତକ ଲୋକଲୋଚନକୁ ଆସି ପାରିଛି । ଏଣୁ ଏମାନଙ୍କ ପାଖରେ ମୁଁ ଋଣୀ ରହିଛି ।

ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କେନ୍ଦୁଝର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଯୁକ୍ତ କଲ୍ୟାଣ ଶଙ୍କର ରାୟ ଏକାର୍ଯ୍ୟ ସଂପାଦନ କରିବାକୁ ଉତ୍ସାହିତ କରିବା ସାଙ୍ଗକୁ ସଦୟ ସମ୍ମତ ଦେଇଛନ୍ତି । ତେଣୁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

ପରିଶେଷରେ ପୁସ୍ତକ ପ୍ରକାଶନ ଅବସରରେ ହୋ ସମାଜର ଅଗଣିତ ବନ୍ଧୁ ପରିଜନମାନଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି; ଯେଉଁମାନେ ଅଦ୍ୟାବଧି ହୋ ଲୋକ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ଆଗାମୀ ଦିନରେ ସେମାନଙ୍କର ସହଯୋଗକୁ ପାଥେୟ କରି ''ହୋ ସଂସ୍କୃତି''ର ଅନାଲୋଚିତ ବିଭାବ ଉପରେ ପୁନରାବଲୋକନ କରିବାକୁ ସକ୍ଷମ ହେବି ।

ବିନୋଦ କୁମାର ନାଏକ

# ପୃଷ୍ଠଭୂମି

ଏକ ଜନ ସମ୍ପ୍ରଦାୟକୁ ବୁଝିବାକୁ ହେଲେ ତାର ସଂସ୍କୃତି ସହ ପରିଚିତ ହେବାକୁ ପଡ଼େ । ସଂସ୍କୃତି ହିଁ ବ୍ୟକ୍ତି ଓ ତତ୍ ସଂପୃକ୍ତ ସମାଜର ସଂଯୋଜକ ସେତୁ । ମଣିଷ ଯେଉଁ ସମାଜରେ ଜନ୍ମ ଗ୍ରହଣ କରେ ସେହି ସମାଜର ନିଜସ୍ୱ ଏକ ସାଂସ୍କୃତିକ ପରମ୍ପରା ରହିଥାଏ । ତେଣୁ ସଂସ୍କୃତି ଏହିପରି ଏକ ଫେଣ୍ଟାଫେଣ୍ଟି ହୋଇ ରହିଥିବା ଏକ ଅଭିଯୋଜନାଟିଏ ଯେଉଁଠି ସଂପୃକ୍ତ ସମାଜ ବ୍ୟବସ୍ଥାର ସାମାଜିକ ଜ୍ଞାନ, ବିଶ୍ୱାସ, କଳା, ବିଧିବିଧାନ, ଚଳଣି, ରୀତି ନୀତି, କ୍ଷମତା, ଅଭ୍ୟାସ ଇତ୍ୟାଦି ଇତ୍ୟାଦି ଖୁନ୍ଦି ହୋଇ ରହିଥାଏ ।

ମଣିଷ ଯେଉଁଠି ଜନ୍ମଗ୍ରହଣ କରେ, ବଢ଼େ, ମୃତ୍ୟୁବରଣ କରେ; ସେଇଠି ତାର କିଛି ମୂଳ ଆବଶ୍ୟକତା ଦେଖାଦିଏ । ଏହି ମୂଳ ଆବଶ୍ୟକତା ସମୂହ ସଂସ୍କୃତିର ରୂପାନ୍ତରିତ ରୂପ । ଏହାକୁ ସେ ନିଜ ମୁତାବକ କରେ ଏବଂ ଏକ ପରମ୍ପରା ଉପରେ ତାକୁ ପ୍ରତିଷ୍ଠିତ କରେ ।

ପ୍ରଜାତିଙ୍କ ସଂସ୍କୃତିର ମୂଳ ପରମ୍ପରାକୁ ଖୋଜିବାକୁ ଗଲେ ତାର ମୌଖିକ ପରମ୍ପରା ସହ ପରିଚିତି ଆବଶ୍ୟକ ହୁଏ । ଲୋକ ମୌଖିକ ପରମ୍ପରା ବା ଲୋକ ପରମ୍ପରା ମଧ୍ୟରେ ତାର ସାଂସ୍କୃତିକ ଐତିହ୍ୟ ଲୁଚି ରହିଥାଏ । ତେଣୁ ପ୍ରଜାତିକ ସଂସ୍କୃତିର ଐତିହ୍ୟ ଏବଂ ତାର ଜୀବନଯାପନ ପ୍ରଣାଳୀର ବୈଚିତ୍ର୍ୟ ଆକଳନ କରିବା ଦିଗରେ ସଂପୃକ୍ତ ଗୋଷ୍ଠୀର ଲୋକ ସାହିତ୍ୟ ହେଉଛି ଏକ ନିର୍ଭରଯୋଗ୍ୟ ଉପାଦାନ । ଏହି ଲୋକ ସାହିତ୍ୟ, ପରମ୍ପରାନୁସାରେ ପୁଷ୍ଟ ଓ ପରିବର୍ଦ୍ଧିତ । ଶିଖିବାର ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ଔପଚାରିକତା ନ ରଖି ଦେଖିଶୁଣି ଓ ଅଭ୍ୟାସ କରି ପୁରୁଷାନୁକ୍ରମେ ଏହା ପ୍ରସାରିତ ହୁଏ । କଥକ ବା ଗାୟକର ନିଜସ୍ୱ ଶୈଳୀରେ ଏହାର କଳା କୌଶଳ ସଂରଚିତ ହୁଏ । ଶାଶ୍ୱତ ପ୍ରକୃତି କୋଳରୁ ସାଉଟାହୁଏ ଉପାଦାନର ବିବିଧ ସାମଗ୍ରୀ । ଏହା କ୍ରମବିକାଶ ଲାଭ କରେ ପରବର୍ତ୍ତୀ ପର୍ଯ୍ୟାୟରେ । ବାସ୍ତବ ଘଟଣାର କାବ୍ୟିକ ରୂପାନ୍ତରଣ ଘଟି କାଳାନୁକ୍ରମେ ତାହା ପରିବର୍ତ୍ତିତ ହୁଏ ଲୋକ ସାହିତ୍ୟରେ ।

ପ୍ରଜାତିକ ଜନ ସମୁଦାୟ ମଧ୍ୟରୁ 'ହୋ' ଜନଜାତିର ଲୋକ ମୌଖିକ ପରମ୍ପରା ଏଇ ଦୃଷ୍ଟିରୁ ଖୁବ୍ ସମୃଦ୍ଧ । ଏକ ଭୌଗୋଳିକ ପରିରେଖା ମଧ୍ୟରେ ସହୋଦରା ମୁଣ୍ଡା, ଭୂମିଜ, ସାନ୍ତାଳ ଜନଜାତି ସହ ସାମାଜିକ-ସାଂସ୍କୃତିକ ଐକ୍ୟ ରହିଥିଲେ ସୁଦ୍ଧା ଏମାନଙ୍କ ଲୋକ ପରମ୍ପରାରେ ମୌଳିକତା ଲକ୍ଷଣୀୟ । ସମୟର ପରିବର୍ତ୍ତନ ନେଇ ଲୋକ ପରମ୍ପରା ବିବର୍ତ୍ତିତ, ବିସ୍ମୃତ ହେବାରେ ଲାଗିଛି । ତଥାପି ତାଙ୍କ ସମାଜ ମଧ୍ୟରେ ଏ ପରମ୍ପରା ଅଦ୍ୟାବଧି ପ୍ରବହମାନ ।

ଆମ ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତି ମଧ୍ୟରୁ ହୋ (କୋହ୍ଲ) ଅନ୍ୟତମ । ଓଡ଼ିଶାର କେନ୍ଦୁଝର, ମୟୁରଭଂଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଏମାନେ ବହୁଳଭାବେ ବସବାସ କରି ରହୁଛନ୍ତି । କୃଷିକୁ ଏମାନେ ମୁଖ୍ୟ ଜିବିକା ହିସାବରେ ବାଛିଥିଲେ ସୁଦ୍ଧା ଖଣି ଖାଦାନରେ ଅଧିକାଂଶ କାର୍ଯ୍ୟରତ । ଏକ ବଳିଷ୍ଠ, କର୍ମକୁଶଳୀ ଜାତି ହିସାବରେ ଏମାନେ ପ୍ରଖ୍ୟାତ । ଓଡ଼ିଶା ବ୍ୟତିରେକ ଝାରଖଣ୍ଡର ସିଂଭୂମ ଜିଲ୍ଲାରେ ଏମାନେ ବହୁଳାଂଶରେ ବାସ କରିଥାନ୍ତି ।

ଅଷ୍ଟ୍ରିକ ଭାଷା ପରିବାର ଅର୍ନ୍ତଭୁକ୍ତ ଉତ୍ତର ମୁଣ୍ଡା ଗୋଷ୍ଠୀରେ ଏମାନଙ୍କ ଭାଷାକୁ ସ୍ଥାନୀତ କରାଯାଇଛି । ଭାଷିକ ସୂତ୍ରରେ ମୁଣ୍ଡା, ସାନ୍ତାଳ ସହ ଭଗିନୀ ସଂପର୍କ ରହିଛି । ଏପରିକି ମୁଣ୍ଡା ଭାଷାର/ଡ଼/ଧ୍ୱନି 'ହୋ'ରେ ଲୋପ ହୋଇ/ହୋଡ଼ୋ/ହୋ/ରେ ପରିବର୍ତ୍ତିତ ହେବା ଛଡ଼ା ଅନ୍ୟ ବିଶେଷ ପାର୍ଥକ୍ୟ ନଥିବାର ଭାଷା ବିଜ୍ଞାନୀମାନଙ୍କର ମତ ।

ହୋ ଜନସମୁଦାୟ ଶିକ୍ଷା ପ୍ରାପ୍ତ ହୋଇ ଆତ୍ମ ସଚେତନ ହେବାରେ ଲାଗିଛନ୍ତି । ସହଜେତ ଏମାନେ ଗୋଷ୍ଠୀ ବଦ୍ଧ ଜୀବନଯାପନ କରିଥାନ୍ତି । ଏହି ଗୋଷ୍ଠୀ ଭାବକୁ ବଜାୟ ରଖିବାକୁ କେତେକ ଆତ୍ମ ସଚେତନ ଗୋଷ୍ଠୀ ହୋ ଭାଷାର ଏକ ସ୍ୱତନ୍ତ୍ର ଲିପି 'ଲାକୋ ବୋଦ୍ରା' କର୍ତ୍ତୃକ ପ୍ରଚଳନ କରିଛନ୍ତି । ଏହି ଲିପିକୁ 'ୱାରାଂଚିତି' ହିସାବରେ ନାମିତ କରି ସେଇ ଲିପିରେ ପ୍ରାଥମିକ ପୁସ୍ତକ ପ୍ରଣୟନ କରି ପ୍ରସାର ପାଇଁ ଉଦ୍ୟମ ଜାରି ରହିଛି । ଲିପି ସହ ତାଙ୍କ ସଂସ୍କୃତିର ଲୋକ ପରମ୍ପରାର ସଂଗ୍ରହ ଓ ପ୍ରକାଶନ ଅନେକ ଶିକ୍ଷିତ ଗୋଷ୍ଠୀ କରୁଛନ୍ତି ।

ଅନ୍ୟାନ୍ୟ ଲୋକସାହିତ୍ୟର ସଂଗ୍ରହ ପରି ମିଶନାରୀମାନଙ୍କ ଆଗମନ ଉପରାନ୍ତ ହିଁ ହୋ ସାହିତ୍ୟ ସଂଗ୍ରହର ପଥ ଉନ୍ମୁକ୍ତ ହେଲା । ଦେଖିବାକୁ ଗଲେ ଉନବିଂଶ ଶତାବ୍ଦୀ ପୂର୍ବରୁ ଏହି ସାହିତ୍ୟ ସଂଗ୍ରହରେ ଲିଖିତ ରୂପ ଉପଲବ୍ଧ ହେଉନଥିଲେ । ଇଂରେଜ ମିଶିନାରୀଙ୍କ ଦ୍ୱାରା କାଁଭାଁ ହୋ ଲୋକ ସାହିତ୍ୟ ସଂଗ୍ରହ ପ୍ରକାଶିତ ହେଉଥିବା ବେଳେ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ E.T. Dalton, W.B. Archer, L. Burow, P.H. Bompas ପ୍ରମୁଖଙ୍କ ଦ୍ୱାରା ଏହାପୁଷ୍ଟ ହେଲା । ପରେ ପରେ ବିଧିବଦ୍ଧ ଭାବରେ ହୋ ଲୋକ ସାହିତ୍ୟର ବିବିଧ ଦିଗ ଉନ୍ମୋଚିତ ହେଲା । ଶ୍ରୀ ଶରତଚନ୍ଦ୍ର ରାୟ, ଡକ୍ଟର ଧୀରେନ୍ଦ୍ର ନାଥ ମଜୁମଦାର, ଶ୍ରୀ ସୁକୁମାର ହାଇଦାର, କାହ୍ନୁରାମ ଦେଓଗାମ ପ୍ରମୁଖ ବିଦ୍ୱାନମାନଙ୍କ ଦ୍ୱାରା ୧୯୧୫ରୁ ୧୯୨୬ ମଧ୍ୟରେ Journal of Bihar and Orissa Research Society, Man in India, Journal of the Anthropological society of Bombay, Journal of Asiatic Society of Bengal ପ୍ରମୁଖ ସଂସ୍ଥା ଏବଂ ଖ୍ୟାତି ପ୍ରାପ୍ତ ପତ୍ର ପତ୍ରିକାରେ ହୋ ସଂସ୍କୃତି, ସାହିତ୍ୟ, ଭାଷା ଉପରେ ବିଭିନ୍ନ ଲେଖା ବାହାରି ଆଲୋଚନାର ଦିଗ ପ୍ରସାରିତ ହେଲା ।

ଏହାଛଡ଼ା ସ୍ଥାନୀୟ ପତ୍ର-ପତ୍ରିକା ଯଥା Dr. S.K. Tiyuଙ୍କ ଦ୍ୱାରା ପ୍ରକାଶିତ "ତୁରତୁଙ୍ଗ୍", "ସାଆଁୟା", "ମାର୍‌ସାଲ୍" ମଧ୍ୟ ହୋ ଲୋକ ସାହିତ୍ୟ ପ୍ରକାଶନରେ ପ୍ରମୁଖ ସ୍ଥାନ ଗ୍ରହଣ କଲେ । ତତ୍‌କାଳୀନ ବିହାର ସରକାରଙ୍କ ଜନ ସଂପର୍କ ବିଭାଗ ଦ୍ୱାରା ପ୍ରକାଶିତ "ଆଦିବାସୀ" ଓଡ଼ିଶା ସରକାରଙ୍କର ତତ୍‌କାଳୀନ "ଆଦିବାସୀ ଗବେଷଣା ପରିଷଦ" ବା ଅନୁସୂଚିତ ଜନଜାତି ଓ ଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ "ଆଦିବାସୀ" ପତ୍ରିକା ଏବଂ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହୋ ଲୋକ ସଂସ୍କୃତିର ବିଭିନ୍ନ ବିଭାବ ଉପରେ ଆଲୋକପାତ କରି ଆସୁଛନ୍ତି ।

ହୋ ସମାଜ ଓ ସଂସ୍କୃତି ଚର୍ଚ୍ଚାର ପରିସର ବ୍ୟାପକ । ମିଶନାରୀ ସମୟରୁ ଆରମ୍ଭ କରି ସ୍ୱାଧୀନତା ଉପରାନ୍ତ ବିଭିନ୍ନ ସରକାରୀ ଓ ବେସରକାରୀ ଉଭୟ ସ୍ତରରୁ ଏମାନେ ଚର୍ଚ୍ଚିତ । ତେବେ ସଂସ୍କୃତି ଉପରେ ଯେତେ ବ୍ୟାପକ ଚର୍ଚ୍ଚା ହେବାର କଥା ତାହା ହୋଇ ପାରିନାହିଁ । ସାଂସ୍କୃତିକ

ଉପାଦାନ ଅଛି ମାତ୍ର ତାର ଅନ୍ତଃ ପ୍ରକ୍ରିୟାର ଆକଳନ ଅଦ୍ୟାବଧି ଖୁବ୍ କ୍ୱଚିତ୍ ହୋଇଛି ।

ହୋ ମାନେ ଏକ ଯୁଦ୍ଧ ପ୍ରବଣ (ଲାର୍କା କୋଲ୍) ଜାତି ହିସାବରେ ପରିଚିତ । ନିଜ ସ୍ଥିତି ସାବ୍ୟସ୍ତ କରିବାକୁ ସେମାନଙ୍କୁ ସମୟ ବିଶେଷରେ ସାମନ୍ତବାଦୀ ରାଜା ଏବଂ ଜମିଦାରଙ୍କ ଶୋଷଣ ବିରୁଦ୍ଧରେ ଏକଯୁଟ ହୋଇ ସଂଘର୍ଷ କରିବାକୁ ପଡ଼ିଛି । ହୋମାନଙ୍କ ଏହି ଗୋଷ୍ଠୀ ସଚେତନତା ହିଁ ତାଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି । ପିତୃ ପ୍ରଧାନ ସମାଜରେ ଏକ ଗୋତ୍ର (କିଲି) ମଧ୍ୟରେ ତାଙ୍କ ଜମି ମାଲିକାନା ବା ଅର୍ଥ ବ୍ୟବସ୍ଥାକୁ ବାନ୍ଧି ରଖିବା ଏହି ଗୋଷ୍ଠୀ ଜୀବନର ନମୁନା । ନିଜର ସାମାଜିକ ବ୍ୟବସ୍ଥା ଖୁବ୍ ଦୃଢ଼ ହୋଇଥିବାରୁ ଗୋତ୍ର ବାହାରେ ବିବାହ କାର୍ଯ୍ୟ ସଂପନ୍ନ କରାଇଥାନ୍ତି । ଏହାର ବ୍ୟତିକ୍ରମରେ ସମାଜ ତାଙ୍କ ପ୍ରତି ଦଣ୍ଡବିଧାନର ବ୍ୟବସ୍ଥା କରିଛି । ତେଣୁ ତାଙ୍କ ଲୋକକଥା, ମିଥ୍ ସମୂହ ସମୁଦାୟ ବିଶେଷର ସାମୁହିକ ଜୀବନ ଚର୍ଯ୍ୟାର ସାଂସ୍କୃତିକ ବୈଶିଷ୍ଟ୍ୟକୁ ଅଭିବ୍ୟକ୍ତ କରିଥାଏ ।

ପୂର୍ବରୁ ଏକ ଯାଯାବର ଗୋଷ୍ଠୀ ହିସାବରେ ଏମାନେ ପ୍ରାୟତଃ ଅନ୍ୟାନ୍ୟ ଗୋଷ୍ଠୀ ସହ ସଂଘର୍ଷରେ ଲିପ୍ତ ରହୁଥିଲେ । ଶିକାର ଓ ବଣ ସହ ଅଭ୍ୟସ୍ତ ଏହି ଜାତି ପ୍ରକୃତି ସଂପର୍କିତ ହୋଇ କାଳାନୁସାରେ ପଶୁ,ପକ୍ଷୀ,ବଣ-ପର୍ବତ, ନଦୀ-ଝରଣାକୁ ଗୋତ୍ର ପ୍ରତୀକ ହିସାବରେ ଗ୍ରହଣ କରି ନେଇଥିବାର ଜଣାଯାଏ । ଗୋତ୍ରର ଉତ୍ପତ୍ତି ସଂକ୍ରାନ୍ତ ମିଥ୍ ସମୂହକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ବାରିହୁଏ । ଯଥା 'ଦେଓଗାମ' ପକ୍ଷୀରୁ ଦେଓଗାମ ଗୋତ୍ର, ଅଶ୍ୱସ୍ତ ବୃକ୍ଷରୁ କାଇଲା ଗୋତ୍ର ଝରଣାରୁ 'ଜାମୁଦା' ଗୋତ୍ରର ପ୍ରଚଳନ ।

ଏମାନଙ୍କ ସଂସ୍କୃତିରେ ଜାତ ସଂସ୍କାର ମଧ୍ୟ ଏକ ମହାନ ପରମ୍ପରା । ପୂର୍ବ ପୁରୁଷଙ୍କ ସ୍ମୃତିରେ ନବଜାତକର ନଅଦିନରେ ନରତା ପାଳନ ପରେ ଏକ ମାସ ମଧ୍ୟରେ ନାମ କରଣ ବିଧି ପାଳିତ ହୁଏ । ମୃତ ବା ଜୀବିତ ଜେଜେବାପା, ଜେଜେ ମାଁ ବା ଅଜା ଆଈଙ୍କ ନାମକୁ ମୁଖ୍ୟତଃ ବଛା ଯାଇଥାଏ । ତେବେ ନାମକରଣରେ ପରିବାରର ଅନ୍ୟମାନଙ୍କ ନା ଦେବାରେ ଆପତ୍ତି ନଥାଏ ।

ଏହିପରି ହୋ ବିବାହ ସଂସ୍କାରରେ ମଧ୍ୟ ପ୍ରଥାନୁସାରୀ ଓ ଗୋଷ୍ଠୀ ଜୀବନର ସୂଚନା ମିଳିଥାଏ । ପିତୃ ପ୍ରଧାନ ସମାଜରେ ପିତୃକୂଳର ବଂଶ/ ଗୋତ୍ରରେ କନ୍ୟା ଅଂଶ ବିଶେଷ ହୋଇ ରହେ ।

ହୋ ବିବାହରେ କନ୍ୟାପଣ ଦିଆଯିବା ବା କନ୍ୟାସୁନା ନେବା ପରମ୍ପରା ରହିଛି । ଝିଅକୁ ହୋ ସମାଜ ବୋଝ ବୋଲି ଭାବେନା । ଏଣୁ ବିବାହ ପ୍ରସ୍ତାବ ଝିଅ ଘରୁ ଦିଆଯାଏ ନାହିଁ । ବିବାହ ପ୍ରସ୍ତାବ ପୁଅ ଘରୁ ହିଁ ଆସେ । ବିବାହ ବେଳେ ବରକନ୍ୟାଙ୍କୁ ତେଲ ହଳଦୀ ମଖେଇବା ଚଳଣି ଅଛି । ତା'ପରେ ବର କନ୍ୟା କପାଳରେ ସିନ୍ଦୂର ଘଷି ତାକୁ ସ୍ତ୍ରୀ ରୂପେ ଗ୍ରହଣ କରେ । କନ୍ୟା ମଧ୍ୟ ବର କପାଳରେ ସିନ୍ଦୂର ଘଷି ସ୍ୱାମୀ ରୂପେ ଗ୍ରହଣ କରେ । ବର କନ୍ୟାର Wristରେ ଲୁହାଖଡୁ ପିନ୍ଧାଇ ବିବାହିତ ସ୍ତ୍ରୀର ସଙ୍କେତ ଦିଏ । ସ୍ତ୍ରୀ ବଞ୍ଚିଥିବା ଯାକେ ଏ ଲୁହା ଖଡୁକୁ ପିନ୍ଧିଥାଏ । ସ୍ୱାମୀର ମୃତ୍ୟୁ ବା ଛାଡ଼ପତ୍ର ପରେ ହିଁ ଏହାକୁ ତ୍ୟାଗ କରେ ।

କୋହ୍ଲ ସମାଜରେ ବିଧବା ବା Divorceeର ପୁନଃ ବିବାହ କରିବାରେ କିଛି ଅସୁବିଧା ନାହିଁ ।

ନୂଆ ବୋହୂ ଆସିଲା ପରେ "ବୋହୂଭାତ" ବା ଭୋଜିର ବନ୍ଦୋବସ୍ତ ହୁଏ । ଏହାକୁ "ଜମ୍ ଇସିନ" କୁହାଯାଏ । ନୂଆ ବୋହୂ ହାତ ରନ୍ଧା ଖାଦ୍ୟ ଖାଇବା । ନୂଆ ବୋହୂକୁ ସମାଜ ବା ପରିବାର ଗ୍ରହଣ କଲାପରେ ଘରର ପୂର୍ବଜମାନେ ତାକୁ ଗ୍ରହଣ କରିବା ଦରକାର । ଏଣୁ ସେଦିନ ଗୋଟିଏ କୁକୁଡ଼ାକୁ ରୋଷେଇ ଘରେ ବଳି ଦିଆଯାଏ ଏବଂ ପୂର୍ବଜଙ୍କ ଆତ୍ମାସବୁକୁ ନୂଆ ବୋହୂକୁ ପରିବାରର ସଦସ୍ୟ ରୂପେ ଗ୍ରହଣ କରିବାକୁ ନିବେଦନ କରାଯାଏ । ଏହାପରେ ନୂଆ ବୋହୂ ରୋଷେଇ ଘରେ ପଶି ନୂଆ ହାଣ୍ଡିରେ ଭାତ ତରକାରୀ ରାନ୍ଧି ପରିବାରର ସମସ୍ତଙ୍କୁ ଏବଂ ଅତିଥିମାନଙ୍କୁ ପରସି ଖାଇବାକୁ ଦେଇଥାଏ ।

ହୋ ସମାଜରେ ମୃତ ବ୍ୟକ୍ତିକୁ ନିଜ ଘର ବାଡ଼ି ବଗିଚାରେ ବା ଘର ଅଗଣାରେ ପୋତାଯାଏ ବା ଶବଦାହ କରାଯାଏ । ଶବଦାହ ପରେ ତାର ଅସ୍ଥି ସଂଗ୍ରହ କରି ଅଗଣାରେ ପୋତି ଦିଆଯାଏ । ମୃତ୍ୟୁ ହେବାର ଦଶଦିନ ମଧ୍ୟରେ ମୃତ ଆତ୍ମାକୁ (ଉମ୍ବୁଲ ବା ରଆକୁ) ଡାକିଆଣି ପରିବାରର ରୋଷେଇ ଘରେ ସ୍ଥାପନା କରାଯାଏ । ଏହାକୁ ଉମ୍ବୁଲ ଆଦେର କୁହାଯାଏ ।

ଏହି ଶୁଦ୍ଧିକ୍ରିୟାକୁ "ସାବ୍‌ସିଃ" କୁହାଯାଏ । ଅପମୃତ୍ୟୁ ହୋଇଥିବା ଲୋକଙ୍କ ଆତ୍ମାକୁ ଆଦିଂରେ ସ୍ଥାପନା କରାଯାଏ ନାହିଁ । ବସନ୍ତ, ହଇଜା, କୁଷ୍ଠରୋଗ, ଆତ୍ମହତ୍ୟା, ଗଛରୁ ପଡ଼ି, ପାଣିରେ ବୁଡ଼ି, ସାପ ଦଂଶନ, ବାଘ କାମୁଡ଼ାରେ ମୃତ୍ୟୁ ହୋଇଥିବା ଲୋକଙ୍କ ଆତ୍ମାକୁ ରୋଷେଇ ଘରେ ସ୍ଥାନ ଦିଆଯାଏନାହିଁ । ପାପ ବା ପୁଣ୍ୟର ଧାରଣା ହୋମାନଙ୍କ ନାହିଁ । ସ୍ୱର୍ଗ ବା ନର୍କରେ ମଧ୍ୟ ସେମାନେ ବିଶ୍ୱାସ କରନ୍ତି ନାହିଁ । ମୃତ୍ୟୁ ପରେ ଆତ୍ମା ବା ଉମ୍ବୁଲକୁ ଆଦିଂରେ ସ୍ଥାନ ମିଳିବାହିଁ ହେଉଛି ସ୍ୱର୍ଗପ୍ରାପ୍ତି । ମର ଶରୀରକୁ ପୋତା ଯାଇଥିବା ସ୍ଥାନରେ ସ୍ମୃତି ରୂପେ ଗୋଟିଏ ଚେପଟା ପଥର ଥୁଆ ହୁଏ । ଏହି ଶୁଦ୍ଧିକ୍ରିୟାକୁ ଦିରିତେନ୍‌ତପା କୁହାଯାଏ । ହୋମାନଙ୍କର ପୁନର୍ଜନ୍ମରେ ମଧ୍ୟ ବିଶ୍ୱାସ ଅଛି ।

ସିଂବଙ୍ଗା ହେଉଛନ୍ତି ଏମାନଙ୍କ ସର୍ବୋଚ୍ଚ ଦେବତା । ଏହାଛଡ଼ା ପ୍ରତ୍ୟେକ କିଲି (ଗୋତ୍ର)ର ଅଲଗା ଅଲଗା ପ୍ରଧାନ ଦେବତା ଅଛନ୍ତି । ଯାହାକୁ "ମାରାଂବଂଗା" କୁହନ୍ତି । ମୃତ ପୂର୍ବଜଙ୍କ ଆତ୍ମାକୁ ଅଆଃ-ଗଏକ ବା ହାମ୍ ହକ-ଦୁମ୍‌ହକ କୁହାଯାଏ । ଏମାନଙ୍କୁ ପରିବାରର ଦେବତା ରୂପେ ଗ୍ରହଣ କରାଯାଇଛି । ଗାଁ ଦେବତାଙ୍କୁ ଦେସାଉଲି ବଂଗା ବା ହାତୁ ଗରାମ କୁହାଯାଏ । ଗାଁ ଦେବତାଙ୍କୁ ସେବା ପୂଜା ପାଇଁ 'ଦିଉରି' ଅଛନ୍ତି । ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଶୁ ପକ୍ଷୀଙ୍କ ବଳି ଦିଆଯାଏ ।

ହୋମାନେ ପର୍ବପର୍ବାଣୀରେ ମାଂସ ଭାତ ଖାଇ-ହାଣ୍ଡି ରାସି ପିଇ ମଉଜ ମଜଲିସ କରନ୍ତି । ପର୍ବ ପର୍ବାଣୀ ସବୁ ହେଲା-ମାଗେ ପରବ, ବା ପରବ, ହେରଃ ପରବ, ଜମ୍ ନାମା ପରବ ଇତ୍ୟାଦି ।

ହୋ ଲୋକଙ୍କ ମୁଖ୍ୟ ଜୀବିକା ହେଲା କୃଷି । କୃଷିରେ ଧାନ ହେଲା ମୁଖ୍ୟ ଫସଲ । ଧାନ ଅମଳ ପରେ ମାଘ ମାସରେ ମାଗେ ପରବକୁ ଧୁମ୍ ଧାମ୍‌ରେ ସାତ ଦିନ ଧରି ପାଳନ୍ତି । ଅଲଗା ଅଲଗା ଗାଁରେ ଅଲଗା ଅଲଗା ଦିନରେ ମାଗେ ପରବ ପାଳିତ ହେଉଥିବାରୁ ଭଉଣୀ, ପିଉସୀ, ମାମୁଁ ଇତ୍ୟାଦି ବନ୍ଧୁ ବାନ୍ଧବଙ୍କୁ ମାଗେ ପରବରେ ନିମନ୍ତ୍ରଣ କରାଯାଏ । ଏହି ପରବରେ ନାଚ ଗୀତ ହୁଏ । ଗୀତ ଗାଇଲା ବେଳେ ବଇଁଶି ଓ କେନ୍ଦେରା ସୁର ଶୁଣିବାକୁ ମିଳେ । ନାଚ ବେଳେ ମାଦଳ ଓ ନାଗରା ବାଜେ ।

ମାଘ ପରେ ଆସେ ଫାଲଗୁନ୍ ମାସ । ଗଛରେ ପତ୍ର କଅଁଳେ, ଫୁଲ ଧରେ ଓ ଫଳ ହୁଏ । ଏହି ଫୁଲ ଓ ଫଳକୁ ହୋମାନେ ଅର୍ପଣ କରନ୍ତି ଦେବ ଦେବୀଙ୍କୁ ବା ପରବରେ । ବା ପରବରେ ମହୁଲ, ଶାଳଫୁଲ, ଆମ୍ବଫଳ ଇତ୍ୟାଦି ପୂଜାରେ ଲାଗେ । ଘରେ ଘରେ ମସୁର ଡାଲିର ତରକାରୀ, ଚିଙ୍ଗୁଡ଼ି ମାଛର ତରକାରୀ ହୁଏ । ହାଣ୍ଡିଆ ରାସି ନିଶ୍ଚିତ ଭାବେ ହୁଏ । ବା ପରବରେ ଗାଉଥିବା ଗୀତର ବଭିନ୍ନ ଢାଦୁର ତାଳ ଅଛି । ତାଳକୁ ନେଇ ଅଲଗା ଅଲଗା ଶୈଳୀର ନାଚ ହୁଏ । ବା ପରବର ଗୀତର ସୁର ବହୁତ ମଧୁର ହୋଇଥାଏ । ଆଷାଢ଼ ଶ୍ରାବଣ ମାସରେ ହେରଃ ପରବ ପାଳିତ ହୁଏ । ଏହି ପରବରେ ବୋଦା ବଳି ଢାହିରାରେ ଦିଆଯାଏ । ବଳି ମାଂସ କେବଳ ପୁରୁଷମାନେ ଖାଆନ୍ତି । ସେ ମାଂସକୁ ବାହାରେ (ଘରୁ ବାହାରେ) ରାନ୍ଧି କରି ଖିଆଯାଏ । ହେରଃ ପରବର ଗୀତର ସୁର ଅଲଗା ଓ ମାଦଳ ତାଳ ମଧ୍ୟ ଅଲଗା । ହେରଃ ପରବରେ ଗ୍ରାମ ଦେବତାଙ୍କୁ ନିବେଦନ କରାଯାଏ – ସେ ଧାନ ଗଛକୁ ବହିଃ ଆକ୍ରମଣରୁ ରକ୍ଷା କରିବା ପାଇଁ, ବହିଃ ଆକ୍ରମଣ ହେଲା - କୀଟ ପତଙ୍ଗ, ପଶୁ ପକ୍ଷୀ ।

ପ୍ରଥମ ଧାନ ଅମଳ ହୁଏ ଗୋଡ଼ା ଧାନରୁ । ନୂଆ ଧାନରୁ ଚୂଡ଼ା ତିଆରି କରି ଭେଲିଆ ପତ୍ରରେ ଦେବ ଦେବୀଙ୍କୁ ଅର୍ପଣ କରାହୁଏ । ଏହି ପରବକୁ ଜମ୍‌ନାମା ପରବ କୁହାଯାଏ । (ନୂଆ ଖାଇ ପରବ) । ହୋମାନେ ପରମ୍ପରାକୁ ମାନିକି ଚଳନ୍ତି । ନୂଆ ଫୁଲ ହେଉକି, ନୂଆ ଫଳ ହେଉ ବା ନୂଆ ଶସ୍ୟ ହେଉ ତାହାକୁ ପ୍ରଥମେ ଦେବଦେବୀଙ୍କୁ ଅର୍ପଣ କରନ୍ତି, ପରେ ହୋମାନେ ସେ ସବୁକୁ ନିଜପାଇଁ ବ୍ୟବହାର କରନ୍ତି ।

(ପୁଅ) ପୁରୁଷମାନେ ହିଁ ବାପାଙ୍କ ସ୍ଥାବର ସମ୍ପତ୍ତିକୁ ଉତ୍ତରାଧିକାର ସୂତ୍ରରେ ପାଆନ୍ତି । ଝିଅମାନଙ୍କୁ ସେ ଅଧିକାର ହୋମାନେ ଦେଇ ନାହାନ୍ତି । ଅବିବାହିତ ଝିଅ ବା ବିଧବା ସ୍ତ୍ରୀ ବଞ୍ଚିଥିବା ଯାଏ ସ୍ଥାବର ସମ୍ପତ୍ତିକୁ ଭରଣପୋଷଣ ପାଇଁ ଉପଭୋଗ କରନ୍ତି । ସ୍ତ୍ରୀଲୋକେ ବିକ୍ରୀ କରି ଜମିକୁ ହସ୍ତାନ୍ତର କରି ପାରନ୍ତିନାହିଁ । ତାଙ୍କର ବିଶ୍ୱାସ ଜମି ହେଉଛି କୁଳର । ତାହା କୁଳର ଲୋକମାନଙ୍କୁ ହିଁ ମିଳିବ । ଝିଅମାନେ ବିବାହ ପରେ ଅନ୍ୟ କୁଳକୁ ଯାଉଥିବା ହେତୁ ଜମି ଉତ୍ତରାଧିକାର ସୂତ୍ରରେ ପାଆନ୍ତି ନାହିଁ ।

କୋହ୍ ସ୍ତ୍ରୀମାନେ ଲିପା ପୋଛା କରି ଘର ଦ୍ୱାର ଅଗଣାକୁ ସଫା ସୁତରା ରଖିଥାନ୍ତି । ଘରର ବାସନ କୁସନକୁ ମଧ୍ୟ ଘସି ମାଜି ଚିକ୍କଣ କରି ରଖିଥାନ୍ତି ।

ହୋମାନେ ଅତିଥି ପରାୟଣ । ଅତିଥିଙ୍କୁ ସମ୍ମାନର ସହିତ ସ୍ୱାଗତ କରନ୍ତି । ଅତିଥି ଆସିଲା ମାତ୍ରେ ବସିବାକୁ ଆସନ ଦିଅନ୍ତି । ଆସନ ଗ୍ରହଣ କଲାପରେ ସ୍ତ୍ରୀ ଲୋକମାନେ ନମସ୍କାର କରି ଲୋଟାପାଣି ଦିଅନ୍ତି ଗୋଡ଼, ହାତ, ମୁହଁ ଧୋଇବା ପାଇଁ, ସେମାନେ ଅପେକ୍ଷା କରି ରହନ୍ତି, ଲୋଟାକୁ ଅତିଥିମାନଙ୍କ ପାଖରୁ ଫେରେଇ ନେବା ପାଇଁ । ସେତିକି ବେଳେ ମଧ୍ୟ ନମସ୍କାର କରନ୍ତି ଅତିଥିଙ୍କୁ । ଏହାପରେ ପୁରୁଷ ଲୋକମାନେ ଆସି ଧୂଆଁପତ୍ର, ନିଆଁ ଦିଅନ୍ତି ପୁରୁଷ ଅତିଥିଙ୍କୁ ନମସ୍କାର କରି । କେତେକ ବିଶେଷ ଉପଲକ୍ଷେ ବେଳେବେଳେ ଅତିଥିଙ୍କ ଗୋଡ଼ ଧୋଇ ଦେବା ପରମ୍ପରା ମଧ୍ୟ ଅଛି । ଅତିଥିଙ୍କୁ ଏକାକୀ ବସିବାକୁ ଛାଡ଼ି ଦିଆଯାଏ ନାହିଁ । ଘରର କେହିନା କେହି ଅତିଥିଙ୍କ ସହିତ ସୁଖଦୁଃଖ ହୁଅନ୍ତି ।

ହୋ ଲୋକ ମୁଖରେ ପ୍ରଚଳିତ ଅଛି "ସେନ୍‌ଗେ ସୁସୁନ୍ କାଜିଗେଦୁରାଂ" ଅର୍ଥାତ୍ ଚାଲିଲେ ନାଚ କହିଲେ ଗୀତ । ଏହାର ଯଥାର୍ଥତା ମଧ୍ୟ ରହିଛି । ନୃତ୍ୟ ସଂଗୀତ ପ୍ରବୀଣ ହୋ ସମାଜର ସାଂସ୍କୃତିକ ଗଢ଼ଣ ଏହିପରି । ପ୍ରତ୍ୟେକ ମୁହୂର୍ତ୍ତ ତାଙ୍କର ଚଳଚଞ୍ଚଳ । ଗୀତିମୟ । ଦୁଃଖରେ, ସୁଖରେ ପୂଜା ପାର୍ବଣରେ କୃଷି କର୍ମରେ ଗୃହ କାର୍ଯ୍ୟରେ ସବୁଠି ଗୀତ ନାଚର ଆସର । ଏମାନଙ୍କ ସଂସ୍କୃତିର ଦୁଇ ପ୍ରମୁଖ ଉପାଦାନ "ବିବାହ" ଏବଂ "ପରବ" ତାଙ୍କ ଜୀବନର ସାଂଗିତିକତାକୁ ଉପଲବ୍ଧ କରିବାର ମହାମୁହୂର୍ତ୍ତ । ଏହାର ଅଭାବରେ ହୋ ଲୋକ ପରମ୍ପରା ଅସଂପୂର୍ଣ୍ଣ । ହୋ ବିବାହ ତଥା କେତେକ ମୁଖ୍ୟ ପର୍ବରେ ଏମାନଙ୍କ ଲୋକ ସଂଗୀତର ସ୍ପନ୍ଦନ କିପରି ଛନ୍ଦାୟିତ ତାହା ଦର୍ଶାଯାଇଛି ।

ହୋ ଭାଷାରେ ବିବାହମାନେ ଆଁଦି । ବିଭିନ୍ନ କିସମର 'ହୋ' ବିବାହ ହେଲା ।

(୧) Arrange Marriage ଯାହାକୁ ଗଂ ଆଁଦି, କିରିଂଆଁଦି; ବା ବାପାଲା ଆଁଦି କହନ୍ତି । ଏହା ସାଧାରଣତଃ ପୁଅ ଘରେ ହୁଏ । ଝିଅ ଘରେ ହେଉଥିବା ବା ବ୍ରାହ୍ମଣର ସହାୟତରେ ହେଉଥିବା ବିବାହକୁ "ଦିକୁ ଆଁଦି କହନ୍ତି ।"

୨) : Elopement by mutual consent of couple, usually referred to as kepeya(କେପେୟା)

୩) Holding back a girl visiting a village to be wife of a man of the village. Referred to as "Sasang Ura"(ସାସାଙ୍ଗ ଉରା)

୪) Taking a girl from a market place, or a feast without her Previous consent, referred to as oportipi (ଅପରତିପି) ।

ହୋ ବିବାହରେ କନ୍ୟାସୁନା (Bride Price)ଦେବା- ନେବା ପ୍ରଥା ପ୍ରଚଳନ ଅଛି । ଯାହାକୁ ହୋ ଭାଷାରେ ''ଗନଂ'' କୁହାଯାଏ । ବିବାହର ପ୍ରଥମ ସୋପାନକୁ ଗନଂସିଡ୍ ବାପାଲା କୁହାଯାଏ – କନ୍ୟାସୁନା ଦେବା ନେବା କଥା ଝିଅର ମାଁ ଘରେ ଫଏସଲା ହୁଏ । Preeminary Equiry ପରେ (କୁଲି କାଜି) ଝିଅକୁ ଓ ଝିଅ ଘର ପସନ୍ଦ ହେଲେ ବରପକ୍ଷ ଦୁତାମ୍ କାର୍‌ଜି ବା ରାଏବାରର ସହାୟତାରେ ଝିଅ ଘରେ ବିବାହ ପ୍ରସ୍ତାବ ପକାନ୍ତି । ବରପକ୍ଷ ନିର୍ଦ୍ଦିଷ୍ଟ ଦିନରେ (ପୂର୍ବ ନିର୍ଦ୍ଧାରିତ) ଝିଅ ଘରକୁ ଆସି ବିବାହ ପ୍ରସ୍ତାବ ପକାନ୍ତି । ବିବାହ ପ୍ରସ୍ତାବ କେବେ ହେଲେ ଝିଅ ଘରୁ ଆସେ ନାହିଁ । ଏପରି ହେଲେ ସମାଜ ଓ ବରପକ୍ଷ ତାକୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି । ଏଣୁ ବିବାହ ପ୍ରସ୍ତାବ ସଦାବେଳେ ପୁଅ ଘରୁ ହିଁ ଆସେ ।

ପୁଅ ଘରୁ ନିର୍ଦ୍ଧାରିତ ଦିନ ହାଣ୍ଡିଏ ହାଣ୍ଡିଆ ସାଥିରେ ନେଇ ସ୍ତ୍ରୀ ଓ ପୁରୁଷ ବିବାହ ପ୍ରସ୍ତାବ ପକେଇବାକୁ ଝିଅ ଘରକୁ ଆସନ୍ତି । ଏ ବିବାହ ପ୍ରସ୍ତାବ ଆଣିବା ପୂର୍ବରୁ ପୁଅର ମାମୁଁ, ପିଉସୀ ଓ ଭଉଣୀଙ୍କ ମତାମତ ଓ ସହମତି ବରପକ୍ଷ ନେଇଥାନ୍ତି । ପରିବାରର ବନ୍ଧୁମାନଙ୍କ ସହମତି ପାଇଲା ପରେ ବରପକ୍ଷ ତାଙ୍କୁ ମଧ୍ୟ ସାଙ୍ଗରେ ନେଇ ଆସିଥାନ୍ତି ।

ସେପଟେ ଝିଅର ମାମୁଁ/ମାଇଁ, ପିଉସୀ/ପିଉସା, ଦିଦି/ଭିଣୋଇଙ୍କୁ ନିମନ୍ତ୍ରିତ କରି ଅଣାଯାଇଥାଏ । ବିବାହ ପ୍ରସ୍ତାବକୁ ଗ୍ରହଣ କରିବା ବା ନାକଚ କରିବା ସେମାନଙ୍କ ସହମତି ଓ ମତାମତ ଉପରେ ନିର୍ଭର କରିଥାଏ ।

ଉଭୟ ପକ୍ଷର ନିକଟ ସମ୍ପର୍କୀୟଙ୍କ ମତାମତ ଓ ସହମତି ନେଇ କୋହ୍ଲ ବିବାହ ହେଉଥିବାରୁ ଏହାକୁ ଦୁଇ ପରିବାରର ବିବାହ କୁହାଯାଇପାରେ । ଗୋଟିଏ ପରିବାର ସହିତ ବିବାହ ସମ୍ବନ୍ଧ ସ୍ଥାପିତ ହେଲା

ପରେ ଭବିଷ୍ୟତ ବଂଶଧରମାନଙ୍କର ମଧ୍ୟ ସେହି ପରିବାର ସହିତ ବିବାହ ହେବାର ରାସ୍ତା ଫିଟିଯାଏ । କୋହ୍ଲମାନଙ୍କର ପିଉସୀ/ମାମୁଁ ପୁଅ ଓ ଝିଅ ବିବାହ ପ୍ରଥା ପ୍ରଚଳନ ଅଛି ।

(ଏକ) ଲୋକଗୀତ – (ମାଗେ)

ବୁରୁନାରେଦ କୁଲାକ ମେନାଃଆ
ଗାଲାନାରେଦ ବିଙ୍ଗ୍କ ମେନାଃଆ
ନାଉରି ହାଲାଇ ମାମୁଁର ବେଟି
ମିସାଗ ଡେଲାଂଆଁ ।

ଓଡ଼ିଆ –

*ବଣ ପଟେ ଗଲେ ପଡ଼ିବୁ*
*ବାଘ ହାବୁଡ଼େ ଯାଇ*
*ସାପଦେବ ଦେବ କାମୁଡ଼ି*
*ପାରିହେଲେ ତୁ ନଇ*
*ଅବୁଝା ହୁଅନା ମୋ ମାମୁଁ ଝିଅ*
*ଡରତର ତୁ ହିଁ କେବେ ନ ହୁଅ ।*
*ଅଟକି ଯା'ଟିକେ ସାଥି ହୋଇ ଯିବା*
*ଆଉ କେଉଁ ଥିକି ନ ଥିବ ଭୟ ॥*

(୨ୟ) –

କାଇଃ କାକ ମେତାଙ୍ଗ୍ ରେୟ
ଢେତାଇଃ କାକ ମେତାଙ୍ଗ ରେୟ
ହାତ ମିଙ୍ଗାଃ ହନ୍ ଗେଟା
ଚୁଙ୍ଗିଃ ମେତାଙ୍ଗାଃ

ଓଡ଼ିଆ –

*ଯିଏ ପଛେ ଯାହା କହୁ*
*ମୋର କି ଯାଏ ।*
*ମୋ ପିଉସୀ ଝିଅ ମତେ ଚୁଙ୍ଗି ଡାକି ଦିଏ ।*
*ମୁଁ ତାକୁ ଭଲ ପାଏ ।*
*ଜାଣେ ମୋ ପାଇଁ ସିଏ ॥*

ବରପକ୍ଷର ସମସ୍ତ ନିକଟ ସମ୍ପର୍କୀୟଙ୍କ ସହମତି ଓ ସାହାଯ୍ୟ, ସହଯୋଗରେ ଏବଂ କନ୍ୟାସୁନା ଦେଇ ସମାଜର ସବୁ ରୀତି ଓ ରିଆଜକୁ ପାଳନ କରି ବିବାହ ଦେଉଥିବାରୁ ଏହାକୁ ସେମାନେ କିରିଙ୍ଗ୍ ଆଁଦି କହନ୍ତି ।

କନ୍ୟାପକ୍ଷ ମଧ୍ୟ ତାଙ୍କର ନିକଟ ସମ୍ପର୍କୀୟଙ୍କ ସହମତି, ସାହାଯ୍ୟ ଓ ସହଯୋଗ ନେଇ, କନ୍ୟାସୁନା ନେଇ ସମାଜର ସବୁ ରୀତି, ରିଆଜକୁ ପାଳନ କରି ବିବାହ ସମ୍ପନ୍ନ କରୁଥିବାରୁ ଏହାକୁ ସେମାନେ ଗଂ ଆଦି ବୋଲି କହନ୍ତି । ଗାଁ ସାହିର ବା ସମାଜର ଅନ୍ୟ ସମସ୍ତେ ଏପ୍ରକାର ବିବାହକୁ ''ବାପାଲା ଆଁଦି'' କହନ୍ତି ।

ନିର୍ଦ୍ଧାରିତ ଦିନ ବରପକ୍ଷ ଝିଅ ଘରକୁ ବିବାହ ପ୍ରସ୍ତାବ ପକାଇବାକୁ ଆସନ୍ତି । ତାଙ୍କ ସହିତ ହାଣ୍ଡିଏ ହାଣ୍ଡିଆ (ଇଲି) ନେଇକି ଆସନ୍ତି । ବରପକ୍ଷ ଝିଅ ଘରେ ପହଞ୍ଚିଲେ, ତାଙ୍କୁ ଆଦର ସମ୍ମାନର ସହିତ ସ୍ୱାଗତ କରାଯାଏ । ସେମାନଙ୍କୁ ପାଛୋଟି ଆଣି ଅଗଣା ବା ବସିବା ଘରେ ବିଛା ହୋଇଥିବା ଖଟରେ ବା ଚୌକି ଆଦିରେ ବସିବାକୁ କୁହାଯାଏ । ଝିଅ ଘରର ସ୍ତ୍ରୀଲୋକମାନେ ଆସିଥିବା ଅତିଥିମାନଙ୍କୁ ସମ୍ମାନର ସହିତ ଗୋଡ଼ ହାତ ମୁହଁ ଧୋଇବା ପାଇଁ ପାଣି ଲୋଟା ଦିଅନ୍ତି । ପାଣି ଲୋଟା ହସ୍ତାନ୍ତର କଲାବେଳେ ପାଣି ଦେଉଥିବା ସ୍ତ୍ରୀଲୋକମାନେ ଅତିଥିମାନଙ୍କୁ ଦୁଇ ହାତ ଯୋଡ଼ି ନମସ୍କାର କରନ୍ତି ଓ ଅତିଥିମାନେ ମଧ୍ୟ ପାଣି ଲୋଟା ହାତରେ ଧରିଲା ଉତ୍ତାରୁ ପ୍ରତିନମସ୍କାର କରନ୍ତି । ଗୋଡ଼, ହାତ, ମୁହଁ ଧୋଇଲା ପରେ ଅତିଥିମାନେ ଖାଲି ଲୋଟାକୁ ସ୍ତ୍ରୀଲୋକମାନଙ୍କ ହାତରେ ଧରେଇ ଦେଇ ଫେରାନ୍ତି । ଏତିକି ବେଳେ ମଧ୍ୟ ନମସ୍କାର ଓ ପ୍ରତିନମସ୍କାର ରୀତି ପାଳନ କରାଯାଏ । ଏହା ପରେ ପୁରୁଷ ଲୋକମାନେ ପୁରୁଷ ଅତିଥି ମାନଙ୍କୁ ବିଡ଼ି ବା ସିଗାରେଟ୍ ଦେଇ ନମସ୍କାର କରନ୍ତି ଏବଂ ଘରର ମୁରବୀ ମାନେ ଆସି ଅତିଥିମାନଙ୍କୁ ନମସ୍କାର କରି ସ୍ୱାଗତ କରନ୍ତି । କିଛି ସମୟ ବିଶ୍ରାମ ପରେ, ଅତିଥିମାନଙ୍କୁ ଘର ଭିତରକୁ ଡାକି ନେଇ ହାଣ୍ଡିଆ ବା ଜଳଖିଆ ଖାଇବାକୁ ଦେଇ ଆପ୍ୟାୟିତ କରନ୍ତି ।

ଅତିଥିମାନଙ୍କଠାରୁ ବିଧିବଦ୍ଧ ଭାବେ ପଚାରି ସେମାନଙ୍କର ଆସିବାର ଉଦ୍ଦେଶ୍ୟ ଆଦାୟ କରାଯାଏ । ପ୍ରଶ୍ନ ପଚାରିବା ଓ ତାର ଜବାବ ଦେବାର ଶୈଳୀ ବହୁତ ସୁମଧୁର ହୋଇଥାଏ । ବର ପକ୍ଷର ଲୋକେ

ପରେ ଭବିଷ୍ୟତ ବଂଶଧରମାନଙ୍କର ମଧ୍ୟ ସେହି ପରିବାର ସହିତ ବିବାହ ହେବାର ରାସ୍ତା ଫିଟିଯାଏ । କୋହ୍ଲମାନଙ୍କର ପିଉସୀ/ମାମୁଁ ପୁଅ ଓ ଝିଅ ବିବାହ ପ୍ରଥା ପ୍ରଚଳନ ଅଛି ।

(ଏକ) ଲୋକଗୀତ – (ମାଗେ)

ବୁରୁନାରେଦ କୁଲାକ ମେନାଃଆ
ଗାଢାନାରେଦ ବିଙ୍ଗ୍କ ମେନାଃଆ
ନାଉରି ହାଲାଇ ମାମୁଁର ବେଟି
ମିସାଗ ତେଲାଂଆଁ ।

ଓଡ଼ିଆ –

*ବଣ ପଟେ ଗଲେ ପଡ଼ିବୁ*
*ବାଘ ହାବୁଡ଼େ ଯାଇ*
*ସାପଦେବ ଦେବ କାମୁଡ଼ି*
*ପାରିହେଲେ ତୁ ନଈ*
*ଅବୁଝା ହୁଅନା ମୋ ମାମୁଁ ଝିଅ*
*ଡରଡର ତୁ ହିଁ କେବେ ନ ହୁଅ ।*
*ଅଟକି ଯା'ଟିକେ ସାଥୀ ହୋଇ ଯିବା*
*ଆଉ କେଉଁ ଥିକି ନ ଥିବ ଭୟ ॥*

(୨ୟ) –

କାଇଃ କାକ ମେତାଙ୍ଗ୍ ରେୟ
କେତାଉଃ କାକ ମେତାଙ୍ଗ ରେୟ
ହାତ ମିଙ୍ଗାଃ ହନ୍ ଗେଚା
ଚୁଙ୍ଗିଃ ମେତାଙ୍ଗାଃ

ଓଡ଼ିଆ –

*ଯିଏ ପଛେ ଯାହା କହୁ*
*ମୋର କି ଯାଏ ।*
*ମୋ ପିଉସୀ ଝିଅ ମତେ ଚୁଙ୍ଗି ଡାକି ଦିଏ ।*
*ମୁଁ ତାକୁ ଭଲ ପାଏ ।*
*ଜାଣେ ମୋ ପାଇଁ ସିଏ ॥*

ବରପକ୍ଷର ସମସ୍ତ ନିକଟ ସମ୍ପର୍କୀୟଙ୍କ ସହମତି ଓ ସାହାଯ୍ୟ, ସହଯୋଗରେ ଏବଂ କନ୍ୟାସୁନା ଦେଇ ସମାଜର ସବୁ ରୀତି ଓ ରିଆଜକୁ ପାଳନ କରି ବିବାହ ଦେଉଥିବାରୁ ଏହାକୁ ସେମାନେ କିରିଙ୍ଗ୍ ଆଁଦି କହନ୍ତି ।

କନ୍ୟାପକ୍ଷ ମଧ୍ୟ ତାଙ୍କର ନିକଟ ସମ୍ପର୍କୀୟଙ୍କ ସହମତି, ସାହାଯ୍ୟ ଓ ସହଯୋଗ ନେଇ, କନ୍ୟାସୁନା ନେଇ ସମାଜର ସବୁ ରୀତି, ରିଆଜକୁ ପାଳନ କରି ବିବାହ ସମ୍ପନ୍ନ କରୁଥିବାରୁ ଏହାକୁ ସେମାନେ ଗଂ ଆଦି ବୋଲି କହନ୍ତି । ଗାଁ ସାହିର ବା ସମାଜର ଅନ୍ୟ ସମସ୍ତେ ଏପ୍ରକାର ବିବାହକୁ ''ବାପାଲା ଆଁଦି'' କହନ୍ତି ।

ନିର୍ଦ୍ଧାରିତ ଦିନ ବରପକ୍ଷ ଝିଅ ଘରକୁ ବିବାହ ପ୍ରସ୍ତାବ ପକାଇବାକୁ ଆସନ୍ତି । ତାଙ୍କ ସହିତ ହାଣ୍ଡିଏ ହାଣ୍ଡିଆ (ଇଲି) ନେଇକି ଆସନ୍ତି । ବରପକ୍ଷ ଝିଅ ଘରେ ପହଞ୍ଚିଲେ, ତାଙ୍କୁ ଆଦର ସମ୍ମାନର ସହିତ ସ୍ୱାଗତ କରାଯାଏ । ସେମାନଙ୍କୁ ପାଛୋଟି ଆଣି ଅଗଣା ବା ବସିବା ଘରେ ବିଛା ହୋଇଥିବା ଖଟରେ ବା ଚୌକି ଆଦିରେ ବସିବାକୁ କୁହାଯାଏ । ଝିଅ ଘରର ସ୍ତ୍ରୀଲୋକମାନେ ଆସିଥିବା ଅତିଥିମାନଙ୍କୁ ସମ୍ମାନର ସହିତ ଗୋଡ଼ ହାତ ମୁହଁ ଧୋଇବା ପାଇଁ ପାଣି ଲୋଟା ଦିଅନ୍ତି । ପାଣି ଲୋଟା ହସ୍ତାନ୍ତର କଲାବେଳେ ପାଣି ଦେଉଥିବା ସ୍ତ୍ରୀଲୋକମାନେ ଅତିଥିମାନଙ୍କୁ ଦୁଇ ହାତ ଯୋଡ଼ି ନମସ୍କାର କରନ୍ତି ଓ ଅତିଥିମାନେ ମଧ୍ୟ ପାଣି ଲୋଟା ହାତରେ ଧରିଲା ଉତ୍ତାରୁ ପ୍ରତିନମସ୍କାର କରନ୍ତି । ଗୋଡ଼, ହାତ, ମୁହଁ ଧୋଇଲା ପରେ ଅତିଥିମାନେ ଖାଲି ଲୋଟାକୁ ସ୍ତ୍ରୀଲୋକମାନଙ୍କ ହାତରେ ଧରେଇ ଦେଇ ଫେରାନ୍ତି । ଏତିକି ବେଳେ ମଧ୍ୟ ନମସ୍କାର ଓ ପ୍ରତିନମସ୍କାର ରୀତି ପାଳନ କରାଯାଏ । ଏହା ପରେ ପୁରୁଷ ଲୋକମାନେ ପୁରୁଷ ଅତିଥିମାନଙ୍କୁ ବିଡ଼ି ବା ସିଗାରେଟ୍ ଦେଇ ନମସ୍କାର କରନ୍ତି ଏବଂ ଘରର ମୁରବୀମାନେ ଆସି ଅତିଥିମାନଙ୍କୁ ନମସ୍କାର କରି ସ୍ୱାଗତ କରନ୍ତି । କିଛି ସମୟ ବିଶ୍ରାମ ପରେ, ଅତିଥିମାନଙ୍କୁ ଘର ଭିତରକୁ ଡାକି ନେଇ ହାଣ୍ଡିଆ ବା ଜଳଖିଆ ଖାଇବାକୁ ଦେଇ ଆପ୍ୟାୟିତ କରନ୍ତି ।

ଅତିଥିମାନଙ୍କଠାରୁ ବିଧିବଦ୍ଧ ଭାବେ ପଚାରି ସେମାନଙ୍କର ଆସିବାର ଉଦ୍ଦେଶ୍ୟ ଆଦାୟ କରାଯାଏ । ପ୍ରଶ୍ନ ପଚାରିବା ଓ ତାର ଜବାବ ଦେବାର ଶୈଳୀ ବହୁତ ସୁମଧୁର ହୋଇଥାଏ । ବର ପକ୍ଷର ଲୋକେ

କହନ୍ତି, ''ଆମର ପତ୍ର ଓ ପାଣିର ବହୁତ ଅଭାବ ଅଛି'' ଏବଂ ସେସବୁ ଆଣିବା ପାଇଁ ଆମର ଜଣେ ସ୍ତ୍ରୀଲୋକର ଦରକାର ଅଛି । ଆମେ ଜାଣିବାକୁ ପାଇଛୁ ଯେ ଆପଣଙ୍କ ଘରେ ବଢ଼ିଆ ବଢ଼ିଆ ପତ୍ର ଅଛି ଏଣୁ ଆମେ ଆସିଛୁ । ଯଦି ଦୁଇ ବା ତଦ୍‌ଉର୍ଦ୍ଧ ସେ ଘରେ ଝିଅ ଥାନ୍ତି, ତାହେଲେ ବଡ଼ ଝିଅକୁ ପସନ୍ଦ କରୁଥିଲେ ବରପକ୍ଷ କହନ୍ତି – ସୁବା ସାକାମ୍‌ଲେ ନାମ୍‌ତାନା, ଆମେ ତଳର ପତ୍ରକୁ ନେବାକୁ ଚାହୁଁ (ଯେହେତୁ ତଳ ପତ୍ର ଆଗେ କଅଁଳି ଥାଏ) ''ସିରମା ସାକାମ'' କହିଲେ ସବା ଉପରେ ଥିବା ପତ୍ର ଏବଂ ମଝିଆଁ ଝିଅ ଥିଲେ 'ତାଲା ସାକାମ୍' କହି ମଧୁର ଭାବରେ ପସନ୍ଦ ପାତ୍ରୀ ବିଷୟରେ ଇଙ୍ଗିତ କରନ୍ତି ।

ବାପା ମା ରାଜି ହୋଇଗଲେ ଯେ ବିବାହ ହୋଇଯିବ, ତା ନୁହେଁ । ଉଭୟ ପୁଅ ଓ ଝିଅର ମତାମତକୁ ସମ୍ମାନ ଦିଆଯାଏ । ସେମାନଙ୍କର ସହମତି ନଥିଲେ ବିବାହ ପ୍ରସ୍ତାବକୁ ରଦ୍ଦ କରାଯାଏ । ଯଦି ଝିଅ ବିବାହ ପ୍ରସ୍ତାବରେ ରାଜି ନୁହେଁ ଏବଂ ପିଲାକୁ ପସନ୍ଦ କରୁ ନାହିଁ, ତାହାହେଲେ ଏପରି ଲୋକଗୀତ ଝିଅ ବୋଲିବାର ଶୁଣାଯାଏ । ''ଆବେନ୍‌ଦ ମାଁ ତିକିଞ୍ଜ ଆବେନ୍ ଦ ବାପା ତିକିଞ୍ଜ୍ ଗେଲବାର୍ ବୁରୁଦାନାଂରେ ଆରାଦବେନ୍ ସାଲା ତାଇଃଯା ଆଞ୍ଜ୍‌ଦ ମା କାଞ୍ଜ୍ ସୁକୁୟାନ୍ ଆଞ୍ଜ୍ ଦ ବାବା କାଞ୍ଜ୍ ସୁକୁୟାନ୍ ବୁରୁ ସାରାଃ ରେସେରେସେ ଆଞ୍ଜ୍ ଦ ମା କାଞ୍ଜ୍ ସୁକୁୟାନ୍ ଗାଲା ଗେନ୍ଦାଳିଆ କାକାୟା କୁକୁୟୁ ଆଞ୍ଜ୍‌ଦ ମା କାଞ୍ଜ୍ ସୁକୁୟାନ୍ ।''

ଓଡ଼ିଆ –

*ବାପା ମାଆ ମିଶି ମୋ ଶୁଭ ମନାସୀ*
*କୋଉ ରଜା ପୁଅ କଲ ଯୋଗାଡ଼ ।*
*କାହିଁ ସେ ରାଇଜ ଝାଟିଆ ବରୁଛୁ*
*ଦୂର ପରବତ ବଣ ପାହାଡ଼ ॥*
*ବଣୁଆ ମାଙ୍କଡ଼ ହନୁର ଲାଙ୍ଗୁଡ଼ କାଳିଆ ମୁହାଁ*
*ପଳୁଆ ନଇର କୋଉ ଗେଣ୍ଡାଳିଆ ନଳିଗୋଡ଼ିଆ ॥*
*ତୁଟି ଯାଉଛି ମୋ ସାତ ସପନ ।*
*ରଜା ପୁଅରେ ମୋ ମାନେନା ମନ ॥*

ଉଭୟ ପକ୍ଷ ରାଜି ଏବଂ ଝିଅ ଓ ପୁଅ ପରସ୍ପରକୁ ପସନ୍ଦ କଲେ, ବିବାହର ଅନ୍ୟ ଦିଗ ସମ୍ପର୍କରେ କଥାବାର୍ତ୍ତା ହୁଏ । ଏହାପରେ ଗନଂ (କନ୍ୟାସୁନା) ଦେବା ନେବା କଥାବାର୍ତ୍ତା ହୁଏ । ଏହାକୁ ହୋ ବା କୋହ୍ଲମାନେ ''ଗନଂ ସିଡ୍'' ବାପାଲା କହନ୍ତି । ସାଧାରଣତଃ ବରପକ୍ଷ ସନ୍ଧ୍ୟା ବେଳେ ପହଞ୍ଚିଥାନ୍ତି । ରାତିରେ ବିଶ୍ରାମ କଲାପରେ, ତା ପରଦିନ ସକାଳୁ ନିତ୍ୟକର୍ମ ସାରିଲା ପରେ ସକାଳୁ ସକାଳୁ କନ୍ୟା ସୁନା ବିଷୟରେ କଥାବାର୍ତ୍ତା ହୁଏ । ଆଗ କାଳରେ ମୁହଁରେ କିଛି ନ ଖାଇ ବା ନ ପିଇ ହିଁ କନ୍ୟା ପକ୍ଷର ଅଗଣାରେ ଉଭୟପକ୍ଷ ବସିଯାନ୍ତି । ଉତ୍ତର -ଦକ୍ଷିଣ କରି ଦୁଇଟା ପଟିଆ ବିଛାଯାଏ । ବରପକ୍ଷ ପୂର୍ବପଟକୁ ମୁହଁ କରି ଏବଂ ଝିଅ ପକ୍ଷ ପଶ୍ଚିମ ପଟକୁ ମୁହଁକରି ବସନ୍ତି । କଥାବାର୍ତ୍ତାବେଳେ ସମସ୍ତେ ଏକ ସାଙ୍ଗରେ କଥାବାର୍ତ୍ତା କରନ୍ତି ନାହିଁ । ଉଭୟ ପକ୍ଷରୁ ଜଣେ ଲେଖାଏଁ ମୁଖପାତ୍ରଙ୍କୁ କଥାବାର୍ତ୍ତା କରିବା ଦାୟିତ୍ୱ ଦିଆଯାଇଥାଏ । କନ୍ୟା ପକ୍ଷର ମୁରବୀ (ମୁଖପାତ୍ରରେ) ଦୁଇଟା ଦୁନା ପାଖରେ ରଖିଥାଏ । ଗୋଟିଏ ଦୁନାରେ ଥାଏ ଶିଆଳି ଲତା ଫଳର ମଞ୍ଜି ଏବଂ ଅନ୍ୟ ଦୁନାରେ ଛେଳି ଲେଣ୍ଡି ଓ ଦୁବ ଘାସ । ଶିଆଳି ମଞ୍ଜିକୁ ଟଙ୍କାର ପ୍ରତୀକ ରୂପେ ବ୍ୟବହାର କରାଯାଏ । ଛେଳିର ଲେଣ୍ଡିକୁ ଗୋରୁର ପ୍ରତୀକ ହିସାବରେ ବ୍ୟବହାର କରାଯାଏ । ଗୋଟିଏ ଶିଆଳି ମଞ୍ଜିକୁ ଶହେଟଙ୍କା ଏବଂ ଗୋଟିଏ ଛେଳି ଲେଣ୍ଡିକୁ ଗୋଟିଏ ଗୋରୁର ପ୍ରତିକ ହିସାବରେ ଗଣାଯାଏ । ଏତିକି ବେଳେ ବରପକ୍ଷଙ୍କୁ କାହିଁକି ସେମାନେ ଆସିଛନ୍ତି ବୋଲି ପଚରାଯାଏ ଏବଂ ତାଙ୍କ ଆଗମର ଉଦ୍ଦେଶ୍ୟ ଜାଣିଲା ପରେ, ହସଖୁସି ମଧ୍ୟରେ ପରସ୍ପର ପରସ୍ପରକୁ ଥଟ୍ଟା ତାମସା କରନ୍ତି । ଏହାପରେ ଯିବା ଆସିବା କଲାବେଳେ ଦୃଶ୍ୟ ହୋଇଥିବା Omen ମାନଙ୍କର ଆଲୋଚନା ହୁଏ । ଉଭୟ ପକ୍ଷ ରାସ୍ତାରେ ଆସିଲାବେଳେ, ଘରୁ ବାହାରିଲାବେଳେ, ବନ୍ଧୁ ଘରେ ପହଞ୍ଚିଲା ବେଳେ ଦେଖିଥିବା (ଏରେଉରିକ) ବିଷୟରେ ବିଶଦ ଆଲୋଚନା କରିଥାନ୍ତି । Omen ମାନଙ୍କର ଶୁଭ-ଅଶୁଭ କଥା ମଧ୍ୟ ପ୍ରାଞ୍ଜଳ ଭାବରେ ଆଲୋଚନା ହୁଏ । Omen ସବୁ ଠିକ୍‌ଠାକ୍ ଥିଲେ ବିବାହ ପ୍ରସ୍ତାବ ଉପରେ ଆଲୋଚନା ଚାଲେ । Omen ଅଶୁଭ ହେଲେ ଏବଂ ତାହା ପୂଜା ଉପଚାର ଦ୍ୱାରା କଟୁ ନଥିଲେ, ବିବାହ ପ୍ରସ୍ତାବର ସେଇଠି ପରିସମାପ୍ତି ଘଟେ । ସବୁ ଠିକ୍ ଠାକ୍

ଥିଲେ କନ୍ୟାସୁନା ଦେବା ନେବା କଥା ଆଲୋଚନା ହୁଏ । ପୂର୍ବକାଳରେ ବରପକ୍ଷକୁ ୫୦/୬୦ ମୁଣ୍ଡ ଗୋ/ମହିଷି ଦେବାକୁ ପଡୁଥିଲା, ଏବେ ତାକୁ ସୀମିତ କରିଦିଆ ଯାଇଛି । ଯୋଡ଼ିଏ-ବଦଳ ଓ ଗୋଟିଏ ଗାଇର ଦେବା-ନେବା ପରମ୍ପରା ଏବେ କୋହ୍ଲାନ୍‌ରେ ପ୍ରଚଳିତ ଅଛି । ଓଡ଼ିଶାରେ ଗୋଟିଏ ଗାଇରେ ସୀମିତ ରଖାଯାଇଛି । ଟଙ୍କା ଆକାରରେ ଟ.୧୦୧/- ନେବା ନେବାର ପରମ୍ପରା ଏବେ ସୃଷ୍ଟି କରାଯାଉଛି । ''କନ୍ୟାସୁନା'' କେମିତି ଆରମ୍ଭ ହେଲା - ସେ ବିଷୟରେ ଗୋଟିଏ କିମ୍ବଦନ୍ତୀ ରହିଛି । କୋହ୍ଲମାନେ ୧୨୪ ବିଷମ ବିବାହ ଗୋତ୍ରରେ ବିଭକ୍ତ । ''କାରଆ'' ନାମରେ ଏକ କୋହ୍ଲ ଗୋତ୍ର (କିଲି) ଅଛି । ଏମାନଙ୍କୁ ''କୁଲାହାବ୍‌କ'' ମଧ୍ୟ ଏବେ ଲୋକେ କହନ୍ତି । ଏହାର ଅର୍ଥ ହେଲା ଏମାନଙ୍କୁ ''ବାଘ ଖାଏ'' । ବହୁଦିନ ତଳର କଥା ଏହି ଗୋତ୍ରରେ ଏକ ଅନ୍ଧବିଶ୍ୱାସ ଥିଲା । କୌଣସି ଲୋକ ହାଇ ମାରିଲାବେଳେ ମୁହଁରେ ହାତ ନ ଦେଇ ହାଇ ମାରିଲେ, ତାକୁ ବାଘ ଟାଣି ନେଇ ଖାଇବ ବୋଲି, ଅନ୍ଧବିଶ୍ୱାସ ଥିଲା । ଏହାକୁ ଅଶୁଭ ଲକ୍ଷଣ ବୋଲି ମାନୁଥିଲେ । ଏହା ସେ ଗୋତ୍ର ପ୍ରତି ବିପଦ ବୋଲି ମଣୁଥିଲେ । ଏଣୁ କୌଣସି ଲୋକ ମୁହଁରେ ହାତ ନ ଦେଇ ହାଇ ମାରୁଥିବାର ଧରା ପଡ଼ିଲେ, ତାକୁ ନେଇ ବାଘ ଗୁମ୍ପାରେ ଛାଡ଼ି ଦେଉଥିଲେ । ଏହି ଅନ୍ଧ ବିଶ୍ୱାସର ଶିକାର ହେଲା ଗୋଟିଏ ଗାଁର ମୁଖିଆଁଙ୍କ ଯୁବତୀ ଝିଅ । ହୋମାନେ ଗାଁର ମୁଖିଆଙ୍କୁ ମୁଣ୍ଡା କୁହନ୍ତି । ଦିନେ ମୁଣ୍ଡାଙ୍କ ଯୁବତୀ ଝିଅ ମୁହଁରେ ହାତ ନ ଦେଇ ହାଇ ମାରୁଥବାର ଧରା ପଡ଼ିଲା । ବିଚାରୀକୁ ବାଘ ଗୁମ୍ପା ପାଖକୁ ନିଆଗଲା । ସେଠାରେ ଭାତ ତରକାରୀ ରାନ୍ଧି ଖାଇବାକୁ ତାକୁ ଦିଆଗଲା, ଏହାପରେ ତାର ମୁଣ୍ଡର ବାଳକୁ କୁଣ୍ଡାଇ ସଜେଇ ଦିଆଗଲା । କିଛି ଦୂରରେ ଥାଇ ଜଣେ ଗାଇ-ଜଗା ଟୋକା ଏସବୁ ଘଟଣା କୌତୁହଳ ହୋଇ ଲକ୍ଷ୍ୟ କରୁଥାଏ । ଯୁବତୀକୁ ବାଘ ଗୁମ୍ପା ପାଖରେ ବସେଇ ଦେଇ ଗାଁର ସମସ୍ତେ ଫେରିଗଲେ ଯେ ଯାହା ଘରକୁ । ଭାଗ୍ୟକୁ ନିନ୍ଦି ଯୁବତୀ କାନ୍ଦି କାନ୍ଦି ତାର ଶେଷ ମୁହୂର୍ତ୍ତକୁ ଅପେକ୍ଷା କରି ବସିଲା । ଗାଇ ଜଗା ଟୋକା ତାର ପଶୁ ସମ୍ପଦ ସବୁକୁ ଗୁହାଳରେ ବାନ୍ଧି ଦେଇ ଶର-ଧନୁ ଧରି ବାଘ ଗୁମ୍ପା ପାଖକୁ ଫେରି ଆସିଲା । ଝିଅଠାରୁ ଅଳ୍ପ ଦୂରରେ ଧନୁ-ଶର ଧରି ବାଘକୁ ଅପେକ୍ଷା କରି ରହିଲା । ସଞ୍ଜବେଳକୁ ଗୋଟାଏ

ବିରାଟ ମହାବଳ ବାଘ ଯୁବତୀ ଉପରକୁ ଆଁ କରି ଲମ୍ଫ ମାରିବାକୁ ଉଦ୍ୟତ ହେଲା । ଗାଇ-ଜଗା ଟୋକା କାଳ-ବିଳମ୍ବ ନ କରି ଶର ବିନ୍ଧିଲା ବାଘର ଆଁକରା ମୁହଁକୁ । ବାଘ ଚିତ୍ ପଟାଙ୍ଗ୍ ହୋଇ ତଳେ ପଡ଼ିଲା ଏବଂ ମରିଗଲା । ଗାଇ-ଜଗା ଟୋକା ଆଉ ଅନ୍ୟ ବିପଦ ନାହିଁ କହି ଯୁବତୀକୁ ଆଶ୍ୱାସନା ଦେଲା । ଯୁବତୀ ମଧ୍ୟ ମରିପଡ଼ିଥିବା ବାଘକୁ ଦେଖି ବିପଦରୁ ରକ୍ଷା ପାଇଲା ଭାବି କାନ୍ଦିବା ବନ୍ଦ କଲା ଏବଂ ଗାଈ-ଜଗା ଟୋକା ସହିତ ଗାଈ ଜଗା-ଟୋକାର ଘରକୁ ଗଲା । ସେମାନେ ବେଶ୍ ଖୁସିବାସିରେ ସ୍ୱାମୀ-ସ୍ତ୍ରୀ ରୂପରେ ରହିଲେ । ଏମାନଙ୍କ ସୁଖର ସଂସାରରେ ନିଆଁ ଲଗାଇବା ପାଇଁ ଦିନେ ଜଣେ ତନ୍ତୀର ଆବିର୍ଭାବ ହେଲା । ଦିନେ ଜଣେ ତନ୍ତୀ ଲୁଗା ବିକିବାକୁ ଗାଇ-ଜଗା ଟୋକାର ଗାଁକୁ ଆସିଲା । ସେ ଯୁବତୀକୁ ଦେଖିଦେଲା । ସେ ମଧ୍ୟ ଜାଣିଲା ଯେ ଯୁବତୀ-ଗାଈ-ଜଗା ଟୋକା ସହିତ ରହୁଛି । ଏ ତନ୍ତୀ ଜଣକ ଯୁବତୀର ବାପ-ଗାଁ ଲୋକ । ଏଣୁ ସେ ଯୁବତୀକୁ ଚିହ୍ନିଲା । ତନ୍ତୀ ମୁଣ୍ଡରେ କି ବୁଦ୍ଧି ଯୁଟିଲା କେଜାଣି, ଗାଈ ଜଗା ଟୋକାକୁ ଡାକି ନେଇ ନିଛାଟିଆ ଜାଗାରେ କହିଲା, ''ମୁଁ ଏ ଯୁବତୀକୁ ଜାଣେ, ସେ ଆମ ଗାଁ ମୁଣ୍ଡାର ଝିଅ । ତାକୁ ତୁମ ଘରେ ଆଣି ରଖି-ଠିକ୍ କାମ କରିନାହଁ । ମୁଣ୍ଡା ଏକଥା ଜାଣିଲେ ପ୍ରଳୟ ହୋଇଯିବ । ତୁମର ଜୀବନକୁ ମଧ୍ୟ ବିପଦ ହୋଇପାରେ । ଗାଈ ଆଳ ଟୋକା କ'ଣ ବା କରିପାରିବ । ସେ ସାହାସ ସଞ୍ଚୟ କରି ତନ୍ତୀକୁ କହିଲା, ''ମୁଁ ଯୁବତୀର ମୂଲ୍ୟ ବାବଦରେ ତିନିଟା ଗାଈ ଓ ଗୋଟିଏ ମହିଷି ଦେବାକୁ ପ୍ରସ୍ତୁତ ଅଛି, ତୁମେ ଯାଇ ତୁମ ଗାଁ ମୁଣ୍ଡାକୁ କୁହ ।'' ତନ୍ତୀ ଜଣକ ସେଦିନ ଆଉ ଲୁଗାପଟା ନ ବିକି ଫେରିଗଲା ଗାଁକୁ । ଗାଁ ମୁଣ୍ଡାକୁ ସେ ଦେଖି ଥିବା, ଶୁଣିଥିବା ସବୁକଥା ବଖାଣିଗଲା । ଗାଁ ମୁଣ୍ଡାଙ୍କୁ ତନ୍ତୀ କଥାରେ ବିଶ୍ୱାସ ହେଲା ନାହିଁ । ଏଣୁ ସ୍ୱଜାତିର ଜଣେ ଲୋକକୁ ଏକଥାର ସତ୍ୟାସତ୍ୟ ଜାଣିବାକୁ ପଠାଇଲେ । ସେ ଆସି ସବୁଦେଖି କଥାବାର୍ତ୍ତା କରି ଫେରିଗଲା ଏବଂ ଗାଁ ମୁଣ୍ଡାଙ୍କୁ ସବୁକଥା କହିଲା । ଏହାପରେ ଗାଁ ମୁଣ୍ଡା ଗାଈ-ଜଗା ଟୋକାର ପଶୁଧନ ଭେଟିକୁ ଗ୍ରହଣ କରି ଝିଅ-ବୋଇଁକୁ ଆଶିର୍ବାଦ ଦେଲେ । ଏହିଦିନଠାରୁ ହୋ ସମାଜରେ ଝିଅର ମୂଲ୍ୟ ସ୍ୱରୂପ ପଶୁଧନ ଦେବାନେବା ପ୍ରଥାର ପରମ୍ପରା ଆରମ୍ଭ ହେଲା ଏବଂ ଏହି ଦିନଠାରୁ ''ମୁହଁରେ ହାତ ନ ଦେଇ ହାଇ ମାରିଲେ ଅଶୁଭ ଲକ୍ଷଣ'' ଅନ୍ଧବିଶ୍ୱାସକୁ ହୋମାନେ ଛାଡ଼ିଦେଲେ ।

କୋହ୍ଲମାନେ କନ୍ୟାସୁନା ବାବଦରେ ନେଉଥିବା ''ଯୋଡ଼ା ବଳଦ''କୁ - ନେଲ୍ ଦାରମ୍ ହାଳା କହନ୍ତି ଏବଂ ଗୋଟିଏ ଗାଈକୁ – ଏଙ୍ଗାବାଗେ ଗୁଣ୍ଡି କହନ୍ତି । ଏହାର ଅର୍ଥ ହେଲା – ସ୍ୱାଗତ କରିବା ପାଇଁ ବଳଦ ଓ ମାଁକୁ ଛାଡୁଥିବା ଗାଈ । ବାହାଘରେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତିଦ୍ୱୟକୁ ଦୁତାମ୍ କାରଜି ବା ରାଏବାର କହନ୍ତି । ବର ଓ କନ୍ୟା ପକ୍ଷରେ ଜଣେ ଜଣେ ମଧ୍ୟସ୍ଥ ରହନ୍ତି । ଏମାନେ ଦୁଇପକ୍ଷର ବାର୍ତ୍ତାବାହକ ହିସାବରେ କାମ କରନ୍ତି । କନ୍ୟାସୁନା ନିର୍ଦ୍ଧାରଣ କଲାବେଳେ ଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଭୟ ପକ୍ଷ କନ୍ୟା ସୁନା ଦେବା-ନେବାରେ ରାଜି ହେଲେ, ''ହୋରି ବୋଲ୍'' କହି ତାର ଘୋଷଣା କରନ୍ତି । ଉଭୟ ପକ୍ଷ କୁଣ୍ଢାକୁଣ୍ଢି ହୋଇ ଖୁସି ଜାହିର କରନ୍ତି । ଏତିକି ବେଳେ ଗୋଟିଏ ସୁନ୍ଦର ଗୀତ ବୋଲିବାର ଶୁଣାଯାଏ । ଉଭୟ ପକ୍ଷ ସକାଳୁ ଭୋକରେ, ଶୋଷରେ ବସିଥାନ୍ତି । କଥା-ନ ଛିଡ଼ିଲା ପର୍ଯ୍ୟନ୍ତ ସେମାନଙ୍କୁ ଖାଇବାକୁ ବା ପିଇବାକୁ ଦିଆଯାଏ ନାହିଁ ।

ବା'ଦା ନାଁଣି ନାଁଣିରେ ସାଲ ନାଁଣି ନାଁଣିରେ
କଃ କଚାଦୁବାକାନ୍, ଚେଁଣେ କଚାଦୁବାକାନ୍ ।
ବଦେ ନଁୟ ନଁୟମେ ବଦେ ଗାମା ଗାମାୟ୍ ମେ
କଃ କଚା ତେତାଂତାନ୍ ଚେଁଣେ କଚା ତାୟୁର ତାନ୍ ।।

ଓଡ଼ିଆ –

*ପୋଖରୀ ହୁଡ଼ାରେ ହିଡ଼ିମିଟିକା*
*ବଗ ବସିଛନ୍ତି ଧାଡ଼ି ଧାଡ଼ିକା ।।*
*ଗହୀର ବିଲରେ ଲୋଟେ ଫସଲ*
*ଚଢ଼େଇ ଛାଉଣି ପଲକୁ ପଲ ।।*
*ତୁହାତୁହା ମେଘ ବରଷି ଯାଆ*
*ବାଆ ବହୁଥାଇ ସୁଲୁ ସୁଲିଆ*
*ବଗଙ୍କ ଓଠରେ ଶୋଷ ।*

ଆକାଶରୁ ଉଡିଆସନ୍ତି ଚଢ଼େଇ ପେଟରେ ଭୋକ ଉପାସ । ହାଣ୍ଡିଆ (ବର ପକ୍ଷରୁ ଅଣାଯାଇଥିବା)କୁ ପ୍ରସ୍ତୁତ କରି ଉପସ୍ଥିତ ସମସ୍ତଙ୍କ ପିଇବାକୁ ଦେଇ ଆପ୍ୟାୟିତ କରାଯାଏ । କନ୍ୟାପକ୍ଷ ଘରେ ପ୍ରସ୍ତୁତ ହୋଇଥିବା

ହାଣ୍ଡିଆ (ଡିଆଂ) ସମସ୍ତଙ୍କୁ ପରସାଯାଏ । ଖୁସିରେ ପୁରୁଷ ସ୍ତ୍ରୀଙ୍କୁ ଗୀତ ଗାଇବା ଦେଖିବାକୁ ମିଳେ –

ଆଲାହିନ୍ ତାନା ଚିପେ କାଛାହିନ୍ ତାନା
ଦାମା ଦୁମାଂ ଦଢା ରୁମୁଲ୍‌ତାନା ॥
ଆଲାହିନ୍ ତାନା ଚିପେ କାଲାହିନ୍ ତାନା ।
ସୁସୁନ୍ .ଆଖଲା ଦଢା ଦକଲ୍ ଢାନା

ଶବ୍ଦାର୍ଥ : ତୁମ ଘରେ କ'ଣ ବିବାହର ଆସର ଜମିଛିକି ? ଯେ ମାଦଳ, ନାଗରାର ମୃଦୁ ଗୁଞ୍ଜନ୍ ଶୁଣିବାକୁ ମିଳୁଛି ଏବଂ ନାଚ ଆଖଡ଼ା ଉଠୁଛି, ପଡୁଛି ।

ଏତିକିବେଳେ ବାଦକମାନେ ମାଦଳ ଓ ନାଗରା ଆଣି ବଜେଇବା ଆରମ୍ଭ କରିଥାନ୍ତି ଏବଂ ସ୍ତ୍ରୀପୁରୁଷ ଅଣ୍ଟାରେ ହାତ ଧରାଧରି ହୋଇ ନାଚିବା ଆରମ୍ଭ କରି ସାରିଥାନ୍ତି ।

ଏହାପରେ ପୁରୁଷ ପକ୍ଷରୁ ପ୍ରସ୍ତୁତ ହୋଇ ଆସିଥିଲେ କନ୍ୟାକୁ ଲୁଗା ଓ ଅନ୍ୟାନ୍ୟ ଗହଣା ସବୁ ପିନ୍ଧେଇ ଦିଅନ୍ତି । ଏହାକୁ କୋହ୍ଲ ମାନେ "ଲିଜାଃ ତଲ" କହନ୍ତି । କନ୍ୟାକୁ ଫୁଲହାର ଯତ୍ନାରେ ପିନ୍ଧେଇ ଦିଆଯାଇଥାଏ, ସେ ନୂଆ ଲୁଗା ପିନ୍ଧିଥାଏ । ସେ ସୁନ୍ଦର ଦେଖାଯାଉଥାଏ । ଏତିକି ବେଳେ ଏକ ଗୀତ ସ୍ତ୍ରୀ ବା ପୁରୁଷ ଗାଉଥିବାର ଶୁଣାଯାଏ –

କାଁସାରୀ ବା ତାଲାଏ ବା ନେରାଞ୍ଜ୍ ନେଲାଢା ।
ଶାଙ୍କ ସାକମ୍ ତାୟାୟାକ ଢାନାକ ଗଂଆବୁ ॥

ଓଡ଼ିଆ –

*ଖୋଜିକି ପାଇନୁ ସୁନା ନାକି ଝିଅ*
*କରିବୁ ବୋହୂ ।*
*ଖେସାରି ଫୁଲ କି ପଦ୍ମଁଅ ଫୁଲର*
*ସୁନାଦିହ ଚାର   କି ଦାଉ ଦାଉ ॥*
*ନଖରୁ ନାସିକା ଗହଣା ଗାଣ୍ଠିରେ*
*ହୋଇଛି ଛାଉ ।*
*ସନ୍ଦେହ ଘାରୁଛି*
*ଆସିବ ସଚେଚ୍ଚି*
*ଆମ ଘର ବୋହୂ ହୋଇ ॥*

ଏହି ଉପଲକ୍ଷେ ଗାଉଥିବା ଅନ୍ୟ କେତେକ ଗୀତ ନିମ୍ନରେ ଦିଆଗଲା –

ହୁଲିଂ ଗାଲା ଲେୟନ୍ ଲେୟନ୍
ମାରାଂ ଗାଲା ଲେୟନ୍ ଲେୟନ୍
ଚିଙ୍କାତେରେ ପାରମ୍ ଲେନାଃ
ତେତେ କାଟା କାନ୍‌ରୁ କାଚୁଡ୍

ଓଡ଼ିଆ –

*ଛୋଟିଆ ନଈଟା ସରୁଧାର,*
*ଆଜି ଆସିଛି ବଢ଼ି*
*ଦୁଇକୂଳ ଡେଇଁ କୁଆର ପାଣି*
*ଯାଉଛି ମାଡ଼ି ।*
*ଝିଙ୍କିକା ଗୋଡ଼ିଆ ନଳୀଆ ଟୋକାତୁ*
*କହରେ କହ ॥*
*କେମିତି ଆସିଲୁ ପାରି ହୋଇ ବଢ଼ି*
*ଧନ୍ୟ ତୋ ଦିହ ॥*

ଅନ୍ୟ ଏକ ଗୀତ –

ଦୁନିଆ ଗଟା ଏରାମ୍ ସାଲାକେନ୍
ରାଜି ଗଟା ଏରାମ ସାଲାକେନ୍
କୁଣ୍ଡାମ୍‌ରେ ସସ ମାଟିଆ ନାଜମ୍ ବରତେ
କାକ ନେମାଡ୍ ମେୟା ବାଲା
ନାଜମ୍ ବର କାକ ନେମାଡ୍ ମେୟା ବାଲା
ଆଲେ ଗେଟା ସେୟାଁ ମେନ୍‌ତେ
ନେରାଲେ ଗଂଆଡ୍ ମେ ।

ଓଡ଼ିଆ –

*ସାରା ମୁଲକଟା ବୁଲିଲ ସମୁଦୀ*
*କନିଆଁ ଖଣ୍ଡି*
*ତମ ବାଡ଼ି ପଟ ଚାଳରେ ଝୁଲୁଛି*
*ଭାଲିଆ ହାଣ୍ଡି*
*ହାଣ୍ଡିରେ ଜହର ସଭିଏଁ ତଡ଼ିଲେ*

*ନଦେଲେ ବୋହୂ*
*ଆମେ ବିଚାରିଲୁ ଅଭିଆଡ଼ା ତମ*
*ପୁଅ ନ ରହୁ (ନହେଉ)*
*ପୁଅକୁ ତୁମର ଦେଲୁ କନିଆଁ*
*ତାଇରେ ଏଣିକି ମୋଟେ ଟାଙ୍ଗିବନି*
*ହାଣ୍ଡି ଭାଇିଆ ॥*

ଆଉ ଏକ ଗୀତ –

ମାରାଂ ବୁରୁ କାଦାଲ ସକଳାରେ
ଆମ୍‌ଚିନା ସାଲା କୁଲାଦଏ୍‌ ଜମ୍‌କେଡ଼୍‌
ଜାଙ୍‌ଗତେ ସୁମାତ୍‌ ତାରାଲ୍‌ ତାରାଇ୍‌

ଓଡ଼ିଆ –

*ନାଗର ମଣି .....*
*କଦଳୀ କିଆରୀ ଚଉମୁହାଁଣୀ*
*ବାଘ ନେଲା ତୋତେ ଟାଣି*
*ଦିହରୁ ମାଉଁସ ଖାଇଚି ଝୁଣି*
*ହାଡ଼ ତ ହେଉଛି ଗଣି ।*

ଏହିପରି ବହୁ ଗୀତ ରହିଛି ଯାହାକି "ଘନଂ ସିଡ୍‌ ଦାପାଲା" ବେଳେ ହୋ ଲୋକେ ଗାଆନ୍ତି ।

ଏବେ ନୂଆ ନୂଆ ପ୍ରଥା ଆରମ୍ଭ ହେଲାଣି । ଆସିଥିବା ଅତିଥିମାନଙ୍କୁ ନୂଆ ଲୁଗା ଦେବା ପ୍ରଥା ମଧ୍ୟ ପ୍ରଚଳନ ଆରମ୍ଭ ହେଲାଣି । ସେମାନଙ୍କୁ ଗୋଡ଼ରେ, ହାତରେ, ଦେହରେ ହଳଦୀ ତେଲ ଲଗେଇ ଦିଆଯାଏ । ମୁଣ୍ଡ ବାଳରେ ତେଲ ଲଗେଇ ଅତିଥିମାନଙ୍କ ବାଳକୁ କୁଣ୍ଡାଇ ଦିଆଯାଏ । ଏହାପରେ ମାଂସ ଭାତ ଖୁଆଇ ଅତିଥିମାନଙ୍କୁ ଆପ୍ୟାୟିତ କରାଯାଏ । ଏତିକିବେଳେ ଫଳମୂଳ ଖାଦ୍ୟ ଦ୍ରବ୍ୟରେ ତିଆରି ହାର ଗୁନ୍ଥା ହୁଏ । ଘରେ ଥିବା ଖାଦ୍ୟ ଦ୍ରବ୍ୟ ଯଥା – କଖାରୁ, ଅମୃତଭଣ୍ଡା, ବାଇଗଣ ଇତ୍ୟାଦିରେ ହାର ତିଆରି କରାଯାଏ । ଅତିଥିମାନଙ୍କୁ ବିଦାୟ ଦେଲାବେଳେ ଏହି ହାର ସବୁ ପିନ୍ଧେଇ ଦିଆଯାଏ । ଅବିର ରଙ୍ଗ ମଧ୍ୟ ବୋଳାବୋଳି ହୁଅନ୍ତି । ଅତିଥି ମାନେ ଖୁସିରେ ହାର ପିନ୍ଧନ୍ତି ଏବଂ ରଙ୍ଗବୋଳା ବୋଳି ହୁଅନ୍ତି । ଏତିକି

ବେଳେ ମଧ ପୁରୁଷ, ସ୍ତ୍ରୀ ଗୀତ ଗାଉଥିବା ଶୁଣାଯାଏ/ଦେଖାଯାଏ ।

ଚାରିଃ ମୁଟି ଚାବାୟାନା ବାଲାଙ୍କ ।

ସାକାମ୍ ବିଲା ଚାବାୟାନା ବାଲାକ

ପରଙ୍ଗାମ୍ କନା ବାଲା, ପିଁଇଙ୍କିମ୍ କନା ବାଲା

ଆୟାର ଦୂର୍କମ୍‌ବାଲା, ଆୟାର ଦୂରକମ୍ ବାଲା, ଆୟାର ଦୂର କମ୍ ॥

ଓଡ଼ିଆ –

*ସରିଗଲା ମୁଠା ମୁଠା ଖଡ଼ିକା*

*ସରିଗଲା ମୋର ପଚର ଦିକା*

*ସମୁଦି ହେ ଆଉ ହେଲା କି ପାଇଁ*

*ଧନୀ ଗରୀବଙ୍କୁ ଠୁଳ କରି*

*ଏବେ ସାଙ୍ଗରେ ନେଇ*

*ସମୁଦି ହେ ତାଙ୍କୁ ଗାଆଁକୁ*

*ତୁମର ନିଅ ଫେରାଇ ॥*

ଏହିପରି ଭାବରେ ଅତିଥିମାନଙ୍କୁ ବିଦାଇ ଦିଆଯାଏ । ଏକଜୁଟ ହୋଇଥିବା ସମସ୍ତ ଲୋକେ ପରସ୍ପରକୁ ନମସ୍କାର ଓ ପ୍ରତିନମସ୍କାର ହୁଅନ୍ତି ।

ଏହାପରେ ମଧ୍ୟସ୍ଥ କରିଥାରେ କନ୍ୟାସୁନା ଦେବା-ନେବା କାର୍ଯ୍ୟର ଦିନ ଧାର୍ଯ୍ୟ କରାଯାଏ । ନିର୍ଦ୍ଧାରିତ ଦିନ କନ୍ୟା ପକ୍ଷର ସ୍ତ୍ରୀ ପୁରୁଷ, ଯୁବକ, ଯୁବତୀ, ପିଲା, ବୁଢ଼ା ବର ଘରେ ପହଞ୍ଚନ୍ତି । ସେମାନଙ୍କୁ ଉତ୍ତମ ସ୍ୱାଗତ କରାଯାଏ । ସମସ୍ତଙ୍କ ଗୋଡ଼ ଧୋଇ ଦିଆଯାଏ । କନ୍ୟାପକ୍ଷର ଜଣେ ନିକଟତମ ବ୍ୟକ୍ତି ସବା ଶେଷରେ ନିଜ ଗୋଡ଼ ଧୁଏଇ ହୁଏ । ଗୋଡ଼ ଧୋଉଥିବା ସ୍ତ୍ରୀ ଲୋକ ତା ଗୋଡ଼ ଦୁଇଟାକୁ ଜାବୁଡ଼ି ଧରେ । ଦେଖଣାହାରୀ କହନ୍ତି, "ବର୍ଷା (ନୂଆ) ଦିନର ପାଣି କଙ୍କଡ଼ା ଗାତରୁ ବାହାରିଛି ଏବଂ ଗୋଡ଼କୁ ଭିଡ଼ି ଧରିଛି ଏବଂ ସେ ମାଗୁଛି ତା ପାଉଣା ।"

ଏହି ପରିସ୍ଥିତିରେ ଗୋଟିଏ ଗୀତ ବୋଲିବାର ଶୁଣାଯାଏ ।

କାଟଃ କାଟାଃ ଦାଳ ତାଡ୍ ମେୟା ବାଲା

କାଟଃ କାଟାଃ ଦାଳ ତାଡ୍ ମେୟା ବାଲା

ହିସି ଟାକା ତେରେୟ ଦଁସି ଟାକା ତେରେୟ

ହାଲେ ଓଡ୍‌ଙ୍ଗେନ ମେୟା ବାଲା
ହାଲେ ଓଡ୍‌ଙ୍ଗେନ୍ ମେୟାବାଲା

ଓଡ଼ିଆ –

*କଙ୍କଡ଼ା ଗୋଡ଼କୁ ଧରିଛି ଭିଡ଼ି*
*ଭାବୁଛ କି ସିଏ ବିନା ମାହାସୁଲେ*
*ଦେବ କି ଛାଡ଼ି ?*
*ଶୁଣ ସମୁଦି ହେ ପିଟା ଖୋସଣି*
*କୋଡ଼ିଏ ତିରିଶ ଦିଅତ ଗଣି ।*
*ଛାଡ଼ି ଦେଇ ନେବ ମୁକୁଳାଇ*
*ଛଟକେ ଆଣିବ ଗୋଡ଼କୁ ଟାଣି*

ଗୋଡ଼ ହାତ ମୁହଁ ଧୋଇବା ସରିବା ପରେ ଜଣ ଜଣ କରି ପୂର୍ବରୁ ପାରି ହୋଇଥିବା ଖଟ ପଟିଆରେ ଅତିଥିମାନଙ୍କୁ ସାଦରେ ବସିବାକୁ ଅନୁରୋଧ କରାଯାଏ । ଏହାପରେ ସମସ୍ତଙ୍କୁ ହାଣ୍ଡିଆ ପିଇବାକୁ ଦିଆଯାଏ । ଅବଶ୍ୟ ଯେଉଁମାନେ ହାଣ୍ଡିଆ ପିଅନ୍ତି ନାହିଁ ସେମାନଙ୍କୁ ଜଳଖିଆ ଖାଇବାକୁ ଦିଆଯାଏ । ଏହାପରେ ଘରର ବା ଗାଁର ଲୋକେ ତାଙ୍କ ସହିତ ଦୁଃଖ-ସୁଖ ହୁଅନ୍ତି । ପୁରୁଷମାନଙ୍କୁ ଧୂଆଁପତ୍ର ଏବଂ ଶୁଖିଲା ଶାଳପତ୍ର ଦିଆଯାଏ । ଅତିଥିମାନେ ନିଜେ ହିଁ ବିଡ଼ି ତିଆରି କରନ୍ତି । ବିଡ଼ିରେ ନିଆଁ ଧରେଇବା ପାଇଁ ନଡ଼ାରେ ତିଆରି ଦୌଡ଼ି ବା ବଲ୍‌ରେ ନିଆଁ ଲଗେଇ ଅତିଥିମାନଙ୍କୁ ଦିଆଯାଏ । ଅବଶ୍ୟ ଆଜିକାଲି ବିଡ଼ି/ସିଗାରେଟ୍ ଓ ଦିଆସିଲର ପ୍ରଚଳନ ହେଲାଣି । କେତେକ ଜାଗାରେ ଏହାପରେ ଅତିଥିମାନଙ୍କୁ ଅଲଗା ଗୋଟିଏ ଜାଗାରେ ରହିବାର ବନ୍ଦୋବସ୍ତ କରିଥାନ୍ତି । ସେମାନଙ୍କୁ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ କରିବା ପାଇଁ କାଠ, ଚାଉଳ, ଡ଼ାଲି ପରିବା, ତେଲ ଇତ୍ୟାଦି ଇତ୍ୟାଦି ଯୋଗାଇ ଦିଅନ୍ତି । ସେମାନେ ନିଜେ ହିଁ ଖାଦ୍ୟ ପ୍ରସ୍ତୁତ କରି ଖାଆନ୍ତି । ସେମାନେ ରାତି ସାରା ଗୀତ ଗାଇ ମଉଜ ମଜଲିସ କରନ୍ତି । ସାଧାରଣତଃ ଗୋଟିଏ ଖାସି ମଧ ଯୋଗାଇ ସେମାନଙ୍କୁ ଦିଆଯାଏ । ତା'ପର ଦିନ ସକାଳେ ଅତିଥିମାନଙ୍କୁ ନିତ୍ୟକର୍ମ ପାଇଁ ଜଳାଶୟ (ପୋଖରୀ ନଦୀ) ତଟକୁ ନିଆଯାଏ । ଏହାପରେ କନ୍ୟାସୁନା ଦେବାନେବା ହୁଏ । କନ୍ୟା ପକ୍ଷ ପଶୁମାନଙ୍କ ଶିଙ୍ଗରେ ତେଲ ଲଗେଇ ତାଙ୍କୁ

ଗ୍ରହଣ କରନ୍ତି । ଅତିଥିମାନେ ବଳଦ/ଗାଈମାନଙ୍କୁ ଓଡ଼େଇ ଓଡ଼େଇ ଆଣିବା (ଖେଦି ଆଣିବା) ପାଇଁ ଜଣେ ଗାଇ-ଜଗା ଲୋକକୁ ନେଇକି ଯାଇଥାନ୍ତି ।

କନ୍ୟାସୁନା ଆଣିବା ପାଇଁ କନ୍ୟାପକ୍ଷ ବରଘରକୁ ଯିବାକୁ ''ଗନଂ ହାର ବାପାଲା'' କହନ୍ତି । ସବୁଠୁ ବଡ଼କଥା ହେଲା ଏହି ଉତ୍ସବରେ ମଜା-ମଜଲିସ୍ କରିବା ଟାହିଁ ବଡ଼କଥା । ଲୋକେ ଖାଆନ୍ତି, ପିଅନ୍ତି ଏବଂ ଗୀତ ବୋଲନ୍ତି । ''ଗନଂ ସିଡ୍ ବାପାଲା''ରେ ଗାଉଥିବା ଗୀତ ସବୁ ମଧ୍ୟ ''ଗନଂ ହାର ବାପାଲା''ରେ ଗାଆନ୍ତି । କୋହ୍ଲମାନଙ୍କ ବିଶ୍ୱାସ ବିବାହ ବେଳେ ସମସ୍ତେ ବିବାହ ପାଇଁ ବ୍ୟସ୍ତ ରହୁଥିବାରୁ ନିକଟ ସମ୍ପର୍କୀୟ ମାନେ ବେଶି ମଜା ମଜଲିସ୍ କରି ପାରନ୍ତି ନାହିଁ । ବିବାହର ଜଞ୍ଜାଳ ନଥିବାରୁ ଏହି ଉତ୍ସବରେ ସମସ୍ତେ ଖାଇ ପିଇ ଗୀତ ଗାଇ ମସ୍ତ ରହନ୍ତି । ଏହି ଉତ୍ସବରେ କେତେକ ଜାଗାରେ ବଡ଼ ଭଉଣୀ (କନ୍ୟାର)କୁ ଦିଆଯାଉ ଥିବା ଖାସି ହାଣ୍ଡିଆ ଆଦି ଦେଇ ଦିଆଯାଏ । ଏହା ସାଧାରଣତଃ ଝିଅ ଘରେ ବାହାଘରେ ହେଲେ ହୁଏ । ନୂଆ କନିଆକୁ ଛାଡ଼ିବାକୁ ଝିଅର ଦିଦି ଏବଂ ଅନ୍ୟାନ୍ୟ ବନ୍ଧୁମାନେ ଯାଉନଥିବାରୁ ''ଗନଂହାର ବାପାଲା'' ବେଳେ ହିଁ ଏହି କାମଟା ବଢ଼େଇ ଦିଆଯାଏ । ମାମୁଁକୁ ଦିଆଯାଉଥିବା ଖାସି ମଧ୍ୟ ଏତିକି ବେଳେ ହିଁ ଦେଇ ଦିଅନ୍ତି । ଝିଅର ମାମୁଁ ପାଉଥିବା ଖାସିକୁ ''ମାମୁଁ ବାଏଦା'' କୁହାଯାଏ । ଅବଶ୍ୟ ମାମୁଁକୁ ମଧ୍ୟ ଭାଣଜୀ ପାଇଁ ଉପଯୁକ୍ତ ପରିମାଣର ଉପହାର ଦେବାକୁ ପଡ଼ିଥାଏ ।

ବରଘରେ ଅତିଥିମାନଙ୍କୁ ଦେହରେ ଗୋଡ଼ରେ ହାତରେ ତେଲ ହଳଦୀ ଲଗେଇ ଦିଆଯାଏ । ମୁଣ୍ଡ ବାଳରେ ତେଲ ଲଗେଇ ଦେଇ କୁଣ୍ଡେଇ ଦିଅନ୍ତି ମଧ୍ୟ । ଅତିଥିମାନଙ୍କୁ ନୂଆ ଲୁଗା ମଧ୍ୟ ଦିଆଯାଏ । ଅତିଥିମାନଙ୍କୁ ଖୁସ୍ ମିଜାଜରେ ରଖିବା ପାଇଁ ବରପକ୍ଷ ସବୁ ପ୍ରକାର ଯତ୍ନ ନିଏ ।

ଅତିଥିମାନଙ୍କୁ ମଧ୍ୟ ଖାଦ୍ୟ ଦ୍ରବ୍ୟରେ ତିଆରି ହାରମାଳା ପିନ୍ଧାଇ ଦିଆଯାଏ । ସେମାନଙ୍କ ସହିତ ପଶୁ ସମ୍ପଦକୁ ଗୋଟେଇ ନେବାକୁ ଆସିଥିବା ଗାଇ-ଜଗାକୁ ଗୋଟିଏ କୁକୁଡ଼ା (ଗାଉସିମ୍) ବରପକ୍ଷ ଦିଅନ୍ତି । ଗାଇ-ଜଗା ଗନଂ ଉରିଃଙ୍କ (କନ୍ୟାସୁନା ବାବଦରେ ମିଳିଥିବା ଗାଈ/ଗୋରୁ)ସବୁକୁ କନ୍ୟାପକ୍ଷଙ୍କ ସହିତ ଗୋଟେଇ ଗୋଟେଇ ନେଇଯିବାର ପ୍ରଥା । ଅତିଥିମାନଙ୍କୁ କିଛି ବାଟ ପର୍ଯ୍ୟନ୍ତ ବରପକ୍ଷ ନେଇଛାଡ଼ନ୍ତି । ବିଦାୟ

ଦେବା ଜାଗାରେ ପରସ୍ପର ପରସ୍ପରକୁ ନମସ୍କାର ଓ ପ୍ରତି ନମସ୍କାର କରନ୍ତି ଏବଂ ଆଦର ସହକାରେ ଅତିଥିମାନଙ୍କୁ ବିଦାୟ ଦିଅନ୍ତି । ଏସବୁ ଘଟଣା ଘଟୁଥିବାବେଳେ ସ୍ତ୍ରୀ-ପୁରୁଷ ବାପାଲା ଦୁରାଂ ଗାଉଥିବାର ଦେଖାଯାଏ ।

ଅନେକ ଜାଗାରେ ଦେଖାଯାଏ ଯେ ପରବର୍ତ୍ତୀ କାର୍ଯ୍ୟକ୍ରମ ଏରେ ପୂଜା କେଉଁଠି କରାଯିବ ଏବଂ କେଉଁ ଦେଓଆଁ (ପୂଜାରୀ)ଙ୍କୁ ଉପଯୋଗ କରାଯିବ ସ୍ଥିରୀକୃତ ହୁଏ । ଉଭୟ ପକ୍ଷକୁ ସୁହାଇଲା ଭଳି ଦିନ ମଧ୍ୟ ଧାର୍ଯ୍ୟ କରାଯାଏ । "ଏରେ" ପୂଜାରେ ବଳି ଦିଆଯାଉଥିବା ବୋଦାର ଦାମ ଉଭୟ ପକ୍ଷ ଅଧା ଅଧା ଦେବା କଥା ଏବଂ ଏ ବିଷୟରେ ମଧ୍ୟ ଆଲୋଚନା ହୁଏ । କେଉଁ ପକ୍ଷ ବୋଦା କିଣି ଆଣି ପୂଜା ସ୍ଥଳକୁ ନେବ ସେକଥା ମଧ୍ୟ ଫଇସଲା ହୋଇଯାଏ ।

"ଏରେ ବଂଗା" ହୋ ବିବାହର ଏକ ବିଶିଷ୍ଟ ଚଳଣି । ଝିଅକୁ ଦେଖିବାକୁ ଗଲାବେଳେ ଆସିଲାବେଳେ ରାସ୍ତାରେ ଦୃଶ୍ୟ ହୋଇଥିବା ଅଶୁଭ ଲକ୍ଷଣ, ଝିଅ ପକ୍ଷ ବର ଘରକୁ ଯିବା ବା ସେଠାରୁ ଫେରିଲାବେଳେ ଦେଖିଥିବା ଘଟଣା ସବୁ ଇଙ୍ଗିତ୍ ଦେଉଥିବା ଅଶୁଭ ସଂକେତ ସବୁ ଦୂର କରିବା ପାଇଁ ଏରେ ବଂଗା କରାଯାଏ । ଦୁଇପକ୍ଷକୁ ସମାନ ଦୂର ହେଉଥିବା କୌଣସି ଏକ ଜଳାଶୟ ପାଖରେ ଏ ପୂଜା କରାଯାଏ । ଉଭୟ ପକ୍ଷରୁ ୮/୧୦ ଜଣ ଲୋକ ଏହି ପୂଜାରେ ସାମିଲ ହେବା ପାଇଁ ଆସିଥାନ୍ତି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିସ୍ପତି ଏହି ପୂଜା ସ୍ଥଳରେ କରାଯାଏ । ଏହା ହେଲା ବିବାହର ତିଥି ଏହିଠାରେ ହିଁ ସ୍ଥିରୀକୃତ ହୁଏ ।

ବିବାହ ତିଥି ସ୍ଥିରୀକୃତକୁ 'ହୋ' ଭାଷାରେ "ଦିଲି ବେଡ଼ାକ" କହନ୍ତି । ଆଁଦି ଦିଲିଯାନ – (ବିବାହର ଦିନ ଠିକ୍ ହେଲା) ମାତ୍ରେ ଉଭୟ ପକ୍ଷ ବ୍ୟସ୍ତ ହୋଇଯାଆନ୍ତି ଚାଉଳ, ହାଣ୍ଡିଆ, ଖଡ଼ିକା, ପତ୍ର, କାଠ ଯୋଗାଡ଼ରେ । ବନ୍ଧୁବାନ୍ଧବଙ୍କ ପାଖକୁ ନିମନ୍ତ୍ରଣ ପଠାଯାଏ । ଗାଁର ଲୋକଙ୍କୁ ନିମନ୍ତ୍ରଣ ଦେବା ପାଇଁ ପଠାଯାଏ । ବର ବା କନ୍ୟାର ମାମୁଁ, ପିଉସୀ ଇତ୍ୟାଦିଙ୍କ ଘରକୁ ଘରର ମୁରବୀମାନେ ନିମନ୍ତ୍ରଣ ଦେବାକୁ ଯାଆନ୍ତି । ଦିନ ଧାର୍ଯ୍ୟ ହେବା ଶୁଣିଲା ପରେ ଗାଁର ଯୁବକ ଓ ଯୁବତୀମାନେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ନାଚ ଗୀତର ଅଭ୍ୟାସ ଆରମ୍ଭ କରି ଦିଅନ୍ତି । ବର ବା ଝିଅ ଘରେ ଉତ୍ସବର ମହଲ ରହେ । ଆଖ ପାଖ ଗାଁର ଲୋକେ ମଧ୍ୟ ମାଦଳ

ଓ ନାଗରାର ପ୍ରତିଧ୍ୱନି/ଧ୍ୱନି ଶୁଣି ଖବର ସବୁ ସଂଗ୍ରହ କରି ବିବାହ ଦିନକୁ ଅପେକ୍ଷା କରନ୍ତି । ଆଖ ପାଖ ଗାଁର ଯୁବକ ଓ ଯୁବ୍ତୀମାନେ ମଧ ମାନସିକ ଅବସ୍ଥାରେ ନିଜକୁ ପ୍ରସ୍ତୁତ କରନ୍ତି ବିବାହ ଉତ୍ସବରେ ନାଚ ଗୀତରେ ସାମିଲ ହେବା ପାଇଁ । ଏଥିପାଇଁ କୌଣସି ନିମନ୍ତ୍ରଣର ଆବଶ୍ୟକ ହୁଏ ନାହିଁ । ଏପରିକି ଗାଁ ବାହିର ଲୋକେ ମଧ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ତାଙ୍କ ଗାଁରେ ବିବାହ ହେଉଛି ବୋଲି ଖବର ପଠାନ୍ତି ।

ଉଭୟ ବରପକ୍ଷ ଓ ଝିଅପକ୍ଷ ବିବାହରେ ଆବଶ୍ୟକ ଜିନିଷ ଯୋଗାଡ଼ରେ ବ୍ୟସ୍ତ ରହନ୍ତି । ଆବଶ୍ୟକ ଲୁଗା, ଗହଣା, ବାସନ କୁସନ, ଖାସି ଆଦି କିଣିବାରେ ବ୍ୟସ୍ତ ହୋଇଯାନ୍ତି । ଏ ସମୟରେ ଅନ୍ୟସବୁ କାମ ଭୁଲି ବିବାହ କାମ କଥା ହିଁ ଚିନ୍ତା କରନ୍ତି । ଗାଁର ଲୋକଙ୍କ ମଧ୍ୟରେ ଏହି ବିବାହ ବିଷୟରେ ଆଲୋଚନା ଚାଲେ । ସେମାନଙ୍କୁ ମଧ ତାଙ୍କର ସାମର୍ଥ୍ୟ ମୁତାବକ ବିବାହରେ ସାହାର୍ଯ୍ୟ (ଦେଙ୍ଗା-ହାରମ୍) ଦେବାକୁ ପଡ଼ିଥାଏ । ଏଣୁ ସେମାନେ ମଧ ପ୍ରସ୍ତୁତ ହୁଅନ୍ତି ବିବାହରେ ସାମିଲ ହେବା ପାଇଁ । ଏପରି ମନେହୁଏ ସତେ କି ସେ ଗାଁରେ କୌଣସି ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ପର୍ବ ଚାଲିଛି । ସମସ୍ତେ ବିବାହ ଦିନକୁ ଅପେକ୍ଷା କରି ରହନ୍ତି । ନାଚ ଗୀତର ଆସର ଦିନଧାର୍ଯ୍ୟ ହେଲା ଦିନଠାରୁ ଆରମ୍ଭ ହୋଇଯାଏ । ବର ବା କନ୍ୟାକୁ ବିବାହର ସାତଦିନ ପୂର୍ବରୁ ଦେହରେ ତେଲ୍ ହଳଦୀ ଲଗେଇବା ସଂଧ୍ୟାବେଳେ କରାଯାଏ । ସ୍ତ୍ରୀ ଓ ପିଲାମାନଙ୍କର ଭିଡ଼ ଜମିଯାଏ ହଳଦୀ-ତେଲ ଲଗେଇବା ଦେଖିବାପାଇଁ ସଂଧ୍ୟାବେଳେ, ସେପଟେ ଯୁବକ ଓ ଯୁବତୀମାନେ ପ୍ରସ୍ତୁତ ହୁଅନ୍ତି ନାଚ ଗୀତ ପାଇଁ । ହଳଦୀ-ତେଲ ଲଗେଇଲାବେଳେ ଆବଶ୍ୟକ ଜିନିଷ ହେଲା – ସ୍ୱତନ୍ତ୍ର ଭାବରେ ତିଆରି କରାଯାଇଥିବା ଏକ ଛୋଟ ପଟିଆ, ତେଲ ହଳଦୀ, ସିନ୍ଦୂର, ସଳିତା ଆଦି ରଖିବା ପାଇଁ ଗୋଟିଏ ବାଉଁଶରେ ତିଆରି ଡାଲା । ହଳଦୀ-ତେଲ ଲଗେଇବା କାମ ହେଲା ଝିଅବା ପୁଅର ଭାଉଜର । ଅବଶ୍ୟ ଅନ୍ୟମାନେ ମଧ ତେଲ-ହଳଦୀ ଲଗାନ୍ତି । କିନ୍ତୁ ବଡ଼ ଭାଉଜଙ୍କ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ/କର୍ତ୍ତବ୍ୟ । ହଳଦୀ-ତେଲ ଲଗେଇଲାବେଳେ ସ୍ତ୍ରୀଲୋକମାନେ ଗୀତ ଗାଇ ଖୁସି ଜାହିର କରନ୍ତି ।

ତେଲ-ହଳଦୀ ଲଗେଇବା ସରିଲେ ବର ବା କନ୍ୟାକୁ ଝିଅମାନେ ନେଇଯାଆନ୍ତି- ନାଚ ଆଖଡ଼ାକୁ ଏବଂ ସେମାନଙ୍କୁ ମଧ୍ୟ ଅନ୍ୟ ସମସ୍ତଙ୍କ ସହିତ ନାଚିବାକୁ ହୋଇଥାଏ ।

ହଳଦୀ-ତେଲ ଲଗେଇବା ପୂର୍ବେ କନ୍ୟା ତା ପିଉସୀ ଘର, ଦିଦିଘର ଓ ମାମୁଁ ଘରକୁ "ଲି" କରିବାକୁ ଯାଇଥାଏ । ସେ ଏକା ଯାଏ ନାହିଁ, ତା ସହିତ କୌଣସି ଜଣେ ବୟସ୍କା ମହିଳା ଯାଆନ୍ତି । କୁଆଁରୀ ହିସାବରେ ଏହା ତାର ଏସବୁ ବନ୍ଧୁବାନ୍ଧବଙ୍କୁ ଶେଷ ଦେଖା ତାଙ୍କ ଘରେ । ସେମାନେ ତାକୁ ନୂଆ ଲୁଗା ଏବଂ ଟଙ୍କା ପଇସା ଉପହାର ଦେଇ ତାର ବୈବାହିକ ଜୀବନର ଶୁଭ କାମନା କରନ୍ତି । କେତେକ କ୍ଷେତ୍ରରେ ସେ ମାମୁଁ ଘରୁ ବିଦାୟ ନେଇ ଆସେ ନାଗରା-ମାଦଳର ତାଳ ତାଳେ । ମାମୁଁ ମାଇଁ ବାଜା-ବଜାଇ ଗୀତ-ଗାଇ ଗାଇ ଭାଣଜୀକୁ ତାଙ୍କ ଘରୁ ବିଦାୟ ଦିଅନ୍ତି ଏବଂ ଉପହାର ସାମାନ ସବୁ ଶଗଡ଼ରେ ବୋଝ କରି ତା ସହିତ ସେମାନେ ଦିଦି/ଭିଣୋଇ ଘରକୁ ଆସନ୍ତି ।

ଗାଁ ସାହିରେ ମଧ ଜଣେ ସଙ୍ଗିନୀକୁ ସାଥିରେ ନେଇ କନ୍ୟା ଘରକୁ ଘର ଯାଏ । ସମସ୍ତେ ତାକୁ ସ୍ନେହ କରନ୍ତି । ତାକୁ ଖାଇବାକୁ ଓ ଉପହାର ମାନ ଦିଅନ୍ତି । ତେଲ-ହଳଦୀ ମଧ ତା ଦେହରେ ଲଗେଇ ଦିଅନ୍ତି । ବିବାହ ପରେ ବନ୍ଧୁ ହିସାବରେ ଗାଁକୁ ଆସିବ କିନ୍ତୁ ଝିଅ ହିସାବରେ ନୁହେଁ ।

ବିବାହ ଯେତେ ପାଖେଇ ପାଖେଇ ଆସେ ସେତେ ଗାଁ ସରଗରମ ହୋଇଯାଏ । ସବୁ ଜାଗାରେ ଏହି ବିବାହ ପାଇଁ ପ୍ରସ୍ତୁତି ବିଷୟରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା ଚାଲେ । ବର ବା ଝିଅ ଘରେ ଚାଉଳ ତିଆରି କରିବା, ହାଣ୍ଡିଆ ତିଆରି କରିବା, ନୂଆ ଲୁଗା କିଣିବା, ପତ୍ର, ଖଡ଼ିକା, ଜାଳେଣି କାଠ ଆଦି ଯୋଗାଡ଼ କରିବାରେ ସେମାନେ ବ୍ୟସ୍ତ ରହନ୍ତି । ବିବାହର ଦୁଇ ବା ତିନି ଦିନ ପୂର୍ବରୁ ବନ୍ଧୁବାନ୍ଧବଙ୍କ (କୁଣିଆଙ୍କ) ଘରେ ଭିଡ଼ ଜମିଯାଏ ।

ବର ବିବାହ ପାଇଁ କନ୍ୟା ଘରକୁ ଆସିବାର ଥିଲେ ଗାଡ଼ି ଘୋଡ଼ାର ବନ୍ଦୋବସ୍ତ କରାଯାଏ । ବରଯାତ୍ରୀ ନାଗରା-ମାଦଳ ଧରି ବିବାହ ପାଇଁ ବରକୁ ନେଇ ଆସନ୍ତି । ତାକୁ ଗାଁ ମୁଣ୍ଡରୁ ଗୀତ-ଗାଇ, ବାଜାବଜେଇ ସ୍ୱାଗତ(ଦାରମ୍) କରାଯାଏ । ଗାଁ ଦାଣ୍ଡ ସରଗରମ୍ ହୋଇଯାଏ ।

ବନ୍ଧୁବାନ୍ଧବ, ଗାଁ ଲୋକେ, ଆଖପାଖର ଦେଖଣାହାରି ସମସ୍ତେ ସାମିଲ ହୁଅନ୍ତି ଏବଂ ସ୍ୱାଗତ କରିବା ପ୍ରକ୍ରିୟାରେ । ଏତିକିବେଳେ ବାଜୁଥିବା ମାଦଳର ତାଳ ଏପରି ହୋଇଥାଏ —

୧) ରୁମ୍ ଜୁମ୍ଯା କାଦାଇ ଜୁମ୍ଯା
ଦେବତା ଅଛି ବଙ୍ଗା ବାଙ୍ଗାଇଃ
ଟାଙ୍ଗ୍ ଟାଙ୍ଗ୍

୨) ରୁଇ୍ ଲେଡ଼ାଙ୍ଗ୍ ସବଃ ଲେଡ଼ାଙ୍ଗ୍
ହେଲତା ଲୁପୁଃ ଟାଙ୍ଗ୍ ଟାଙ୍ଗ୍

ଏହି ମାଦଳ-ନାଗରାର ତାଳେତାଳେ ନାଚି ବରକୁ ସ୍ୱାଗତ କରି କନ୍ୟା ଘରକୁ ଅଣାଯାଏ । ବରକୁ କନ୍ୟାର ମାଁ ନୂଆ କଂସା ଥାଳିରେ ଗୋଡ଼ ଧୋଇ ଦିଅନ୍ତି ଏବଂ ତାଙ୍କୁ ଚୁଡ଼ା-ଗୁଡ଼ ଖୁଆଇ ଦିଅନ୍ତି । ଏହାପରେ ତାଙ୍କୁ ଘରକୁ ପାଛୋଟି ଆଣନ୍ତି । କେତେକ କ୍ଷେତ୍ରରେ ତାଙ୍କୁ କାଖେଇ/କାନ୍ଧେଇ ମଧ୍ୟ ପାଛୋଟି ଅଣାଯାଏ । ଏ କାମ ସାଧାରଣତଃ ବରର ଶଳା ହେବାକୁ ଯାଉଥିବା ଟୋକା ମାନେ କରିଥାନ୍ତି ।

ଏତିକିବେଳେ ବରଯାତ୍ରୀ ମାନଙ୍କ ପାଇଁ ବିଶ୍ରାମ ପାଇଁ ଜାଗା ଦେଖେଇ ଦିଆଯାଏ । ସାଧାରଣତଃ ନିକଟସ୍ଥ ଏକ ଗଛ ମୂଳେ ଗଛ ଡାଳରେ ତିଆରି "ଜାମ୍‌ଦ୍ରା"କୁ ଅତିଥିମାନଙ୍କୁ ଦେଖେଇ ଦିଆଯାଏ । ଅବଶ୍ୟ ବର ପହଞ୍ଚିବା ପୂର୍ବରୁ ୪/୫ ଜଣ ଲୋକ ଆସି ଖାଦ୍ୟପେୟର ଜିମା ନେଇ ଯାଆନ୍ତି ଝିଅ ଘରୁ । ଏମାନଙ୍କୁ "ତିଆଙ୍ଗ୍ ଲେକାକ" କୁହାଯାଏ । ତିଆଙ୍ଗ୍ ବା ହାଣ୍ଡିଆ ଗଣିବା ଲୋକ । ସେମାନେ ଖାଦ୍ୟପେୟ ସବୁ ନେଇ "ଜାମଡ୍ରା"ରେ ରଖନ୍ତି । ଅବଶ୍ୟ କାଠ, ପାଣିର ମଧ ବନ୍ଦୋବସ୍ତ କରାଯାଇ ଥାଏ । ଏଣୁ ବରପକ୍ଷ ଲୋକ ନିଜେ ହିଁ ଖାଦ୍ୟପେୟ ତିଆରି କରନ୍ତି ଏବଂ ତାର ମଜା ନିଅନ୍ତି । ଏତିକିବେଳେ ସେପଟେ "ନାଚ ଆଖଡା" ବାଚ ଗୀତରେ ଉଠୁଥାଏ ପଡୁଥାଏ । ବର ପଖ ଓ ଝିଅପକ୍ଷ ମାଦଳ ଓ ନାଗରାର ତାଳେ ତାଳେ ନାଚୁଥାନ୍ତି — ଏତିକିବେଳେ ବାଜୁଥିବା ଦୁମାଙ୍ଗ (ମାଦଳ) ଓ ଦାମା (ନାଗରା) ର ତାଳ ହେଲା ଏହିପରି —

୧) ରୁଗୁଦ୍ ସୁଉଦ୍ ଦାଃ-ଦ ମିସିଞ୍ଜ ସା-ସା
ସୁଉଃଇ ମୁଟିକୁ ସା-ସା

୨)　ପାଆସୁ ବୁଟା ହୁର୍‌ହୁର୍
କିଣବୁଟା ରେପେଃକାଡୁ
ବାଲେଃ କିମିନ୍ ମେନ୍ତେ ଗେଦା (୨)
ସିମଚିଲ ଗଜାମ୍
ଇତ୍ୟାଦି । ଏତିକିବେଳେ ଗାଉଥିବା ଗୀତ-ନିମ୍ନମତେ
୧)　ମାଇ ତାଲେଦ ମାଇ ତାଲେଦ
ତାଁଣିରେ ଜମ୍‌କେନ୍ ତାଁଣିରେଃ ଜମ୍‌କେନ୍
ତାଁଣି ମେଞ୍ ମେଞ୍ ତାଁଣି ମେଞ୍ ମେଞ୍
ଗିନାରେଃ ଜମ୍ କେନ୍ ଗିନାରେଃ ଜମ୍ କେନ୍
ଗିନା ବିରିଂ ବିରଂ ଗିନା ବିରିଂ ବିରିଂ

ଓଡ଼ିଆ –

*ଆମ ଘର ଝିଅ*
*ଆଉ ଭଉଣୀ*
*କଂସା ଥାଳିରେ ଖାଇଲା ଭାତ*
*କଂସା ଲୋଟା ପାଣିରେ ଧୋଇଲା ହାତ*
*କଂସା ଥାଳି ପରି ଦିହଟା ଝଟକେ*
*ରଙ୍ଗରେ କିଏବା ପାରିବ ଜିଣି*
*ଆମ ଘର ଝିଅ*
*ଆଉ ଭଉଣୀ ।*
*କେତେ ମଧୁରିଆ*
*ତା' ଠାଣି ମାଣି*
*କଂସା ଗିନାରେ ଖାଇଛି ଡାଲି*
*କଂସା ଗିଲାସରେ ପିଇଛି ବୋଲି*
*କଂସା ପରି ତାର ଝକଝକ ଚେହେ*
*କହ କିଏ ତାକୁ ପାରିବ ଖୁଣି ॥*

୨)　ମାଇ ତାଲେଦ ବୁଇତାଲେଦ
ସାଲ୍ ସାଲତେଃ ହୁକୁଃଲେନ୍
ସାଲ୍ ବାବା କିଦାରେ କଦର
ସାଲ୍ ବାବା କିଦାରେ କଦର

ଓଡ଼ିଆ —

ଗହୀର ବିଲର ମଝିରେ ପଶି
ଗହୀର ପାଟର କାତୁଅ ଧସି
ଆସିଥିଲା ଆମ ଝିଅ
ଗହୀର ବିଲର ଗହଳ ଧାନ
ଢେଉ ଖେଳେଉଛି ସେଠି ପବନ
ଢେଉ ପରି ନଙ୍କ ନକିଆ
ହେଉଛି ଝିଅ ଧିଆ ॥

୩) ମାଇ ତାଲେଦ ବୁଇ ତାଲେଦ
କୁଚୁରି ସୁବାରେଲେ ତିଙ୍ଗୁଲିଃଆ
କୁଚୁରି ନାଇଙ୍କ ଲେକାଏ-ଲେଙ୍କ ଚେଁଡ୍
ବାବୁ ତାପେଦ ବୟ ତାପେଦ
ହାତାନା ସୁବାରେଃ ତିଙ୍ଗୁଲେନା
ହାତାନାଃ ଙ୍କ ଲେକାଏଃ ରେତପେତ
ହାତାନାଃ ଙ୍କ ଲେକାଏଃ ରେତ ପେତ

ଓଡ଼ିଆ —

କେତେ କଅଁଳିଆ ଛନ୍ଛନ୍ ହୋଇ
ବଢ଼ିଛି କୁଚୁରି ଲତା
ସେହି ଲତା ତଳେ ଠିଆ କଲୁ ଆମ
ଭଉଣୀ ଆମ ଦୁହିତା
କୁଚୁରି ଲତାର ପରି
କେଡ଼େ କଅଁଳିଆ ଛନ୍ଛନ ହୋଇ
ଦିହଟା ଉଠିଛି ପୁରି ॥
ଅସନ ଗଛର ପଳ ଚାହିଁ ଦେଖ
ଆବୁଡ଼ା ଖାବୁଡ଼ା ଦିହ
ତାହାରି ତଳରେ କରିଥିଲୁ ଠିଆ
ସେହି ଟୋକା ତମ ପୁଅ
ଅସନ ଫୁଲର ପରି
ପୁଅର ଚେହେରା ଗୋଟା ସାରା ଖାଲି
ଢିପରେ ଯାଉଛି ଭରି ॥

ସେପଟେ ଝିଅ ଘରର ଲୋକେ ବିବାହରେ ଲାଗୁଥିବା ସାମାନ ସବୁ ଯୁଗାଡ଼ କରନ୍ତି। ବିବାହ ବେଦିକୁ ଗୋବରରେ ଲିପାପୋଛା କରାଯାଏ। କନ୍ୟାକୁ ପ୍ରସ୍ତୁତ କରାଯାଏ ବିବାହ ପାଇଁ। ତେଲ ହଳଦୀ, ସିନ୍ଦୂର ଆଦି ଯୁଗାଡ଼ କରାଯାଏ। ଝିଅକୁ ସାତ ଦିନ ଧରି ତେଲ-ହଳଦୀ ଲଗେଇଥିବା ପଟିଆ ଓ ତେଲ, ହଳଦୀ, ସିନ୍ଦୂର ଆଦି ଶାଳପତ୍ର ଧୂନାରେ ରଖି ସବୁକୁ ଡାଲାରେ ସାଇତି ରଖାଯାଏ। ହଳଦୀ ତେଲ ଲଗଉଥିବା ଭାଉଜମାନେ ପ୍ରସ୍ତୁତ ହୋଇ ରହନ୍ତି ବିବାହ କରିବା ପାଇଁ। କନ୍ୟା ଆସେ ତା ସାଥି (ଲୁକୁନ୍ଦି) ସହିତ ଓ ବର ମଧ୍ୟ ଆସେ ତା ସାଥି (ଲୁକୁନ୍ଦି) ସହିତ ବେଦି ସାଳକୁ। ଲୁକୁନ୍ଦି ମାନେ ସାଙ୍ଗ ଦେଇ ଆସିଥାନ୍ତି ବର ଓ କନ୍ୟାକୁ ବିବାହ ପୂର୍ବରୁ ତେଲ ଓ ହଳଦୀ ଲଗେଇଲା ବେଳଠାରୁ, ବିବାହ ବେଦିରେ ମଧ୍ୟ ସେମାନେ ଉପସ୍ଥିତ ରହନ୍ତି। ବରକନ୍ୟାକୁ, ବିବାହ ଉପଲକ୍ଷେ, ନୂଆ ଲୁଗା ପିନ୍ଧେଇ ଦିଆଯାଏ। ବରପକ୍ଷ ଓ ଝିଅ ପକ୍ଷ ବର ଓ କନ୍ୟାଙ୍କୁ ନୂଆ ଲୁଗା ଦେଇଥାନ୍ତି। ବର ଓ କନ୍ୟାଙ୍କୁ ଉଭୟ ପକ୍ଷର ଭାଉଜ ତେଲ-ହଳଦୀ ଲଗେଇ ଦିଅନ୍ତି। ଏତିକିବେଳେ ଏକ ସାରଗର୍ଭକ ଗୀତ ଝିଅ ପକ୍ଷ ଲୋକର ସ୍ତ୍ରୀଲୋକମାନେ ଗାଉଥିବା ଶୁଣାଯାଏ।

ନେଙ୍ଗାମ୍ ନଳାଃ ସାସାଙ୍ଗ୍ ମାଇନା
ନାପୁମ୍ ନଳାଃ ସୁନୁମ୍
ମିତି ଲଃକ ମିଶାତାଡ଼ା ମିତି ମୁତୁଡ୍ ମୁତୁଡ୍
ମିତି ଲଃକ ମିଶାତାଡ଼ା ମିତି ମୁତୁଡ୍ ମୁତୁଡ୍
ହାନାର୍‌ମେ ନଳାଃ ସାସାଙ୍ଗ୍ ମାଇନା
ହଂଞାର୍‌ମେ ନଳାଃ ସୁନୁମ୍
ଗିତିଲ୍ ଲଃକ ମିଶା ତାଡ଼ା
ଗିତିଲ୍ ସେଗୟ ସେଗୟ

ଓଡ଼ିଆ —

*ମା ଘରର ବଟା ହଳଦୀ*
*ବାପ ଘରର ତେଲ।*
*ଶୁଣରେ ସଖୀ*
*ମିଶିଛି ମେଥି*

*କେତେ ସୁନ୍ଦର ବାସ ମହକେ*
*ଯେମିତି ସଜ ଫୁଲ ।*
*ଶାଶୁ ଘରର ହଳଦୀ ବଟା*
*ଶ୍ୱଶୁର ଘର ଏଟେଲ ଚିକିଟା*
*ସତେକି ସଖୀ*
*ମିଶିଛି ବାଲି*
*ମାଖିଲେ ଦିହ ରଗଡ଼ି ହୁଏ*
*ମନଟା ଲାଗେ ଚିଟା ।*

ବିବାହ ବେଦିରେ ଭାଉଜମାନେ ବରକନ୍ୟାକୁ ପଟିଆରେ ବସେଇ ତେଲ ହଳଦୀ ଲଗେଇ ଦିଅନ୍ତି । ଏହାପରେ ବର କନ୍ୟା କପାଳରେ ସିନ୍ଦୂର ଲଗାଏ ଓ କନ୍ୟା ମଧ ବରକପାଳରେ ସିନ୍ଦୂର ଲଗାଇ ବିବାହ ପ୍ରଥା ଶେଷ କରେ । ଏତିକିବେଳେ ବର ଲୁହା ଖଡୁ (ଲୁହା ଚୁଡ଼ି) କନ୍ୟାର ବାଁ ହାତରେ ପିନ୍ଧେଇଦିଏ । ଏ ଲୁହା ଖଡୁ ରହେ ବିବାହର ମୂକ ସାକ୍ଷୀ ରୂପେ । ଲୁହା ଚୁଡ଼ିକୁ ପରିତ୍ୟାଗ କରେ ସ୍ୱାମୀର ମୃତ୍ୟୁ ପରେ ବା ଛାଡ଼ପତ୍ର ନେଲେ ।

ସିନ୍ଦୂର ବୋଲା ବୋଲି ହେଉଥିବା ବେଳେ ଗାଉଥିବା ଗୀତ ହେଲା —

ସିନ୍ଦୂରୀ ମେନା ମାଇଁ ସିନ୍ଦୂରୀ ମେଁ
ହାତୀ ସାମାଇ୍ ଡାଇ୍ ଡାଇ୍‌ରେ
ସିନ୍ଦୂରୀ ମେଁ
ସିନ୍ଦୂରୀ ମେନା ମାଇଁ ସିନ୍ଦୂରୀ ମେଁ
ହାତୀ ସାମାଇ୍ ଡାଁଇ୍ ଡାଡ୍‌ଗ୍‌ରେ
ସିନ୍ଦୂରୀ ମେଁ

**ଓଡ଼ିଆ —**

*ସିନ୍ଦୂର ଟୋପା ଦେ ଲୋ ସଖୀ*
*ଦେ ସିନ୍ଦୂର ଘସି ।*
*ହାତୀ ଶୁଣ୍ଡିଆ କପାଳଟା ତା*
*ରଙ୍ଗରେ ଉଠୁ ହସି ॥*
*ଟାଢ଼୍‌ଗରା ଭୂଇଁ ମଥାଟା ତାର*

*ରଙ୍ଗରେ ଉଠୁ ଭରି ।*
*ସିନ୍ଦୂର ଘସି କରିଦେ ନାଲି*
*ମନଟା ଉଠୁ ପୁରି ॥*

ଏତିକିବେଳେ ବାଜୁଥାଏ ମାଦଳ —

ରୁଙ୍ ଲେଡାଞ୍ଜ ସବଃ ଲେଡ଼ାଞ୍ଜ
ହେଲତା ଲୁପୁଃ ଚାଙ୍ଚାଙ୍

ଏହାପରେ ବର କନ୍ୟାକୁ କୋଳେଇ (କାଖେଇ) ଘର ଭିତରକୁ ନିଆଯାଏ । ସେମାନେ ସାତ ଥର ପଶନ୍ତି ଓ ବାହାରନ୍ତି ଏବଂ ପରେ ଘର ଭିତରେ ତାଙ୍କୁ ଖାଇବାକୁ ପିଇବାକୁ ଦିଆଯାଏ ।

ନାଚ ଆଖଡାରେ ଏତିକିବେଳେ ନାଚ ଗୀତ ହେଉଥାଏ । ବରକନ୍ୟାଙ୍କୁ ମଧ୍ୟ ନାଚରେ ସାମିଲ କରାଯାଏ । ଏ ମୁହୂର୍ତ୍ତଟା ପରିବାରର ସମସ୍ତଙ୍କ, ଦେଖଣା ହାରିଙ୍କ ପାଇଁ, ସର୍ବୋପରି ବରକନ୍ୟା ପାଇଁ ରୋମାଞ୍ଚକର ହୋଇଥାଏ । ବରକନ୍ୟା ପରସ୍ପର ପରସ୍ପରକୁ ଅଣ୍ଟାରେ ଧରାଧରି ହୋଇ ମାଦଳର ତାଳେ ତାଳେ ନାଚି ସମସ୍ତଙ୍କୁ ଆନନ୍ଦିତ କରନ୍ତି । ଏତିକିବେଳେ ବାପା, ମା, ଭାଇ, ଭଉଣୀ, ଭାଉଜ, ମାମୁଁ, ମାଇଁ, ଭେଣେଇ ସମସ୍ତଙ୍କୁ ଆନନ୍ଦରେ ନାଚିବାର ଦେଖିବାକୁ ମିଳେ । ବାଜୁଥିବା ମାଦଳ ତାଳ ଏହିପରି ହୋଇଥାଏ ।

୧) ମାଲ୍‌ଚି ବାଜାଇ ବୁଗିନ୍ ବାଜାଇ ତାଡ୍
ବେଙ୍ଗାଳା ବାଜାଇ ବୁଗିନ୍ ବାଜାଇ ତାଡ୍
ମାଲ୍‌ଚି ତିକିଞ୍ଜ ଗଡ୍‌ତାନ୍ ତେ
ସାଙ୍କା ଦକିଞ୍ଜ୍ ରାପୁଡ୍ କେଡ୍
ବେଙ୍ଗାଳା ତିକିଞ୍ଜ୍ ଗଡ୍‌ତାନ୍ ତେ
ସାଙ୍କା ଦକିଞ୍ଜ୍ ରାପୁଡ୍ କେଡ୍
ତାଂ ଦିନିଙ୍ଗ୍ ଡିବିଲ୍
ଡିନିଁଙ୍ଗ ଡିବିଲ୍ ନାଙ୍ ନାଙ୍

୨) ସାଣ୍ଡି ବୁନୁମ୍ ଚେତାନ୍‌ରେ
ସାଣ୍ଡି ବୁନୁମ୍ ଚେତାନ୍‌ରେ
ବୁନୁମ୍ କୁଟୁଙ୍ଗବା ବୁନୁମ୍ କୁଟୁଙ୍ ବା

ବା' ତେ ମେତାମ୍ ଦଙ୍ଗବ୍ ଦଙ୍ଗବ୍
ବା'ତେ ମେତାମ୍ ଦଙ୍ଗବ୍ ଦଙ୍ଗବ୍
ବାଲେଃ କିମିନ୍ ବା' ତାଡୁ
ବାଲେଃ କିମିନ୍ ବା' ତାଡୁ
ଦିନିଙ୍ଗ୍ ଜାଗନା ତୁବୁଲ୍
ଦେସାଙ୍ଗ ଜାଙ୍ଗ୍‌ନା ତୁବୁଲ୍
ଡିସିଙ୍ଗ୍ ଡିସିଙ୍ଗ୍ ନାଙ୍ଗ୍ ନାଙ୍ଗ୍

୩) ତାଡ଼ାଙ୍ଗ୍ ବିତାର୍ ବିତାର୍‌ତେ
ତାଡ଼ାଙ୍ଗ୍ ବିତାର୍ ବିତାର୍‌ତେ
ନିକିଞ୍ଚ୍ ଦୂର୍ ବିର୍‌ଜିଲୁ କିଞ୍ଚ୍ ନିର୍‌ତାନ୍
ନିକିଞ୍ଚ୍ ଦୂର୍ ବିର୍ ଜିଲୁ କିଞ୍ଚ୍ ନିର୍‌ତାନ୍
ନିମିନ୍ ନିମିନ୍ ଜା'ରେ ବେଟାଇ
ଜାରେ ମାଇଆଇମ୍
ଜେତାରେ ବେଟାଇ ଜାରେ ତୁଂଜିମ୍
ନାଙ୍ଗ୍ ନାଙ୍ଗ୍ ।

୪) ଆଦିଙ୍ଗ୍ ବିତାର୍ ବିତାର୍‌ତେ
ଜାମ୍‌ତା ବିତାର୍ ବିତାର୍‌ତେ
ନେନ୍ଦର କୁଇ ଗାତି ଅକୟ ମେତାମ୍
ନେନ୍ଦର କୁଇ ଗାତି ଅକୟ ମେତାମ୍
ମିସିଞ୍ଚ୍ ମେତାଞ୍ଚ୍ ମିସିଞ୍ଚ୍
ମିସିଞ୍ଚ୍ ମେତାଞ୍ଚ୍ ମିସିଞ୍ଚ୍

ନିମନ୍ତ୍ରିତ ଅତିଥି, ଘରର ଲୋକେ, ଦେଖଣାହାରୀ ସମସ୍ତେ ନାଚ ଗୀତକୁ ଉପଭୋଗ କରନ୍ତି । ଆଖପାଖ ଗାଁର ଯୁବକ ଯୁବତୀ ମାନେ ବିବାହରେ ନାଚିବାକୁ ଚାତକ ପକ୍ଷୀ ପରି ଅନେଇ ବସିଥାନ୍ତି । ଟୋକା ଟୋକୀମାନେ ଅଣ୍ଟାରେ ଧରାଧରି ହୋଇ ନାଚନ୍ତି । ନାଚୁ ନାଚୁ ପ୍ରେମାଳାପ କରି ଅନେକ ସମୟରେ ଜୀବନ ସାଥି ଖୋଜି ନିଅନ୍ତି । ଗୋଟିଏ ବିବାହ ଉତ୍ସବରେ ୩/୪ ଯୋଡ଼ା ଯୁବକ ଯୁବତୀ ପରସ୍ପର ପରସ୍ପରକୁ ଡକାଡକି (ଜେପେୟା) ହୋଇ ବିବାହ କରିଥାନ୍ତି । ଜେପେୟା ଆଦି ବିଷୟରେ

ପୂର୍ବରୁ ସୂଚନା ଦିଆଯାଇଛି । ଯୁବକ ଯୁବତୀଙ୍କ ପ୍ରେମ ବିବାହକୁ "କେପେୟା" କୁହାଯାଏ । ଯୁବକ ତାର ପସନ୍ଦର ଯୁବତୀକୁ ଡାକି ନେଇଯାଏ ଜୀବନ ସଙ୍ଗିନୀ କରିବା ପାଇଁ । ତାଙ୍କର ଯୋଡ଼ିକୁ ପୁଅର ମାଁ ବାପାର ସ୍ୱୀକୃତି ନଥିଲେ, ଯୁବକ ଜଣକ ତା ପ୍ରେମିକୁ ମାମୁଁ ଘରକୁ, ବା ପିଇସୀ ଘରକୁ ବା ଭଉଣୀ ଘରକୁ ନେଇଯାଏ । ନିଜ ଘରେ ବା ବନ୍ଧୁ ଘରେ ଯୁବକ ବୋହୂକୁ ପହଞ୍ଚେଇଲେ ସେମାନଙ୍କର ଗୋଡ଼କୁ ଗୋଟିଏ ଥାଳିରେ ଥୋଇ ଧୋଇ ଦେଇ ସେମାନଙ୍କୁ ସ୍ୱାମୀ ଓ ସ୍ତ୍ରୀ ଦର୍ଜ୍ଜା ଦେଇ ସ୍ୱାଗତ କରାଯାଏ । ଏହାପରେ ସେମାନେ ସ୍ୱାମୀ ସ୍ତ୍ରୀ ହୋଇ ରହିବାରେ କିଛି ଅସୁବିଧା ହୁଏ ନାହିଁ । ସମାଜ ସେମାନଙ୍କ ମିଳନକୁ ଗ୍ରହଣ କରିନିଏ । ବାପା ମା ମଧ୍ୟ ବାଧ ହୋଇ ବୋହୂକୁ ଗ୍ରହଣ କରି ତେଲ-ହଳଦୀ ଲଗେଇ ସିନ୍ଦୂରାଦାନ୍ କରାଇ ବିବାହକୁ ସ୍ୱୀକୃତି ଦିଅନ୍ତି । ଅନ୍ୟପକ୍ଷେ ବୋହୂକୁ ପସନ୍ଦ କରୁ ନଥିଲେ, ପିଲାକୁ ପ୍ରବର୍ତ୍ତାନ୍ତି ବୋହୂକୁ ଛାଡ଼ି ଦେବାପାଇଁ । ଏହା ସମ୍ଭବ ନ ହେଲେ ପୁଅ ଓ ବୋହୂଙ୍କୁ ଅଲଗା କରିଦିଅନ୍ତି । ବୋହୂକୁ ଗ୍ରହଣ କରିନେଲେ ଉଭୟ ପକ୍ଷ ଲୋକେ ମିଶି ବିଧିବଦ୍ଧ ଭାବରେ ଗନଂ (କନ୍ୟାସୁନା) ଦେବା-ନେବା କରି ବିବାହକୁ ସ୍ୱୀକୃତି ଦିଅନ୍ତି । ଏହା ପୂର୍ବରୁ ଝିଅ ଘରୁ ଝିଅକୁ ଖୋଜିବାକୁ ଆସନ୍ତି ଏବଂ ଏହାକୁ "ନେଲ୍ ବେଟା" କହନ୍ତି । ପ୍ରକୃତରେ ସେମାନେ ଦେଖିବାକୁ ଆସନ୍ତି ଯେ ତାଙ୍କ ଝିଅ କେଉଁ ଘରେ ଯାଇ ପହଞ୍ଚିଛି । କେତେକ ଜାଗାରେ କନ୍ୟା ବା ଝିଅର ବାପା ଏ ମିଳନରେ ଦୁଃଖି ହୋଇଥିଲେ ନେଲ୍‌ବେଟା ପାଇଁ ଆସିଥିବା ଲୋକ ଗୋଟିଏ କଣ୍ଟା ଗଛର ଡାଳକୁ ପୁଅ ଘର ଦୁଆରେ ଥୋଇଦିଏ । ଏହାକୁ "ଜାନୁନ୍ ଝାଣ୍ଟି" କହନ୍ତି । ଯେ ପର୍ଯ୍ୟନ୍ତ ସେମାନଙ୍କୁ ଚିଣ୍ଡି ମେରମ୍, ଚିଣ୍ଡି ସିମ୍ ମିଳିନାହିଁ, ସେମାନେ କଣ୍ଟା ଡାଳକୁ ହଟାନ୍ତି ନାହିଁ । ପୁଅର ଗାଁ ସାହିର ଲୋକେ ଆସି କଥାବାର୍ତ୍ତା ମାଧ୍ୟମରେ ତାଙ୍କର ରାଗକୁ ଶାନ୍ତ କରନ୍ତି । ଚିଣ୍ଡି ମେରମ୍, ଚିଣ୍ଡି ସିମ୍ ପାଇଲା ପରେ ସେମାନେ ଶାନ୍ତ ହୁଅନ୍ତି । ଚିଣ୍ଡି ମେରମ୍ ହେଲା – ଗୋଟିଏ ଛେଳି ଯାହାକୁ ବରପକ୍ଷ କନ୍ୟା ପକ୍ଷକୁ ଦିଅନ୍ତି ।

ଚିଣ୍ଡି ସିମ୍ ହେଲା – ଗୋଟିଏ କୁକୁଡ଼ା ଯାହାକୁ ବରପକ୍ଷ କନ୍ୟା ପକ୍ଷକୁ ନିଅନ୍ତି ।

ଅବଶ୍ୟ ଝିଅ ପକ୍ଷ ବରଘରକୁ ପସନ୍ଦ କରୁ ନଥିଲେ ବହୁ ଅପ୍ରୀତିକର ଘଟଣା ପୂର୍ବେ ଘଟୁଥିଲା । ଝିଅ ଘର ଲୋକେ ଆସି ଜୋର୍ ଜବରଦୋସ୍ତ

ବର ଘରର ସବୁ ପଶୁ ସମ୍ପଦକୁ ଖେଦି ନେଇଯାଉଥିଲେ । ଆଜିକାଲି ସେସବୁ ଆଉ ହେଉନାହିଁ ।

ଆଁଦି ପରେ କନ୍ୟାକୁ ବିଦାକଲା ବେଳେ ଝିଅର ସାଥିମାନେ କିଛି ପାଉଣା ଦାବି କରନ୍ତି । ଏହାକୁ ''ସାଥିଛଡ଼ା'' ପାଉଣା କୁହାଯାଇପାରେ ।

ଝିଅ ବିଦା ହେଲାବେଳେ ଗାଁ ମୁଣ୍ଡରେ ଏକ ଗଛ ଡାଳରେ ''ସାକି ସୁତାମ୍'' ସାତଥର ଗୋଡ଼େଇକି ବାନ୍ଧିଦିଏ । ଅନ୍ତତଃ ପକ୍ଷେ ଗାଁର ଗୋଟିଏ ଗଛ ସାକ୍ଷୀ ରହେ ଯେ ସେ ଶାଶୁ ଘରକୁ ଯାଉଛି ବୋହୂ ହୋଇ ।

ଝିଅ ମାଁ ଘରର ଲୋକଙ୍କ ପାଖରୁ ବିଦାୟ ନେଲା ବେଳେ ଏପରି ଗୀତ ଝିଅ ପକ୍ଷର ଯୁବତୀମାନେ ବୋଲିବାର ଶୁଣାଯାଏ ।

ଜନମ୍ ଏଙ୍ଗାକିଞ୍ଜ୍ ଜନମ୍ ଆପୁକିଞ୍ଜ୍
ତିସିଙ୍ଗଦ୍ ମାରିଁମ୍ ବାଗେୟା କିଞ୍ଜତାନ୍
ଜନମ୍ ଏଙ୍ଗାକିଞ୍ଜ୍ ଜନମ୍ ଆପୁକିଞ୍ଜ୍
ସାର ସିବିଲ୍ ଦ ବାଗେୟା କିଞ୍ଜ୍ ମେ
ଭଣ୍ଡି ବାକମ୍‌କ ବାରେମ୍ ବଂଶକ
ସାଦାୟ ଜିରେ ହିୟାତିଞ୍ଜ କବେନ୍
ସିଦା କୁଲିମ୍‌କ ପାଇଲା ଗାତିମ୍‌କ
ମାୟତେ ମେତ୍ନ୍‌ଦାଃ ଜରଆ କମ୍

ଓଡ଼ିଆ —

ବାପା ମାଆ ତତେ ଜନମ ଦେଲେ ଲୋ
ବଢ଼ାଇଲେ କୋଳେ ଦେଇ ଆଦର ।
ସେ ବାପା ମାଆଙ୍କୁ ଭାଇ ଭଉଣୀଙ୍କୁ
ଛାଡ଼ି ତୁ ଯାଉଛୁ ଆପଣା ଘର ॥
ଘରର ଲକ୍ଷ୍ମୀକୁ ସାଇ ପଡ଼ିଶାକୁ
ଏଇ ଅଗଣାକୁ ଯାଉଛୁ ତେଜି ।
ତାଙ୍କ ସୁଖ ଦୁଃଖ ତୋ ପାଇଁ ଦରଦ
ଭାବିବୁ ଝିଅଲୋ ମନରେ ହେଜି ॥
କାନ୍ଦି କଇଁ କଇଁ ଲୁହତୁ ଗଡ଼ାଇ
ଘରୁ ବିଦାହୋଇ ଯାଆଲୋ ଝିଅ ।

ତୋ ପହିଲି ସାଥୀ ପୁରୁଣା ସଂଗିନୀ

ମନେ କରୁଥିବୁ ସବୁରି ମୁହିଁ ।

ଝିଅକୁ ତା ଶାଶୁ ଘରେ ପହଞ୍ଚେଇବା ପାଇଁ ବହୁ ଲୋକ (ସ୍ତ୍ରୀ, ପୁରୁଷ, ଯୁବକ, ଯୁବତୀ, ବୁଢ଼ାବୁଢ଼ୀ ଛୋଟ ପିଲା) ଖୁସିରେ ଯାଆନ୍ତି । କେତେକ ଲୋକେ ଗାଁ ଦେଖିବାକୁ ଯାଆନ୍ତି ଅନ୍ୟମାନେ ସେଠାକାର ଲୋକମାନଙ୍କୁ, ଘରଦ୍ୱାର ଧନ ସଂପତ୍ତି ଦେଖିବାକୁ ଯାଆନ୍ତି । ବର ଗାଁରେ ବରକନ୍ୟା ପହଞ୍ଚିଲେ ନାଗରା-ମାଦଳ ବଜାଇ ନାଚି ଗାଇ ତାଙ୍କୁ ସ୍ୱାଗତ କରାଯାଏ । ବରର ଘର ପାଖ ହେଲେ ନୂଆ ବର-କନ୍ୟାର ଗୋଡ଼କୁ ନୂଆ ଥାଳିରେ ରଖି ହଳଦୀ ପାଣିରେ ଧୋଇ ସ୍ୱାଗତ କରନ୍ତି ବରର ମାଁ କିମ୍ବା ବରର ଭାଉଜ । ଏହାପରେ ଦାନ୍ତ ଘସିବା ପାଇଁ ଦାନ୍ତକାଠି ଦିଅନ୍ତି ତା ପରେ ତାଙ୍କୁ ଚୂଡ଼ା ଗୁଡ଼ ଖାଇବାକୁ ଦେଇ ଘରକୁ ପାଛୋଟି ନିଅନ୍ତି । ବରକନ୍ୟାଙ୍କୁ ଖାଇବାକୁ ପିଇବାକୁ ଦିଆଯାଏ । ଏହାପରେ ନୂଆକନ୍ୟା ତା ବାପ ଗାଁର ଲୋକଙ୍କ "ଖଦା"କୁ ଚାଲିଯାଏ । ପୂର୍ବ କଥାବାର୍ତ୍ତା ଅନୁସାରେ କନ୍ୟା ପକ୍ଷକୁ ଚାଉଳ, ହାଣ୍ଡିଆ, ତେଲ, ହଳଦୀ ଇତ୍ୟାଦି ବରପକ୍ଷ ଲୋକେ ଅଗଣାରେ ସମସ୍ତଙ୍କ ସାମନାରେ ହସ୍ତାନ୍ତର କରନ୍ତି । କନ୍ୟାପକ୍ଷ ନିଜେ ରୋଷେଇ ବାସ କରି ଖାଆନ୍ତି । ସେମାନଙ୍କର ରହିବା ପାଇଁ ଶାଳଡାଳ ଖୁଣ୍ଟରେ ତିଆରି ଜାମୁ ଡାଳରେ ଛାଇଥିବା ଗୋଟିଏ "ଜାମ୍‌ଡ଼ା" ଦେଖେଇ ଦିଆଯାଏ । ବନ୍ଧୁମାନଙ୍କୁ କାଠ, ପାଣି ଓ ହାଣ୍ଡି ମଧ ଯୋଗେଇ ଦିଆଯାଏ । କନ୍ୟା ପକ୍ଷ ନିଜେ ଖାଦ୍ୟ ତିଆରି କରି ଖାଆନ୍ତି ଓ ପିଅନ୍ତି । ସେମାନେ ଆସିଥାନ୍ତି ମାଂସ ଭାତ ଖାଇବା ଓ ହାଣ୍ଡିଆ ପିଇବା ପାଇଁ ଏବଂ ନାଚିବା ଓ ଗାଇବା ପାଇଁ । କୋହ୍ଲମାନେ ଭାବନ୍ତି – ସେନ୍‌ଗେ ସୁସୁନ୍ କାଜିଗେ ଦୁରାଂ – ଚାଲିଲେ ନାଚ ଓ ବୋଲିଲେ ଗୀତ । ଏଣୁ ନାଚ ଓ ଗୀତ ତାଙ୍କର ମଜ୍ଜାଗତ । ନାଚ ଗୀତ ନହେଲେ ସେମାନେ ଖୁସି ହୁଅନ୍ତି ନାହିଁ । ଦିନକ ପାଇଁ ଝିଅ ଘରେ ରହିଲା ପରେ କନ୍ୟାପକ୍ଷ ବିଦାୟ ନେଇ ଘରକୁ ଫେରନ୍ତି ଦୁଃଖି ହୋଇ । କନ୍ୟା ବରଘରେ ପହଞ୍ଚିଲା ପରେ ଦିନଯାକ ନାଚଗୀତରେ ମାତି ଯାଆନ୍ତି, ହାଣ୍ଡିଆ ପିଇ, ମାଂସ ଭାତ ଖାଇ । ଏତିକି ବେଳେ ଗାଉଥିବା ଗୀତମାନଙ୍କ ମଧରେ ମାତ୍ର ଗୋଟିଏ ପୁଅ ଘରେ ବୋହୂକୁ ବିଧିବଦ୍ଧଭାବେ ସ୍ୱାଗତ ଓ ନିଜ ପରିବାରରେ ମିଶେଇ ନେବାର ସବୁ

ବନ୍ଦୋବସ୍ତ କରାଯାଏ । ବର କନ୍ୟାଙ୍କୁ "କାଦ ଘାଟି" ପାଇଁ ପୋଖରୀକୁ ଗାଧୋଇବା ପାଇଁ ନିଆଯାଏ । ପୋଖରୀ ପାଣି କୂଳରେ ତାଙ୍କୁ ତେଲ ହଳଦୀ ଲଗେଇ ଦିଆଯାଏ ଏବଂ ଏହାପରେ ସେମାନେ ଗାଧୋଇବା ପାଇଁ ପାଣିରେ ପଶନ୍ତି । ଗାଧୋଇଲା ବେଳେ କେତେଜଣ ଝିଅ କେତେଜଣ ବାଳକମାନେ ପାଣିକୁ ପଶନ୍ତି । ଗୋଟିଏ କଂସା ଲୋଟାକୁ ନୂଆ ବର ପାଣିରେ ଲୁଚାଇ ତାକୁ ନୂଆ କନ୍ୟା ଖୋଜି ବାହାର କରେ ଓ ତାପରେ ନୂଆ କନ୍ୟା ଲୋଟାକୁ ଲୁଚାଏ ତାକୁ ନୂଆ ବର ଖୋଜି ବାହାର କରେ । ପାଣିରେ ପଶିଥିବା ଯୁବକମାନେ ନୂଆଁବରକୁ ଓ ଯୁବତୀ ମାନେ ନୂଆ କନ୍ୟାକୁ ସାହାଯ୍ୟ କରନ୍ତି । ଏପରି ସାତଥର ଲୋଟାର ଲୁଚକାଳି ଖେଳ ପାଣିରେ ଚାଲେ । ଏହାପରେ ବରକନ୍ୟାଙ୍କୁ ଘରକୁ ଫେରେଇ ଅଣାଯାଏ । ଏହି ପ୍ରଥାକୁ ଉପସ୍ଥିତ ଦେଖଣାହାରିମାନେ ବେଶ୍ ଉପଭୋଗ କରନ୍ତି । ଏହାଦ୍ୱାରା ପରସ୍ପର ପରସ୍ପରକୁ ଜାଣିବାକୁ/ଚିହ୍ନିବାକୁ ସୁଯୋଗ ମିଳେ । ଏପଟେ ଘରେ ଆଉ ଏକ ପରମ୍ପରା ପାଳନ କରିବା ପାଇଁ ପ୍ରସ୍ତୁତି ପର୍ବ ଚାଲେ । ଏହାପରେ ଆସେ ବରପକ୍ଷର ସମସ୍ତ ବନ୍ଧୁବାନ୍ଧବ ଓ ଜ୍ଞାତି କୁଟୁମ୍ବଙ୍କୁ ନୂଆ ବୋହୂର ଚିହ୍ନିବାର ସମୟ । ଘର ଅଗଣାରେ ଗୋଟିଏ ପିଢ଼ା ଥୁଆ ହୋଇଥାଏ ଏବଂ ପାଖରେ ପାଣି ଭର୍ତ୍ତି ହାଣ୍ଡି ବା ହଣ୍ଡା, ଜଣକ ପରେ ଜଣେ ଜ୍ଞାତି କୁଟୁମ୍ବ, କୁଣିଆମାନେ ଆସନ୍ତି । ନୂଆ ବୋହୂ ସେମାନଙ୍କର ଗୋଡ଼ ଧୋଇଦିଏ ଓ ନୂଆ ବର ପାଣି ଢାଳିଦିଏ ଏବଂ ନୂଆ ବୋହୂ ପାଖରେ ଚିହ୍ନେଇ ହେବାର ପାଉଣା ସେମାନଙ୍କୁ ଦେବାକୁ ହୁଏ । ଯିଏ ଯାହାର ସାମର୍ଥ୍ୟ ମୁତାବକ ଉପହାର ନୂଆ ବୋହୂଙ୍କୁ ଦିଅନ୍ତି । ଅବଶ୍ୟ ଦେଢ଼ଶୁର, ଦେଢ଼ ଶାଶୂ ଓ ମାମୁଁ ଶ୍ୱଶୁରଙ୍କ ନୂଆ ବୋହୂ ଧୋଇ ଦିଏ ନାହିଁ । ସେ କେବଳ ଲୋଟା ପାଣି ତଳେ ଧୋଇ ଦେଇ ପ୍ରମାଣ କରେ । ସେମାନେ ନିଜେ ଧୋଇ ହୁଅନ୍ତି । ଏତିକିବେଳେ ନୂଆ ବୋହୂ ରୁଷି ମଧ ବେଶି ବେଶି ଉପହାର ଦାବି କରିପାରେ । ଏତିକିବେଳେ ମଧ୍ୟ ନୂଆବୋହୂ ବରପକ୍ଷରୁ ଆମନ୍ତ୍ରୀତ ଅତିଥିମାନଙ୍କୁ ଲୁଗା ଉପହାର ଦିଏ । ସାଧାରଣତଃ ଏ ଲୁଗା ସବୁକୁ ହଳଦୀରେ ରଙ୍ଗିନ୍ କରାଯାଇଥାଏ । ହଳଦୀ ଲୁଗା ପିନ୍ଧିଲା ପରେ ଅତିଥିମାନେ ନାଚିବାକୁ ଯାଆନ୍ତି । ଏ ଦୃଶ୍ୟ ବେଶ୍ ମନୋରମ ଦେଖାଯାଏ ସବୁ ନର୍ତ୍ତକ ଓ ନର୍ତ୍ତକୀ ହଳଦୀ ଶାଢ଼ୀ ଓ ଧୋତି ପିନ୍ଧିଥିବାରୁ । ଏହାପରେ

ରୋଷେଇ ଘରେ ଗୋଟିଏ କୁକୁଡ଼ାକୁ ଘରର ମୁରବୀ ପୂଜା କରନ୍ତି ଏବଂ ଆଦିଂ (ରୋଷେଇ ଘରେ) ଥିବା ହାମ୍ 'ହ'ଙ୍କ ଦୁମ୍ 'ହ'ଙ୍କ ମାନଙ୍କୁ ବିନତି କରନ୍ତି କି ସେମାନେ ନୂଆ ବୋହୂକୁ ଏ ପରିବାରର ସଦସ୍ୟ ଭାବରେ ଗ୍ରହଣ କରି ନିଅନ୍ତୁ । ଏ ଦିନର ରୋଷେଇ ନୂଆ ବୋହୂକୁ ହିଁ କରିବାକୁ ହୁଏ । ଏ ପରମ୍ପରାକୁ "ଇମ୍‌ଇସିନ୍" କହନ୍ତି । (ହାମ୍-ହକ-ଦୁମ୍ 'ହ'କର ଅର୍ଥ – ପରିବାରର ପୂର୍ବଜମାନେ ଯାହାଙ୍କ ଆତ୍ମାକୁ ରୋଷେଇ ଘରେ ସ୍ଥାପନ କରାଯାଇଥାଏ) ତାର କିଛିଦିନ ମଧ୍ୟରେ ହିଁ ଝିଅ ଆସେ ବାପଘରକୁ ନିଜ ବରକୁ ଧରି । ସେ ଶାଶୁ ଘରୁ ହାଣ୍ଡିଏ ହାଣ୍ଡିଆ ବୋହି ଆଣିବାର ବିଧି । ଏହି ହାଣ୍ଡିଆରେ ଘରର ସମସ୍ତଙ୍କୁ ଆପ୍ୟାହିତ କରେ । ଏହାପରେ ମା ଘରେ ତିଆରି ହୋଇଥିବା ବେଦି ଶାଳକୁ ଭାଙ୍ଗି ଦିଆଯାଏ । ଦିନେ ଦୁଇଦିନ ମା ଘରେ ରହିଲା ପରେ ଝିଅ ଫେରିଯାଏ ତା ଶାଶୁ ଘରକୁ ତା ବର ସହିତ ଘର ସଂସାର କରିବାକୁ ।

ବିବାହ ଯଦି ବରଘରେ ହୁଏ ତା ହେଲେ କନ୍ୟାକୁ ନେବାପାଇଁ ବରପକ୍ଷରୁ ଦଶ/ବାର ପୁରୁଷ ଲୋକ ଆସନ୍ତି କନ୍ୟା ଘରକୁ । ଅବଶ୍ୟ ବର ତାଙ୍କ ସହିତ ଆସିବାର ପ୍ରଥା ନାହିଁ । ଆସିଥିବା ବରଯାତ୍ରୀଙ୍କୁ "ଅର୍‌ଏରାକ" କହନ୍ତି । କେତେକ କ୍ଷେତ୍ରରେ "ସୁର୍‌ତୁଲିକ' ହୁଜୁଃଆକାନା" ମଧ୍ୟ କହନ୍ତି । ଅବଶ୍ୟ ତାଙ୍କ ସହିତ ମଧ୍ୟସ୍ଥ ନିଶ୍ଚିତ ଭାବେ ଆସିଥାଏ । ମଧ୍ୟସ୍ଥତା କରୁଥିବା ଲୋକ ବା ରାଏବାର (ଦୁତାମ୍ କାରଜି) ମାଧ୍ୟମରେ ସବୁ କଥାବାର୍ତ୍ତା ହୁଏ । ଯେହେତୁ ସିଧାସଳଖ ବରପକ୍ଷ ଓ କନ୍ୟାପକ୍ଷ କଥାବାର୍ତ୍ତା କରନ୍ତି ନାହିଁ, ଏଣୁ ଦେବାନେବା ସମୟରେ ରାଏବାର ଉପସ୍ଥିତି ବହୁତ ଜରୁରୀ ହୁଏ । ଏହି ପ୍ରକାର ବିବାହରେ ମଧ୍ୟ ଅନ୍ୟ ସବୁ ରୀତି ରିଆଜ ପାଳନ କରାଯାଏ ।

ବ୍ରାହ୍ମଣ ବିବାହରେ ବ୍ରାହ୍ମଣ ମନ୍ତ୍ରପାଠ କରି ବିବାହ କରାଏ । ଏହାଦ୍ୱାରା କୋଁହୁ ସଂସ୍କୃତି ଧିରେ ଧିରେ ଲୋପ ପାଇବାର ଆଶଙ୍କା ହେଉଛି । ହୋ ମାନଙ୍କର ସାମାଜିକ କାର୍ଯ୍ୟରେ (ଜନ୍ମ, ବିବାହ, ମୃତ୍ୟୁ) ଧୋବା, ବାରିକ କିମ୍ବା ବ୍ରାହ୍ମଣର କୌଣସି ଭୂମିକା ନାହିଁ ।

ଅପରତିପି ବିବାହ ଲୁପ୍ତ ପ୍ରାୟ । ଏପରି ବିବାହରେ ଦୁଇ ପରିବାରରେ ମଧ୍ୟ ଅଶାନ୍ତି ହୁଏ । ସ୍ୱାମୀ ସ୍ତ୍ରୀଙ୍କୁ ମଧ୍ୟ ଲୋକେ ଭଲ ଦୃଷ୍ଟିରେ

ଦେଖନ୍ତି ନାହିଁ । କୋହ୍ନ (ହୋ) ପରିବାର ପିତୃକେନ୍ଦ୍ରିକ ଓ ବଂଶବିସ୍ତାର ହୁଏ ପିତୃପକ୍ଷରୁ । ହୋ ପରିବାର Patrilocal and Patrilineal ହୋଇଥିବାରୁ ବିବାହ ପରେ ବୋହୂକୁ ଶାଶୁ (ଶ୍ୱଶୁର)ଘରେ ଆସି ରହିବାକୁ ହୁଏ ଏବଂ ବିବାହ ବିଚ୍ଛେଦ ନ ହେଲେ ସେ ପରିବାର ଅଂଶ ହୋଇ ରହେ । ମଲାପରେ ସ୍ୱାମୀ ପରିବାର ଶ୍ମଶାନରେ ତାର ମର ଶରୀରକୁ ପୋତାଯାଏ ଏବଂ ତାର ମୃତ ଆତ୍ମାକୁ ଡାକି ଆଣି ସ୍ୱାମୀ ପରିବାର ରୋଷେଇ ଘରେ ସ୍ଥାପନା କରାଯାଏ ।

ବିବାହ ହୋ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ଅବିବାହିତ ପୁରୁଷ ବା ସ୍ତ୍ରୀଙ୍କୁ ସମାଜ ଭଲ ଦୃଷ୍ଟିରେ ଦେଖେ ନାହିଁ । ଜନ୍ମପରେ ପିଲାର ନାମକରଣ ପରି ବିବାହ ମଧ୍ୟ ଏକ ସାମାଜିକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ହୋ ସମାଜରେ ଝିଅ ବା ସ୍ତ୍ରୀ ଲୋକଙ୍କୁ ବୋଝ ହିସାବରେ ଦେଖାଯାଏ ନାହିଁ । ତାଙ୍କୁ ବାହା ଦିଆଯାଏ କନ୍ୟାସୁନା ଆଣି । ଯୌତୁକ ପ୍ରଥାର ପ୍ରଚଳନ ନାହିଁ । ବୋହୂ ନିର୍ଯ୍ୟାତନା କିଛିବି ଦେଖାଯାଏ । ଅବଶ୍ୟ ପୈତୃକ ବା ସ୍ୱାମୀର ସମ୍ପତ୍ତିକୁ ଉତ୍ତରାଧିକାର ସୂତ୍ରରେ ଝିଅ ବା ସ୍ତ୍ରୀଙ୍କୁ ମିଳେ ନାହିଁ କିନ୍ତୁ ମଲା ପର୍ଯ୍ୟନ୍ତ ଭରଣପୋଷଣ ପାଇଁ ସମ୍ପତ୍ତି ଉପଭୋଗ କରିବାର ଅଧିକାର ମିଳିଥାଏ । ଭୂସମ୍ପତ୍ତି Inherit ନ କରି ପାରିବାର କାରଣ ହେଲା ଭୂସମ୍ପତ୍ତି ଗୋତ୍ରର ସମ୍ପତ୍ତି ବୋଲି କୋହ୍ନମାନଙ୍କ ବିଶ୍ୱାସ । ବିବାହ ପରେ ଝିଅକୁ ଅନ୍ୟ ଗୋତ୍ରରେ ସାମିଲ ହେବାକୁ ହେଉଥିବାରୁ ପିତାଙ୍କର ସ୍ଥାବର ସମ୍ପତ୍ତିର ଅଂଶ ପାଏ ନାହିଁ ।

## ବା ପରବ (ଫୁଲର ପର୍ବ)

କିମ୍ବଦନ୍ତୀ ଅନୁସାରେ ହୋମାନଙ୍କର ପ୍ରଥମ ପୁରୁଷ ପ୍ରଥମ 'ବା' ପରବ ପାଳନ କରିବା ପୂର୍ବରୁ (ଲୁକୁବୁଢା) ଗାଇଥିବା ଗୀତ ହେଲା —

ଲୁଲସୁଙ୍ଗ୍ ଲୁଲସୁଙ୍ଗ୍ ଦ
ରିବିଲ୍ ଲୁଆମ୍ରେ ଲୁଲସୁଙ୍ଗ୍ ମେ ।
ତେଗା ତେଗାଙ୍ଗ୍ ଦ
ଦୟା ଦାବିରେ ତେଗାଙ୍ଗ୍ ମେ ॥

ଗୀତର ସାରାଂଶ ହେଲା ଠୋକର୍ ମାରିବୁତ ଧକ୍‌ଧକ୍ କରୁଥିବା ଛାତିରେ ଠୋକର୍ ମାର, ଗୋଇଠା ମାରିବୁତ ପିଠି କାନ୍ଧରେ ଗୋଇଠା ମାର । ଗୋଇଠା ପିଠି କାନ୍ଧରେ ମାରିବା ହେଉଛି External stimuli for arousing awareness of spiritualism ଏବଂ ଛାତିରେ (ହୃଦୟରେ) ଠୋକର ମାରିବା ହେଲା ଅର୍ନ୍ତଆତ୍ମାକୁ ଜାଗ୍ରତ କରିବା, ଦେବା ଦେବୀଙ୍କୁ ଭକ୍ତି କରିବା ପାଇଁ । ଏବେ ମଧ ପୁରୁଷମାନେ ଏ ଗୀତ ବୋଲିବା ବେଳେ ସ୍ତ୍ରୀଲୋକମାନେ ସେମାନଙ୍କୁ ତାଙ୍କ ଗୋଡ଼ରେ ଗୋଇଠା ମାରିବା ପରମ୍ପରା ପ୍ରଚଳିତ ।

'ବା' ପରବ ହେବା ପୂର୍ବରୁ ମାଗେ ପରବ ପାଳିତ ହୁଏ । ହୋ ସଂସ୍କୃତିର ବିଶେଷତ୍ୱ ହେଲା ମାଗେ ପରବ ହେଉ କି ବା ପରବ ହେଉ ବା ହେରଃ ପରବ ହେଉ, ଏସବୁ ପରବକୁ ଅଲଗା ଅଲଗା ଗାଁରେ ଅଲଗା ଅଲଗା ଦିନମାନଙ୍କରେ ପାଳନ କରିବା । ଏଣୁ ବେଳେବେଳେ ଦେଖାଯାଏ କୌଣସି କୌଣସି ଗାଁରେ ମାଗେ ପରବ ପାଳିବା ପରେ ବା ପରବ ମଧ ପାଳିଲେଣି, ସେତିକି ବେଳେ ଅନ୍ୟ ଗାଁରେ ମାଗେ ପରବ ପାଳୁଛନ୍ତି — ଏହାକୁ ଦର୍ଶାଯାଇଛି — ଏହି ଗୀତରେ

"ଅକନ୍ ହାତୁ ରେକ ମାଗେନ୍ ତାନା
ଅକନ୍ ହାତୁ ରେକ ବା ପରବ୍ ତାନା"

ଏହି ଗୀତରେ ମଧ ଶିଙ୍ଗା ଶବଦକୁ ଶୁଭ ଶବଦ ବୋଲି ହୋମାନେ ଗ୍ରହଣ କରିଥିବା ଦର୍ଶାଯାଇଛି । ହୋ ସଂସ୍କୃତିର ଅନ୍ୟଦିଗ ହେଲା କୁଣିଆକୁ ପରବରେ ନିମନ୍ତ୍ରଣ କରିବା ଓ କୁଣିଆମାନଙ୍କର ମଧ ନିମନ୍ତ୍ରଣ ପାଇ ପରବମାନଙ୍କରେ ସାମିଲ ହେବା । ଏହା ସମ୍ଭବ ହୁଏ ଯେହେତୁ ଅଲଗା ଅଲଗା ଗାଁରେ ଅଲଗା ଅଲଗା ଦିନମାନଙ୍କରେ ପରବ ସବୁ ପାଳିତ ହୁଏ ବୋଲି ।

ପର୍ବ ପର୍ବାଣିରେ କିମ୍ବା କୌଣସି ଶୁଭ ଉସବରେ ନାଚ ଓ ଗୀତ କୋହ୍ଲମାନଙ୍କର ସଂସ୍କୃତିର ଏକ ବିଶିଷ୍ଟ ପରମ୍ପରା । ହୋ ମାନେ "ସେନ୍‌ଗେ ସୁସୁନ୍, କାଜିଗେ ଦୁରାଂ" କହିବାର ଶୁଣାଯାଏ । ଯେ କୌଣସି ନାଚ ଆଖଡ଼ାରେ ନାଚିବା ପାଇଁ ମାଦଳର ଆବଶ୍ୟକତା ଥାଏ । ଏକ ବିଶେଷ ମାଦଳ ହେଲା ଢାଦୁର । ବା ପରବରେ ଢାଦୁରର ବିଭିନ୍ନ ତାଳକୁ ବିଭିନ୍ନ

ଗୀତ ପାଇଁ ବଜାଯାଏ । ବା ପରବରେ ଶାଳଫୁଲ ଓ ମହୁଲକୁ ପୂଜା ସାମଗ୍ରୀ ରୂପେ ବ୍ୟବହାର କରାହୁଏ । ଉପରୋକ୍ତ ଭାବକୁ ପ୍ରକାଶ କରେ —

ଶାର୍‌ଜମ୍ ବା ସୁବାରେ ସୁସୁନ୍‌ତାନ୍ କଦ
ଶାର୍‌ଜମ୍ ବା ଲେକାକ କ ବିୟୁରେନ୍ ତାନା
ମାଦୁକମ୍ ସୁବାରେ ଜାଦୁର୍ ତାନ୍ କଦ
ମାଦୁକମ୍ ବା ଲେକାକ ଚିଲାଙ୍ଗ୍ ଏନ୍ ତାନା

ବା ପରବ ହେଲା ମହୁଲ ଫୁଲ, ଶାଳଫୁଲ, ତିଲାଇ ଫୁଲ ଇତ୍ୟାଦିର (ବସନ୍ତ ଋତୁର) ପରବ । ଏହି ପରବରେ ଶାଳଫୁଲ ଇତ୍ୟାଦି ଫୁଲ ଗଛରୁ କଅଁଳିଆ ସବୁଜିମା ସହିତ ତୋଳିଆଣି ପୂଜା ସାମଗ୍ରୀ ରୂପେ ବ୍ୟବହାର କରାହୁଏ । ଏହି ପର୍ବ ଦିନ ଘର ଦ୍ୱାରକୁ ଲିପାପୋଛା କରାଯାଏ । ଅଗଣା ଓ ଘରକୁ ଗାଈ ଗୋବରରେ ଲିପାପୋଛା କରିକି ପବିତ୍ର କରାଯାଏ । ଏହି ପରବରେ ମସୁର ଡାଲି ଓ ଚିଙ୍ଗୁଡ଼ି ମାଛ ତରକାରୀ ଠାକୁରମାନଙ୍କୁ ଅର୍ପଣ କରାଯାଏ ଏବଂ ପ୍ରସାଦ ରୂପେ ଗ୍ରହଣ କରାଯାଏ । ହାଣ୍ଡିଆ ରସିକୁ ମଧ ପୂଜା ସାମଗ୍ରୀ ରୂପେ ବ୍ୟବହାର କରାହୁଏ । ଏସବୁ ଭାବକୁ ପ୍ରକାଶ କରେ

"ଦେଲାରେ ସାରଜମ୍ ବାଲା
ଦେଲାରେ ନାଁଶାଗୁନ୍ ମେ"
ଗୀତରେ ।

କୁଣିଆ ମାନଙ୍କୁ ନିମନ୍ତ୍ରଣ କରାଯାଏ ପର୍ବ-ପର୍ବାଣୀରେ । ବିଶେଷ ଭାବରେ ନିମନ୍ତ୍ରିତ ହୋଇଥାନ୍ତି ଭଉଣୀମାନେ, ପିଉସୀମାନେ ଓ ମାମୁଁମାନେ । ଭଉଣୀ ଆସିଛି ନିମନ୍ତ୍ରଣ ପାଇ । କିନ୍ତୁ ତାର ଜଣକରୁ ବେଶି ଭାଇ ଅଛନ୍ତି । ସେ ଅଡୁଆରେ ପଡ଼ିଛି କେଉଁ ଭାଇ ଘରେ ମସୁର ଡାଲି ସହିତ ଭାତ ଖାଇବ - ଏହି ଭାବ ପ୍ରକାଶ ହେଇଛି

"ନେନ୍ ରେଚିଂ ଦୁଲୁବା ବାରେଂ
ନେନ୍ ରେୟ ମାସୁରୀ ଉତୁ
ତେର ରେୟ ମାସୁରୀ ଉତୁ"

ହୋମାନେ ଜଙ୍ଗଲର ପରିବେଶ ମଧରେ ରହୁଥିବା ଯୋଗୁଁ, ପଶୁପକ୍ଷୀ, ଗଛଲତା ସବୁକୁ ନାୟକ-ନାୟିକା ରୂପେ ଗୀତମାନଙ୍କରେ

ଦେଖିବାକୁ ମିଳେ । ସେ ସବୁ ଗୀତର ନମୁନା ହେଲା —

୧) କୁତ କତ ତେ ରାମିଇ ଚାଲେନ୍‌ତାନ୍

୨) ଦେଲାରେ ସାରଜମ୍ ବାହା ....

୩) ସିରସା ରେମା ଲିପି ଓତେ ରେମା ଚିୟା

୪) ବାକାଢ଼ି କଟାରେ ଏଙ୍ଗାସିମ୍ .......

୫) ଚିୟାବ୍ ଚିୟାବ୍ ସିମ୍ ହନ୍‌ଦ

ଇତ୍ୟାଦି

ବିବାହରେ କନ୍ୟାସୁନା ନେବା, କନ୍ୟାପଣ ଦେବା ହେଉଛି କୋହ୍ଲ ସଂସ୍କୃତିର ଏକ ବିଶିଷ୍ଟ ପରମ୍ପରା । ଉଭୟ ଗୋରୁଗାଈ ଓ ଟଙ୍କା ଆକାରରେ କନ୍ୟାପ୍ରଣ ଦିଆନିଆ ହୁଏ । ଏ ତଥ୍ୟକୁ ପ୍ରକାଶ କରୁଛି —

"କିରିଞ୍ଜ ଆଇ ମେଗ ଦାଦା —
ନେନ୍ ଲେକା ସମାୟରେ ଡିୟଜା ଦାମ୍‌କାମ୍
କଏ ଗନଂ ଆମ ଗେଆ
ନେନ୍ ଲେକା ନାସାରରେ ଲାମାଃ ଜାଂ
ଟଙ୍କା ସିକାୟ୍ ସାତିନାମ୍ ଗୋଆ ।"

ସାମୁହିକ ପୂଜା ପାଇଁ (ବେସାଉଲିରେ) ପ୍ରତ୍ୟେକ ଗାଁରେ ଜଣେ ଜଣେ ପୁରୋହିତ ଅଛନ୍ତି, ତାଙ୍କୁ "ଦିଉରି" କୁହାଯାଏ । ତାଙ୍କର ସହଯୋଗୀମାନଙ୍କୁ "ଜମ୍‌ସିମ୍" "ଓରଂ ସାକଆ", "ତିଙ୍ଗୁଳିକ" ଆଦି କୁହାଯାଏ । ପୂର୍ବେ ଜଙ୍ଗଲ ଥିବାବେଳେ ସାମୁହିକ ଶିକାର ମଧ୍ୟ ହେଉଥିଲା – ଏହି ସବୁ ଭାବକୁ ପ୍ରକାଶ କରୁଛି —

"ମାରାଂ ବୁରୁରେୟାଃ ସାରଜମ୍ ବାହା
ଦିଉରିକ ରାଚାରେଗେ ରଲାଂଲେନା
ହୁଡ଼ିଂ ବୁରୁରେୟା ତିଲାଇ ବାହା
ଜମ୍‌ସିମ୍‌କ ରାଚାରେଗେ ନସରଲେନା ...
ବାଲେ ବାୟେର ମେୟାୟାକ ।
ସାରମାଇଲ୍ ମେୟା ...........

ହୋମାନେ ବଣ ଜଙ୍ଗଲରେ ପଶୁପକ୍ଷୀଙ୍କୁ ଶିକାର କରନ୍ତି । ନଦୀରେ କିମ୍ବା ପୋଖରୀରେ ମାଛ ଧରିବାକୁ ମଧ୍ୟ ଶିକାର କହନ୍ତି । ଏହି ଭାବକୁ ପ୍ରକାଶ କରୁଛି —

''ନିରେ ନିରେ ମେୟା ହର ଲିପାଲାଲେ
ସେନେ ସେନେ ମେୟାକୁଲାଏ ଚୁଲୁଚୁଲୁ
ଡେଂ ଡେଂ ଦୁରୁଦବ ସାଙ୍ଗାର ତାଡ଼ା
ରାଜାକ ବଦେଲା ଦକ ହେଲ ବଲାତାଡ଼ୁ ।''

ମଣିଷ ଆତ୍ମାର ଗତି ଅତି ମନ୍ଥର କିନ୍ତୁ ମନର ଗତି ଅତି କ୍ଷିପ୍ର ଏ ଭାବକୁ ମଧ ଏ ଗୀତ ଦର୍ଶାଉଛୁ ବୋଲି କୁହାଯାଏ । ପୃଥିବୀର ସବୁଆଡ଼େ ଅରାଜକତା ଦେଖା ଦେଇଛି — ସବୁଆଡ଼େ ବିଭ୍ରାଟ ଦେଖାଦେଇଛି । ଏଣୁ ଉଭୟ ଆତ୍ମାମନ ମଧରେ ସମନ୍ୱୟ ରକ୍ଷା କରି ମଣିଷ ନିଜକୁ ରକ୍ଷା କରୁ ବୋଲି ଏ ଗୀତ ଉପଦେଶ ଦେଉଛି ।

## ହେରଃ ଗୀତର ବିଶ୍ଳେଷଣ (ସମ୍ୟକ୍)

ଦିନ୍‌ଗେ ଡେନ୍‌ଜାଂ, ଡେନଜାଂ, ଜାଓଗେ ତୁରୁଲ୍, ତୁରୁଲ ଗୀତ ବୋଲାଯାଏ ''ହେରଃ ପରବ'' ବେଳେ । ଏହି ଗୀତରୁ ହୋହୁ ସଂସ୍କୃତିର କେତେ ଗୁଡ଼ିଏ ଦିଗ ବିଷୟରେ ଜାଣିବାକୁ ମିଳେ । ପ୍ରଥମ ହେଲା ଏମାନେ ନାଚ ଓ ଗୀତ ପ୍ରିୟ । ନାଚର ବାଜା ହେଲା ମାଦଳ ଓ ନାଗରା । ବାଜା ଶବ୍ଦ ଶୁଣି ଆଖପାଖର ଯୁବକ ଯୁବତୀମାନେ ଆସନ୍ତି ନାଚିବା ପାଇଁ ଏବଂ ଗୀତ ଗାଇବା ପାଇଁ ଓ ଖୁସି ମନେଇବା ପାଇଁ । ଆଉ ଅନ୍ୟ ଦିଗ ହେଲା ସେମାନେ ଅନୁଭବରୁ ଜାଣିଛନ୍ତି ଯେ ଜୀବନଟା କ୍ଷଣସ୍ଥାୟୀ, ଏଣୁ ଏହାକୁ ନାଚି/ଗାଇ ଉପଭୋଗ କରିବା ।

ହେରଃ ପରବ ହେଲା ସାମୂହିକ ପରବ(ପୂଜା) । ଏହି ପୂଜାରେ ବୋଦା (ଛେଳି) ବଳି ଦିଆଯାଏ । ଏହାକୁ ଦର୍ଶାଇଛି ''ଆସୁଅଛି ତୁମ ହେରଃ ପରବ .....''

ହୋମାନଙ୍କ ସଂସ୍କୃତିରେ କନ୍ୟାପଣ ପ୍ରଥା ପ୍ରଚଳିତ । ଏହି କନ୍ୟାପଣ ପାଇଁ ଝିଅମାନଙ୍କର ବିବାହ ହୋଇପାରେ ନାହିଁ । (ବିବାହ ପ୍ରସ୍ତାବ ମଧ ପୁଅ ଘରୁ ଆସିବା ଦରକାର) ଝିଅ ଘର ଲୋକେ କନ୍ୟାପଣ ନେବାଟାକୁ ସମ୍ମାନର ପ୍ରତୀକ ଭାବନ୍ତି । ଏଣୁ ଅଭିଆଡ଼ି ଝିଅମାନେ ବେଳେବେଳେ ଅନ୍ୟ ଜାତିର ଟୋକାଙ୍କ ସହିତ ପଳେଇଯିବା ଦେଖାଯାଏ । ଏହାକୁ ହୋ ସମାଜ କେବେ

ମଧ ଭଲ ଦୃଷ୍ଟିରେ ଦେଖେନାହିଁ । ଏହାକୁ ଅପମାନଜନକ ବୋଲି ହୋମାନେ ଭାବନ୍ତି । ଏଣୁ ଏହି "କନ୍ୟାପଣ" ନେବା/ଦେବା ବନ୍ଦ କରିବାକୁ "ହେଲୁ ଏଡ଼େ ଲୋଭୀ" ଗୀତର ସୂଚନା ଦିଏ ।

ହୋ ସ୍ତ୍ରୀଲୋକମାନେ ଘର ଦୁଆର, ଅଗଣାକୁ ଲିପାପୋଛା କରି ପରିଷ୍କାର କରି ରଖିଥାନ୍ତି । ଅନ୍ୟ ଜାଗାର ଅନ୍ୟ ଗୋଷ୍ଠିର ଲୋକମାନେ ସଫା ସୁତୁରା ଘର ଅଗଣାକୁ ଦେଖିକି ଆଶ୍ଚର୍ଯ୍ୟ ହୋଇଥାନ୍ତି । "କେଡ଼େ ସୁନ୍ଦର କୋଠାଘର" ...... ଗୀତଟି ଝିଅ ବୋହୂମାନଙ୍କ କୋଠାବାଡ଼ି ସଫା ସୁତୁରା କରିବା କଥା କୁହେ ।

ହେରଃ ପରବ ଗୀତରେ ଗଛ ଫୁଲମାନଙ୍କର ବର୍ଣ୍ଣନା ସହିତ ଜୀବ ଜନ୍ତୁଙ୍କର ମଧ ବର୍ଣ୍ଣନା କରାଯାଇଛି —

୧) ବୁରୁରେନ ହାଉଦ,
ଗାଡାରେନ୍ ଟଣ୍ଡଦ ...

ଏହି ଗୀତର ନାୟକ/ନାୟିକା ସାଜିଛନ୍ତି ଦଙ୍ଗଲ କାଇ ଏବଂ ପଡ଼ିଆର ଜନ୍ଦା ।

## ମାଗେ ପରବ ଗୀତର ବିଶ୍ଳେଷଣ

ହୋମାନଙ୍କ ସବୁଠୁ ବଡ଼ ପରବ ହେଲା ମାଗେ ପରବ । ହୋମାନେ ଧାନଚାଷ ଉପରେ ନିର୍ଭରଶୀଳ ହୋଇଥିବାରୁ "ଧାନ ଅମଳ" ପରେ ଏ ପରବ ପାଳିଥାନ୍ତି । ଏହାକୁ ସାତ ଦିନ ଧରି ପାଳନ କରନ୍ତି । ସମସ୍ତେ ନୂଆ ଲୁଗା ପିନ୍ଧନ୍ତି, ମାଂସ ଭାତ, ହାଣ୍ଡିଆ ରାସି ପିଇନ୍ତି, ଗାଆନ୍ତି ଓ ନାଚନ୍ତି ମନ ଖୁସିରେ ।

ସବୁଠୁ ପୁରୁଣା (Traditional) ଗୀତମାନଙ୍କ ମଧରେ ସର୍ବୋଚ୍ଚ ସ୍ଥାନ ଗ୍ରହଣ କରିଛି ହୋ ସମାଜରେ —

ବୁରୁ ବିତାର ମାଗେ ଦ
ପାତା ବିତାର ମାଗେ ଦ
ଚିକାତେରେ ଦାଁଣାବୁମ୍
ନାୟୁମ୍ ଲେଡ଼ା ........

ଗୀତ,

ଏହି ଗୀତକୁ ଅଧ୍ୟୟନ କରି ହୋ ସଂସ୍କୃତିର କେତେକ ଦିଗ କଥା ଆମେ ଜାଣୁ । ପ୍ରଥମ କଥା ଯୁବତୀମାନେ ଗୀତ ମାଧ୍ୟମରେ ଅନ୍ୟ ଗାଁରୁ ଆସିଥିବା ଯୁବକମାନଙ୍କୁ ପଚାରିଛନ୍ତି ଯେ ଆମ ଗାଁରେ ମାଗେ ପରବ ହେଉଛି ବୋଲି ଜାଣିଲ କିମିତି ? ମାଗେ ପରବକୁ ଉପଭୋଗ କରିବାକୁ ଅନ୍ୟ ଜାଗାର ଗାଁର ଟୋକା/ଟୋକୀ/ପୁରୁଷ/ନାରୀ ଆସିବା ଚଳଣି ଅଛି । ବିନା ନିମନ୍ତ୍ରଣରେ ମଧ୍ୟ ସେମାନେ ଆସି ପାରନ୍ତି । ମାଗେ ପରବରେ ଗୀତ ଗାଆନ୍ତି ଓ ନାଚନ୍ତି ସମସ୍ତେ । ପରବର Musical Instruments ହେଲା ବଇଁଶୀ ଏବଂ କେନ୍ଦେରା । ଯେ କୌଣସି ଗାଁରେ ମାଗେ ପରବ ପାଳନ ହେବା ଦିନ ଧାର୍ଯ୍ୟ ହେବା ପୂର୍ବରୁ ମାଗେ ପରବ ସୂରରେ ଗୀତ ବୋଲିବା ହୁଏ ନାହିଁ । ଲୋକଙ୍କ ଧାରଣା ଗୀତ ବୋଲିଲେ କାହୁ କୁଣ୍ଡିଆ ହୁଏ । ଏଣୁ ଦିନଧାର୍ଯ୍ୟ ହେଲା ପରଠାରୁ ଗାଁର ଯୁବକ କେନ୍ଦେରା ଓ ବଇଁଶି ତିଆରି କରି ମାଗେ ପରବ ଗୀତ ସ୍ୱର ବଜାନ୍ତି । ଏହି ସ୍ୱରରେ କେନ୍ଦେରା ଓ ବଇଁଶି ବାଜିବା ଶୁଣି ଆଖପାଖ ଲୋକ ଜାଣନ୍ତି ଯେ ଅମୁକ ଗାଁରେ ମାଗେ ପରବର ଦିନ ଧାର୍ଯ୍ୟ ହେଲା ବୋଲି ।

ମାଗେ ପରବ ପାଳିବା ଦିନ ଧାର୍ଯ୍ୟ କରନ୍ତି ଗାଁଲୋକେ ଗାଁ ପୁରୋହିତ ''ଦିଉରିଙ୍କ'' ସହିତ ପରାମର୍ଶ କରି । ଦେଖିବାକୁ ଗଲେ ''ଦିଉରି'' ହିଁ ଦିନ ଧାର୍ଯ୍ୟ କରନ୍ତି । ବେଳେବେଳେ ଦେଖାଯାଏ ଯେ ପରବ ପାଳିବା ଦିନ ଧାର୍ଯ୍ୟ ହେଉନାହିଁ । ଏଣୁ ଏହି ଗୀତ

''ମାଗେ ପରବ ପାଳିଲେଣି ଦେଖ
ହେଇ ସେ ଉପର ସାହି ......''

ଭଉଣୀ, ପିଉସୀ ଓ ମାମୁଁଙ୍କୁ ମାଗେ ପରବରେ ନିମନ୍ତ୍ରଣ କରାଯାଏ । ଅନ୍ୟମାନଙ୍କୁ ମଧ୍ୟ । ଭଉଣୀ କିନ୍ତୁ ଏହାକୁ ଏକ ଅଧିକାର ରୂପେ ଗ୍ରହଣ କରିଥାଏ – ତେଣୁ ଏ ଗୀତ —

''ଆସୁଛି ଆଗକୁ ମାଗେ ପରବ
କେତେ ହସ ଖୁସି ଧରି ....... ।''

ଉପରୋକ୍ତ Sentiment କୁ ସମ୍ମାନ ଦେଇ ''ମାଗେ ମାସ ଆସେ ଧିରେ ଧିରେ ମାଗେ ପରବକୁ ସାଥେ ଧରି'' ଗୀତ ବୋଲାଯାଏ । ଏ ଗୀତ

ମଧ ଦର୍ଶାଉଛି ଯେ ହୋମାନେ ହାଣ୍ଡିଆ ରାସି, ମାଂସ ଭାତ ଖାଇ ମନ ଖୁସିରେ ଗୀତ ଗାଆନ୍ତି ଓ ନାଚନ୍ତି ଦିନରାତି ।

ଏ ଗୀତ ମଧ ସୂଚନାଦିଏ, ଯେ ପରମେଶ୍ୱର (ସିଂବଙ୍ଗା) ଜୀବନ ଦେଇଛନ୍ତି ଓ ଜନମ ଦେଇଛନ୍ତି ବାପା/ମାଁ ଆମକୁ କିନ୍ତୁ ଦିନେନା ଦିନେ ଆମେ ମୃତ୍ୟୁବରଣ କରିବା ଏବଂ ଆମର ମର ଶରୀର ପୋତାହେବ ମାଟିତଳେ ଏବଂ ଚିହ୍ନ ପାଇଁ ତା ଉପରେ ଥୁଆହେବ ଖଣ୍ଡେ ପଥର । ହୋ ସଂସ୍କୃତି ଅନୁସାରେ ମର ଶରୀରକୁ ନିଜ ବାଡ଼ି ଘର ଅଗଣାରେ ପୋତାଯାଏ । ମର ଶରୀରକୁ ପୋତିବା କାମ ମଧ ନିଜ ଘର ଅଗଣାରେ ବାଡ଼ିରେ କରାଯାଏ । ତାପରେ ସେ ପାଉଁଶ ସେହିଠାରେ ହିଁ ପୋତି ଦିଆଯାଏ । ଏହାପରେ ସେ ଜାଗାରେ ଗୋଟିଏ ପଥର ଚିହ୍ନ ରୂପରେ ଥୁଆଯାଏ ।

ହୋମାନଙ୍କ ଏକ ବିଶେଷତ୍ୱ ହେଲା ଯେ ସଗୋତ୍ର (କିଲି) ବିବାହ କରନ୍ତି ନାହିଁ । ଅନ୍ୟ ଗୋତ୍ରର ଝିଅକୁ ବୋହୂ କରି ଆଣି ନିଜ ଗୋତ୍ରରେ ମିଶେଇ ନେବା । ଏହାକୁ ଦର୍ଶାଉଛି —

ସୁନ୍ଦରୀ ଗହଳ ଗଭାପରି ......
ମିଶେଇ ନେବି ମୁଁ ତତେ ମୋ ଗୋତ୍ରରେ
ମୋ ଜୀବନ ସାଥି କରି ....... ।

ହୋମାନେ ମାମୁଁ/ପିଉସୀ ପୁଅକୁ ବା ଝିଅକୁ ବାହା ହେବା ପ୍ରଥା ଅଛି । ଏଣୁ ହୋମାନେ ପିଉସାକୁ ମାମୁଁକୁ, ଶ୍ୱଶୁରକୁ – କୁମା ବା ମାମୁଁ କହିଥାନ୍ତି ବା ଡାକିଥାନ୍ତି —

ସେହିପରି ପିଉସୀକୁ, ମାଇଁକୁ, ଶାଶୂକୁ - ହାତମ ବା ମାଇଁ ବୋଲି ସମ୍ବୋଧନ କରନ୍ତି ।

୧) ବୁରୁନାରେଦ ବିଞ୍ଜକ ମେନାଃ ....
ନାଉରୀ ହାଲାର ମାମୁଁର ବେଟି
ମିସାଗ ତେଲାଂଆ —
୨) ଜାଇଃ କାକ ମେତାଞ୍ଜ ରେଅ ......
ହାତମିଞ୍ଜାଃ ହନ୍‌ରେତା ଚୁଙ୍ଗିଃ ମେତାଞ୍ଜା

ହୋମାନଙ୍କ ମୂଳ ନିବାସ କୋହ୍ଲାନ୍‌ରେ ମୁଣ୍ଡା ଓ ମାଣାକୀ System ଏବେ ମଧ ଅଛି । ଏହା ଜମିଦାରୀ ପ୍ରଥାର ପ୍ରତୀକ । ଏହାକୁ Attack କରି ଗାଉଥିବା ଗୀତ ହେଲା —

ନାପେନା ଦପେ ମୁଣ୍ଡାଙ୍କ ତ ତାନା .......
ମୁଣ୍ଡାଗ ମୁଣ୍ଡାଗ ମାଣାଙ୍କି ମାଣାଙ୍କି
ସୁନ୍ଦରେ ସାବେନ୍ ପେ .......

ହୋ ସମାଜରେ ବହୁ ଅଭିଆଡ଼ି ସ୍ତ୍ରୀ ଲୋକ ଥିବା ଲକ୍ଷ୍ୟ କରାଯାଏ (ବିବାହ ବୟସ ଟାଳିଗଲେ ଆଉ କେହି ସେମାନଙ୍କୁ ପଚାରନ୍ତି ନାହିଁ ଏହାକୁ ହିଁ ନିମ୍ନୋକ୍ତ ଗୀତ ମାଧ୍ୟମରେ ଦର୍ଶାଯାଇଛି ।

୧) ନେନ୍ ଉଲାଙ୍ଗ ସୁଲାଇ୍ ଢାନ୍‌ରେ .........
ମେଡ଼ଦାଃଏମ୍ ଜରୟା –
୨) ନେଙ୍ଗାମେ ନୁଲୁଃ ବାନଃ .....
ବାବା ବାନ୍ଦି ଲେକାକିଞ୍ଜ ପାପାରି ତାଡ଼୍‌ମେ ।
୩) ନାକା ପାକା ବିରକ ତାଲା .....
୪) କାହିଁ ସାତ ସାନ ତୋ'ଠାରୁ ବୟସ ଗଡ଼ିଗଲା ପରେ

ଅଭିଆଡ଼ି । ସ୍ତ୍ରୀ ଲୋକଙ୍କ ଅବସ୍ଥାକୁ ଲକ୍ଷ୍ୟ କରି ନିମ୍ନୋକ୍ତ ଗୀତ —

୧) ଟିକାତେ ମାତେ ନେଦେଲ ବାଲା
ରାସିଦ ବାନଃ ଆ ......
୨) ନେଙ୍ଗାଞ୍ଜ ନାପୁଙ୍କିଞ୍ଜ ବାଗେ କିଡ଼ିଞ୍ଜ
୩) ନାଲମ୍ ନେରାଂଇଞ୍ଜାଃ ବାରେ
୪) ଯାଇଥିଲି ମୁହିଁ ଜଙ୍ଗଲକୁ ପରା ପତର ତୋଳି
୫) ସଖୀରେ ନାହିଁ ମୋର ମାଆ —
ଗଛଟି ଯେହ୍ନେ ବଢ଼ାଇ ।

ପ୍ରଥମ ଗୀତଟାରେ ଯୌବନ ଟାଳି ଗଲାପରେ ରୂପରେ କୌଣସି ରସ ନରହିବା କଥା ଉଲ୍ଲେଖ କରାଯାଇଛି । ଦ୍ୱିତୀୟ ଗୀତରେ ପ୍ରାପ୍ତ ବୟସରେ ଅଭିଆଡ଼ି ସ୍ତ୍ରୀଲୋକର ଦୟନୀୟ ଅବସ୍ଥାକୁ ବର୍ଣ୍ଣନା କରାଯାଇଛି ।

ଅଭିଆଡ଼ି ଯୁବତୀକୁ ଭାଇ/ଭାଉଜଙ୍କ ଗାଳି/ଗୁଲଜ ଶୁଣିବାକୁ ହୁଏ । ଏହି ଗୀତ ମାଧ୍ୟମରେ ଯୁବତୀ ତାର ଅବସ୍ଥା ବର୍ଣ୍ଣନା କରିଛନ୍ତି । ହୋ

ସ୍ତ୍ରୀଲୋକମାନେ ପିତାଙ୍କ ସ୍ଥାବର ସମ୍ପତ୍ତିକୁ ଉତ୍ତରାଧିକାରୀ ସୂତ୍ରରେ ପାଆନ୍ତି ନାହିଁ । ଭଉଣୀ କହୁଛି ବାପଘିଁ ସମ୍ପତ୍ତି ଜମି ବାଡ଼ିରେ ମୋର କୌଣସି ଅଧିକାର ନାହିଁ ତେଣୁ ଭାଇ ବ୍ୟସ୍ତ ହନା । ହୋମାନେ ଝିଅମାନଙ୍କୁ ଧାନ ଅଗାଡ଼ି ଓ ପୁଅକୁ ଧାନ (ମଞ୍ଜି) ସହିତ ତୁଳନା କରନ୍ତି । ଧାନ ମଞ୍ଜିରୁ ବଂଶ ବିସ୍ତାର ହୁଏ ଏବଂ ଅଗାଡ଼ିକୁ ଉଡ଼ାଇ ଦିଆଯାଏ । ଭଉଣୀ ହୋ ବିଶ୍ୱାସର ଏହି ଦିଗକୁ ମଧ ଏ ଗୀତ ମାଧମରେ ବର୍ଣ୍ଣନା କରୁଛି । ଶେଷରେ ହୋ ସଂସ୍କୃତିର ଅନ୍ୟ ଦିଗ ବିଷୟରେ ବର୍ଣ୍ଣନା କରାଯାଇଛି । ଭଉଣୀ କହୁଛି ମୁଁ ଯଦି ଦଖଲ କରିପାରିବି ତାହାହେଲେ, ମାତ୍ର ପାଞ୍ଚହାତ ଜମି ମୁଁ ଦଖଲ କରିବି । ସେ ଯଦି ଅଭିଆଡ଼ି ରୁହେ ମଲା ପରେ ତାର ମର ଶରୀରକୁ ଭାଇର ଜମିରେ ପୋତା ହେବ । ହୋମାନେ ନିଜ ବାଡ଼ି ବା ଅଗଣାରେ ମର ଶରୀରକୁ ପୋତିବା ପ୍ରଥା ପ୍ରଚଳିତ ।

ଚତୁର୍ଥ ଗୀତରେ ମଧ ଭଉଣୀ ମଧ ଭାଇର ଗାଳି ସହି ନ ପାରି ତା ଦୁଃଖ କଥା ବର୍ଣ୍ଣନା କରୁଛି ଏବଂ ତାର ଦୋଷର କାରଣ ବର୍ଣ୍ଣନା କରୁଛି ।

ପଞ୍ଚମ ଗୀତଟାରେ ବାପା ମାଆ ଟୁଅର (ନଥିବା) ଝିଅ ତା ସଖୀକୁ ନିଜ ଦୁଃଖମୟ ଜୀବନ କଥା ସଖୀର ବାପା ମା' ଥିବାରୁ ସେ ଜୀବନ ସହିତ ତୁଳନା କରୁଛି ।

ଗୀତ ଗାଇ ଗାଇ ଯୁବତୀମାନେ ଟୋକାମାନଙ୍କ ସହିତ ଟାହି ଟାପରା କରନ୍ତି । ଯୁବତୀମାନେ ଗୀତ ବୋଲିଲା ବେଳେ ଯୁବକମାନେ ବଇଁଶି ବା କେନ୍ଦେରା ବଜାନ୍ତି — ତାକୁ ନିମ୍ନୋକ୍ତ ଗୀତରେ ଦର୍ଶାଯାଇଛି ।

୧) ରସିକ ଆରେ ।
ବଣୁଆ ବାଉଁଶେ ବଇଁଶୀ କରିଛୁ ......
୨) ଦେଖି ଆସିଛୁ ତୁ ମାଗେ ପରବରେ
ଦେଖି ଆସିଛୁ ...........

ପ୍ରେମିକ ପ୍ରେମିକାକୁ ପଳେଇଯାଇ ବିବାହ ପ୍ରସ୍ତାବ ଦେଇ ଦେଇ ଥକିଲା ପରେ ନିମ୍ନୋକ୍ତ ଗୀତ ବୋଲୁଛି —

ନାତେନା ରାଇବାରୀ
ନାତେନା ସମ୍ବାରୀ

..............

ଏହି ଗୀତରେ ପ୍ରେମିକ ପ୍ରେମିକାକୁ

ଅଭିଶାପ ଦେଉଛି କି ତାକୁ ବାଘ ଖାଇଯାଉ କିମ୍ବା ସାପ ଦଂଶରେ ମରୁ ବୋଲି । ହୋ ସଂସ୍କୃତିରେ ଅପମୃତ୍ୟୁରେ ମରିଥିବା ଲୋକର ଆତ୍ମା ସେମାନଙ୍କ ପବିତ୍ର ସ୍ଥାନ ''ଆଦିଂ'' (ରୋଷେଇ ଘର)ରେ ସ୍ଥାନ ପାଏ ନାହିଁ । କହିବାକୁ ଗଲେ ହୋମାନଙ୍କ ଆଦିଂ ହେଉଛି ସ୍ୱର୍ଗ ।

ବିବାହ ପରେ ଶାଶୁ ଘରେ ଝିଅର ଅବସ୍ଥାକୁ ନେଇ ନିମ୍ନୋକ୍ତ ଗୀତ —

୧) ବାପ ଘରେ ଥିଲି କେତେ ଅଲିଅଳୀ ଝିଅ –

ବାପା ମା' ମଲାପରେ ବିବାହିତା ଝିଅର ଅବସ୍ଥାର ବର୍ଣ୍ଣନା ନିମ୍ନୋକ୍ତ ଗୀତରେ —

ବାପା ମାଆ ଥିଲେ ଧାଇଁ ଆସୁଥିଲେ

...........................

ସମୟର ମୂଲ୍ୟକୁ ପ୍ରତିପାଦିତ କରୁଥିବା ଗୀତ ହେଲା —

୧) ଚେତାନାଏତେ ଯୁଗିନନ୍

ଲାତାର ଆଏତେ ଯୁଗିନନ୍ -----

୨) ବାଲିମାତା ମାତା ଲେନା

ହେସାଃ ମାତା ମାତା ଲେନା

ସମୟ ଚାଲିଗଲା ପରେ ମୁଣ୍ଡକୁ ଯେତେ ବାଡ଼େଇଲେ ମଧ ତାହା (ସମୟ) ଫେରିଆସେ । ଦୁଇଜଣ ଲୋକ ରାସ୍ତାରେ ଭେଟାଭେଟି ହେଲେ । ଜଣଙ୍କର ଯୁବତୀ ଝିଅ ଅଛି ଏବଂ ଅନ୍ୟ ଜଣଙ୍କର ଭେଣ୍ଡିଆପୁଅ ଅଛି । ଏକଥାକୁ ବର୍ଣ୍ଣନା କରାଯାଇଛି ନିମ୍ନୋକ୍ତ ଗୀତ ମାଧ୍ୟମରେ ।

ବୁରୁ ଗେନାରେଜ୍ ହେର୍‌ଲେଡ଼ାଞ୍ଜ୍ ରେଆଲି

-----------------------------------

ସମ୍‌ସର ଦିରିଞ୍ଜ ତେୟାଃ ରେୟାଲି

ଉପରୋକ୍ତ ଗୀତ ଗୁଡ଼ିକ ମାଧ୍ୟମରେ ହୋ ଲୋକ ସଂସ୍କୃତିର ବିଭିନ୍ନ ଦିଗକୁ ବର୍ଣ୍ଣନା କରାଯାଇଛି । ଶେଷରେ ମାଗେ ପରବ ଆସିକି ଚାଲିଯାଏ ଏବଂ ପୁଣି ହୋ ଲୋକ ପର ବର୍ଷର ମାଗେ ପରବକୁ ଅପେକ୍ଷା କରି

ରହନ୍ତି - ଏହାକୁ ଦର୍ଶାଯାଇଛି ନିମ୍ନୋକ୍ତ ଗୀତ ମାଧ୍ୟମରେ —

ଆସିଥିଲା ମାଗେ ପରବ .......

ଏ ଗାଆଁ ଆମରି ହସିବ ।

ପରିଶେଷରେ ସଂକଳିତ ହୋଗୀତରେ କେତେକ ତାଳର ନମୁନା ଦର୍ଶାଯାଇଛି । ବିଭିନ୍ନ ପର୍ବ ଅନୁସାରେ ଗାଉଥିବା ଗୀତଗୁଡ଼ିକୁ ଅନୁରୂପ ତାଳରେ ବାଦ୍ୟ ବଜାଯାଇଥାଏ । ତେବେ ଏ ତାଳ ଆହୁରି ଅଛି ।ପାଠକଙ୍କ ଅବବୋଧ ପାଇଁ କେତେକ ତାଳର ନମୁନା ମାତ୍ର ସନ୍ନିହିତ କରାଯାଇଛି ।

# ବା ପରବ - ଜାଦୁର ଦୁମାଙ୍ଗ ତାଲ୍
## (ମାଦଲ ତାଳ)

୧ ॥ ଦିନ୍‌ଗେ ତାଡାଙ୍ଗ୍ ଉଟାକେନ୍‌ଡେମ୍
କୁଣ୍ଡୁଲ୍ କୁଣ୍ଡୁଲ୍- ନାଙ୍ଗ୍ ନାଙ୍ଗ୍
୨ ॥ ଲାଇଃ ତେଦ ଜମେମ୍
ତେଞାମ୍ ତୁକା ତାଇମେ ନାଙ୍ଗ୍ ନାଙ୍ଗ୍
୩ ॥ ସାରଲି ଜାନୁମ୍ ଚେତାନ୍‌ରେ
ଦନ୍‌ଡାମ୍ ତିଂଗୁ ରାକାଲା ନାଙ୍ଗ୍ ନାଙ୍ଗ୍
୪ ॥ ଡିଙ୍ଗ୍ ଡୁବୁଲ୍ ଦେସାଙ୍ଗ୍ ଡୁବୁଲ ଟାଙ୍ଗ୍ ଟାଙ୍ଗ୍
୫ ॥ ବୁନୁମ୍ ଚେତାନ୍‌ରେ ଦନ୍‌ଡାମ୍ ପୁଲ୍ ପେଣ୍ଡେୟାକାନ୍
ଦନ୍‌ଡାମ୍ ପୁଲ୍ ପେଣ୍ଡେୟାକାନ୍
୬ ॥ ଜାଙ୍ଗ୍ ଜାଦୁର ତେନଜାଙ୍ଗ୍ ଜୁର
ନାଙ୍ଗ୍ ନାଙ୍ଗ୍, ନାଙ୍ଗ୍ ନାଙ୍ଗ୍ ତୁଙ୍ଗ
୬ ॥ ଡିଙ୍ଗ୍ ଡୁବୁଲ୍ ଦେସାଙ୍ଗ୍ ଡୁବୁଲ ଟାଙ୍ଗ୍ ଟାଙ୍ଗ୍
୭ ॥ ଜାଗ୍‌ଦା ବିଡାର୍ ଟିମିନ୍ ଡିପ୍‌ପା ଟିମିନ୍ ଡିପ୍‌ପା
ଟାଙ୍ଗ୍ ଟାଙ୍ଗ୍
ଅାଁଣିତେ ସେନେମ୍ ବୁଃକ ନେଲେମ୍
ଟିମିନ୍ ଡିପ୍‌ପା ଟାଙ୍ଗ୍‌ଟାଙ୍ଗ୍
ଜାଗ୍‌ଦା ବିଡାର୍ ଟିମିନ୍ ଡିପ୍‌ପା ଟିମିନ୍ ଡିପ୍‌ପା
ଟାଙ୍ଗ୍ ଟାଙ୍ଗ୍
୮ ॥ ଡିନିଙ୍ଗ୍ ଦିଡିଙ୍ଗ୍ ଦାଁ ଦାଁ
ମେତାଙ୍ଗ୍ ଦେତାଙ୍ଗ୍ ଦିଡିଂ
'ଦାଁଦାଁ ମେତାଙ୍ଗ୍
୯ ॥ ଡିଂନା ମିସିଂ ଡେସାଂ
ଡେସାଂ ମିସିଂ ଡେସାଂ
୧୦ ॥ ଜାଂ ଜାଦୁର ଜାଂ ମେସାମ୍
ଜାଂ ଡିସିଂ ମେସାମ୍
୧୧ ॥ ଜାଂ ଜାଦୁର ତେନ୍‌ଜାଂ ଜୁର୍ ନାଙ୍ଗ୍ ନାଙ୍ଗ୍

## ଗେନା ତାଲ

ତିନିଙ୍ଗ୍ ଦିତିଙ୍ଗ ଦାଁ ଦାଁ
ମେତାଙ୍ଗ୍ ଦେତାଙ୍ଗ୍ ଦିତିଂ
ଦାଁ ଦାଁ ମେତାଂ

ଦୁରାଂ/ଗୀତ-

॥ ୧ ॥

ବା-ବୁରୁଆ ଦାଦା- ବଙ୍ଗା ବୁରୁଆ
ମିସା ରେୟଅ୍ ଦାଦା ବିୟୁରା ତୁବେନ୍
ବା ବୁରୁଆ ଦାଦା ବଙ୍ଗା ବୁରୁଆ
★ ବାର୍ସା ବାଲେଦା ଦାଦା- ଆତୁରାତୁବେନ୍

॥ ୨ ॥

ଲାଇଃ ପେରେଏ୍ ଢମା କାରେ ରାସିକା
ମାୟାଙ୍ଗ୍ ପେରେଏ୍ ପାଟୁତାରେ ଚେହରା
ବାବା "ବା" ରେୟ ହ ରାସିକା
କସମ୍ ବା ରେୟ ହ ଚେହରା ॥

## ଗାଡୁକ ତାଲ୍

ଦୁରାଂ/ଗୀତ

ତୁ ଜୀବନ ଏଁଲା ଜୀବନ ମେତାଇ ଲେକା
ହିଜୁଃ ତାନାଏ ସେନଃ ତାନା
ହୟ ଜକା ବନ୍ଦ ଯାନ୍‌ରେ
ନେ ଜୀବନ ସେନଃଆ

## ଗାଡୁଆ ତାଲ

ତିନିଂ ଦିତିଂ ଦାଁ ଦାଁ
ମେତାଂ ଦେତାଂ ଦିତିଂ ଦାଁ ଦାଁ
ମେତାଂ

★ ବାର୍ସା-ବାଲେଦ-ଥରେ କିମ୍ବା ଦୁଇଥର

ଦୁରାଂ/ଗୀତ

ଚୁଆ ଚୁଆତେ ଆସୁଲ ଲିଃଆ
ସାସାଂ ସୁନୁମ୍‌ତେ ଜତନ ଲିଃଆ
ସାକାମ୍ ଲାଗିତେଞ୍ଜ କୁଲେ ଲିଃଆ
ବୁରୁରେନ୍ ମୁଣ୍ଡକଟା ପାଉଁଳିଆ
ସିନ୍ଦୁର୍ କିଃଆ
ସାକାମେ ଲାଗିତେ୍ଞ୍ କୁଲେ ଲିଃଆ
ଗାଡାରେନ୍ ବାଗୁଡ଼ିକିଂ କାଜଲା କିଃଆ

ଚାଙ୍ଗୁଲିଆ ତାଳ

ଜାର୍‌ଦା ବିତାର୍ ଚିମିନ୍ ଡିପ୍‌ପା
ଚିମିନ୍ ଡିପ୍‌ପା ନାଇଁ ନାଇଁ
ଆଁଣିତେ ସେନେମ୍ ବୁଃକ ଲେଲେମ୍
ଚିମିନ୍ ଡିପ୍‌ପା ନାଇଁ ନାଇଁ

ଦୁରାଂ/ଗୀତ

ନକ୍ କରେ ଗାଳ ଲାଲାଇ ତାନା
ଲଆ ବା ନାଗାରାଦ ରୁମୁଲ୍ କେନା
ଚିମାଏ କରେଗାକ କାଡାନ୍ଦି ତାନା
ନିଚାଃ ବା ରଳସିଙ୍ଗେ କୁଲୁୟୁର କେନା।
ହାର୍ଲାହାସା ନାଳ ବିରାଡ୍ ତାନା
ଲଆ ବା ନାଗାରାଦ ରୁମୁଲ କେନା
ଜାମ୍ନୁ ତିପା ନାଳ ବେରେଦ ତାନା
ନିଚାଃ ବା-ରଳ ସିଙ୍ଗା କୁଲୁୟୁର କେନା
ଦେଲା ତେବୁ ନେଲେ ଜମା-ଗା
ଲଆ ବା ନାଗାରା ଦ ରୁମୁଲ କେନା
ଦେଲା ତେବୁ ଚିନା ଜମା ଗା
ନିଚାଃ ବା-ରଳ ସିଙ୍ଗା କୁଲୁୟୁର କେନା।

(ଚିମାଏ କରେଗାକ କାଡାନ୍ଦିତାନା- ଚିମିନ୍ ସାନିଙ୍ଗରେକ ଆଁଦିତାନା)

'ବିରାଡ୍‌ତାନା-ନାମ୍‌ତାନା'

ଜପେ ତାଳ

ଡିଂନା ମିସିଂ ଡେସାଂ
ଡେସାଂ ମିସିଂ ଡେସାଂ

ଦୁରାଂ/ଗୀତ

ହାୟ ଶିଶି ବାଳା ହାୟ ଶିଶି ବାଳା
ହୟ ଢଚିମ୍ ନେଲାନ୍ତେ
ହାୟ ଶିଶି ବାଳାମ୍ ନେକେଲାନ୍ ତାନା
ହାୟ ନାରିବାଳା ହାୟ ନାରିବାଳା
ଗାମାଢଚିମ୍ ନେଲାନ୍ତେ
ହାୟ ନାରି ବାଳାମ୍ ତାୟୁରେନ୍ ତାନା
ହାୟ ଶିଶିବାଳା ହାୟ ଶିଶିବାଳା
ଗାତିମ୍-ଢ ମେନାଃକଆ
ହାୟ ଶିଶି ବାଳା ନାଲମ୍ ନେକେଲେନା
ହାୟ ନାରିବାଳା ହାୟ ନାରିବାଳା
ଢୁଲିମ୍ ଢ ମେନାଃକଆ
ହାୟ ନାରିବାଳା ନାଲମ୍ ତାୟୁରେନା

<u>ଦାଉଁଲିଆ ତାଲ</u>

ଢାଂ ଢାଦୁର ଢାଂ ମେସାମ୍
ଢାଂ ଡିସିଂ ମେସାମ୍

୧ ।। ଦୁରାଂ/ଗୀତ

ନିରେ ପିଲିଦ ମିସିଂ ନିରତାବେମେ
ସେନେ ପିଲିଦ ମିସିଂ ସେନେ ତାବେମେ
ନାଲାଂଯାଢ ମିସିଂ କୁଦି ମାଦୁକାମ୍
ତୁ ସାଂଯାଢ ମିସିଂ ଚାଉଲି ସାରାଢମ୍
ତିଢି ତାରେଦ ମିସିଂ ତୁଲା କରିବ
ଡାଂ ଡାରେଦ ମିସିଂ ଢାପାଃ କରିବ

୨ ।। ଦୁରାଂ/ଗୀତ

ନିଞ ଢାରେ ଢୁଢିଚିଗ ନାମାରେ ଗାତି
ଗେଲ୍ବାର ମୁଟ୍ଠୁ ତେଢ ରାପପାଃତାଇୟା
ନିଂଞଢାରେ ଢୁଢି ଚିଗ ନାମାରେ ଗାତି
ଢଲମ୍ ଲେକାନ୍ ସେରେଂଗ ତେଢ
ତେନ ତପା ତାଇୟା

୧ ।। ସାଉଁରିଆ

ଜା° ଜାତୁର ଡେନ୍‌ଜା° ଦୁର୍ ନାଇ୍ ନାଇ୍

ଦୁରା°ଗ/ଗୀତ-୧ ।।

ମାରା° ଗାଢାରେନ୍ ଚିରିପିଙ୍ଗ୍ ହାକୁ
ଚିରିପିଙ୍ଗ୍ ନାକୁଦରେ ପିତିଡ଼େନ୍ ତାନା
ମାରା° ବୁରୁରେନ୍ ବିରନାଜିଲୁ
ବିର୍‌ନା ଜିଲୁଦରେ ବକନ୍ କେନା
ଖବରଦାର ତାକ୍ ତାଜିନ୍‌ବେନ
ତିନ୍ ତିନ୍ ତିକି ବାଣାସି ଦଲେ ଚାବୁଜା ତାତା
ଖବରଦାର ହୁସିଆର୍ ରେନ୍ ବେନ୍
ଯୋଜା ବାନ୍ଦୁକ୍ ଦଲେ ସିଦୁବ୍ ତାତା

ଦୁରା°ଗ/ଗୀତ- ।। ୨ ।।

ଦେଲାରେ ସାରଜମ୍ ବାଜା
ଦେଲାରେ ନାଁଣାଗୁନ୍ ମେ
ଦେଲାରେ ସୁଜାସାଗେନ୍
ଦେଲାରେ ନସରେନ୍ ମେ
ନଜାଃ ଦକ ଗୁରିଃତାତା
ଦେଲାରେ ନାଁଣାଗୁନ୍ ମେ
ରାଚାଦକ ସାରିଲ୍ ତାତା
ଦେଲାରେ ନସ୍‌ରେନ୍ ମେ
ଲୁକୁ ହାଜାମ୍ ଉୟାମେତେ
ଦେଲାରେ ନାଁଣାଗୁନ୍ ମେ
ଲୁକୁମି ବୁଢି ଗେରା°ଏତେ
ଦେଲାରେ ନସରେନ୍ ମେ
ଲୁକୁମାୟ ସେନଃତାନା
ଦିଶୁମ୍ ଦାଁଣାତେ
ଲୁକୁମି ବୁଢି ଉୟାମ୍‌ତାନା
ଲୁକୁବୁଜା ବାଜାତେ

୨ ।। ଡାଉଁରିଆ ତାଢ

ଜା° କାତୁର ଜା° ମେସାମ୍
ଜା° ତିସିଙ୍ଗ୍ ମେସାମ୍

# ବା ପରବ ଦୁରାଂ

॥ ୧ ॥

ନିରେ ନିରେ ମେଁୟାଂ ହର ଲିପାଲାଲେ
ସେନେ ସେନେ ମେଁୟାଂ କୁଲାୟ ଚୁଲୁଚୁଲୁ
ତାଇଁ ତାଇ୍ ବୁରୁଦକ ସାଙ୍ଗାର୍ ତାଡା
ରାଜାକ ବଦେଲା ଦକ ହେଲ ବଲାତାଡ଼୍

ଓଡ଼ିଆ- ॥ ୧ ॥

*ଦୋହଲି ଦୋହଲି*
*କଇଁଚ ହେ ତୁତ*
*ଦଉଡ଼ି ଯାଆ*
*ଖପ୍ ଖପ୍ ଦେଇଁ*
*ଲାଞ୍ଜ ଟେକି ଚାଲ*
*ଆରେ ଠେକୁଆ*
*ଦେଖ ସେ ପାଖରେ*
*ଟାଙ୍ଗରା ପାହାଡ଼େ*
*ଚାଲିଛି କିମିତି ଘୋର ଶୀକାର*
*ଚଳଟି ମଛି ସେ*
*ଛାଦୁଅ କରନ୍ତି*
*ରାଜାଙ୍କ ପୋଖରୀ କି ନାରଖାର ।*

॥ ୨ ॥

ବାକାଲି କଟାରେ ଏଙ୍ଗାସିମ୍
କୁଃ ତାନାଏ ମାନ୍ଦାତାନାଏ୍ ଏଙ୍ଗାସିମ୍
ବୁରୁଗେନା ଗେନାରେ ସାଣ୍ଡିସିମ୍
ରେଏଢ୍ ରାନୁଃ ନାମତାନାଏ ସାଣ୍ଡିସିମ୍

ଓଡ଼ିଆ- ॥ ୨ ॥

*ଚାହିଁଟି ଏଣେ*
*ବଗିଚା କୋଣେ*
*ଥଣ୍ଡା ସରଦିରେ ଜଡ଼ସଡ଼ ହୋଇ*

*କାଶୁଅଛି ପେଣି ପେଲୁଛି ଧଇଁ ॥*
*ଅନାଟି ତେଣେ*
*ପଶିକି ବଣେ*
*ଗଞ୍ଜା ଚେରମୂଳି ଔଷଧ ଖୋଜୁଛି*
*ପେଣିର ଇଲାଜ କରିବା ପାଇଁ ॥*

॥ ୩ ॥

କିରିଂ ଆଇମେ ଗ ଦାଦା କେଜାନାଇ ମେଗ
ନିପିଲ କରେ ତୁଲୁବ ଲିଜାଃ କିରିଂ ଆଇ ମେଗ
କିରିଂ ଆଇ ମେଗ ଦାଦା କେଜା ନାଇ ମେଗ
ରାନୀ କରେ ସୁଲା ଦାଦା କେଜା ନାଇ ମେଗ
କିରିଂ ଆଇ ରେଦମ୍ ଦାଦା କେଜାନାଇ ରେଦମ୍
ଡିମୁ ଜାଂ ଦାମ୍‌କମ୍ କଏଃ ଗନଙ୍ଗାମ୍ ଗେୟା
ଲାମାଃ ଜାଂ ଟାକାସିକାୟ ସାଡିନାମ୍ ଗେୟା
ନେନ୍ ଲେକା ସମାୟରେ ଡିମୁଜା ଦାମ୍‌କଏଃ
ଗନଙ୍ଗାମ୍ ଗେୟା
ନେନ୍‌ଲେକା ନାସାର୍‌ରେ ଲାମାଃ ଜାଂ ଟାକା ସିକାୟ
ସାଡିନାମ୍ ଗେୟା

ଓଡ଼ିଆ-॥ ୩ ॥

*କିଣିଦେ ଗୋ ଭାଇ କିଣିଦେ*
*ଖଣ୍ଡେ ରଙ୍ଗିଆ ଶାଢ଼ୀ*
*ଚିକିମିକି ଯେହ୍ନେ ଆକାଶେ*
*ତାରା ଧାଡ଼ିକି ଧାଡ଼ି*
*ଭାଇ ଗୋ କରିଦେ*
*ପୋଷାକ କପଡ଼ା ଆଣି*
*ପିନ୍ଧିବି ଯାହାକୁ ଝଟକୁ*
*ଥିବି ଯେସନେ ରାଣୀ*
*ସାଜିଲେ ଏ ବେଶ ସିନାରେ*
*କନ୍ୟା ସୁନା ଆଣିବି*
*ସିଆଡ଼ି ମଞ୍ଜିର ପରାଏ*

ଟଙ୍କା ବିକ୍ରେଇ ଦେବି
ଟଙ୍କା ବିନା କିଏ ପଚାରେ
ଆଜିକାଲି ବେଳରେ
କନିଆ ପଣ ମୁଁ ଛାଣିବି
ସାଙ୍ଗିଏ କାଳରେ ।

॥ ୪ ॥

କତ୍ କତ ତେ ରାମିଇ୍ ଚାଲେନ୍‌ତାନ୍
ଆଁଣିଆଁଣିତେ ରାମିଇ୍ କେଚେରନ୍ ତାନ୍
କତ କତ ଦ ରାମିଇ୍ ଆଲମ୍ ଚାଲେନ୍
ଆଁଣିଆଁଣିଦ ରାମିର୍ ଆଲମ୍ କେଚେରେନ୍
ନାଇକି ହନ୍‌ଦ ରାମିଇ୍ ତଳେ ସାବ୍‌ତାନ୍
ପରଜା ହନ୍‌ଦ ରାମିଇ୍ ଆଟାଏ୍ କିଲୁତାନ୍
ତଲେ ମେୟାକ ରାମିଇ୍ ଆଟା ମେୟାକ ରାମିଇ୍
କତ କତ ଦ ରାମିଇ ଆଲମ୍ ଚାଲେନ୍
ତଲେ ମେୟାକ ରାମିଇ୍ ଆଟା ମେୟାକ ରାମିଇ୍
ଆଁଣି ଆଁଣି ଦ ରାମିଇ୍ ଆଲମ୍ କେଚେରେନ୍

ଓଡ଼ିଆ - ॥ ୪ ॥

ବଣିରେ ବଣି
ଏ ଡାଳୁ ସେ ଡାଳ ଉଡି ବୁଲୁଥାଇ
ଦେଖାଇ କେତେ ଭଙ୍ଗିଆ ଠାଣି ॥
ଏ ହୁଡ଼ା ଉପରୁ ସେ ବନ୍ଧକୁ ଯାଇ
ଲେଉଟି ଆସୁ ତୁ ଏଠିକି ପୁଣି ॥
ବଣିରେ ବଣି ॥
ବଣିରେ ବଣି
ଥାଆତୁ ଜାଣି
ଧନୀ ପିଲା ହାତେ ଧନୁଶରଟି
ଗରୀବ ପିଲାଟାର ଅଠାକାଠି ॥
ପରରେ ତୋ ଅଠା ଲଗାଇ ଧରି
ଅବା ଦେବେ ଧନୁଶରରେ ମାରି ॥

ଏ ଡାଳୁ ସେ ଡାଳ ଆଉ ଉଡି ଯା'ନା
ଦେଖାଇବି ଏତେ ରଙ୍ଗିଆ ଠାଣି ।
ଆଉ ଏ ବନ୍ଧରୁ ସେ ବନ୍ଧକୁ ଯା'ନା
ପର ଦୋହଲାଇ ଦେଇ ଲୋଟଣି
ବଣିରେ ବଣି ॥

॥ ୫ ॥

ନାମ ଡିଣ୍ଡା ନାଙ୍ଗଃ ଡିଣ୍ଡା ମାଇଁ
ପାରକମ୍ ଲାଂ ତେଙ୍ଗ ସାଙ୍ଗାଙ୍ଗମ୍
ନାମ ଡିଣ୍ଡା ନାଙ୍ଗଃ ଡିଣ୍ଡା ମାଇଁ
ଙ୍ଗାଟିଲାଂ ଗାଲାଂ ସାଙ୍ଗାଙ୍ଗମ୍
ସିଙ୍ଗି ଦଲାଂ କାମି ଙ୍ଗମା ମାଇଁ
ନିଦା ଦଲାଂ ଙ୍ଗାଦୁର ଙ୍ଗମା
ମିସା ସିମ୍‌କ ରାଗେ ରେନା ମାଇଁ
ରେଙ୍ଗେଃ ଗେଲାଂ ନିହାଡିଂଆ
ମିସା ମାରାଃ କ ରାଗେ ରେନା ମାଇଁ
ରାବାଙ୍ଗ୍ ଗେଲାଂ ନିହାଡିଂଆ ।

ଓଡ଼ିଆ-॥ ୫ ॥

ରସିକା ତୁହି
ରସିଆ ମୁହିଁ
ବୁଣିବା ଆସେ ଖଟିଆ
ସୁନ୍ଦରୀ ତୁହି
ଭେଣ୍ଡିଆ ମୁହିଁ
ଆଁ ବୁଣିବା ପଟିଆ
ଖଟିବା ଖରାରେ ନିଗାଡ଼ି ଝାଳ
ନାଚିବା ରାତି ବଜାଇ ମାଦଳ
ପହିලି କୁକୁଡ଼ା ରାବିବା ଯାଏ
ସହି ନେଇ ଯିବା ଭୋକ
ଶୀତ ସହି ନେବା ଯେ ଯାଏ
ଶୁଭିନି ପହିଲି ମୟୂର ଡାକ ।

॥ ୭ ॥

ନାଞ୍ଜ ଦନାଲୁଲି ନେଗାଞ୍ଜ ବାଙ୍ଗାଉଃ
ନାଞ୍ଜଦନା ଗାତିଞ୍ଜ ନାପୁଞ୍ଜ ବାଙ୍ଗାଉଃ
ରାଞ୍ଜ ବାନଃ ସିମିଲିଲେକା
ନାଞ୍ଜିଦ ମେନାଞ୍ଜାଃ
ନାମ୍‌ଦନା ଲୁଲି ନାପୁମ୍ ମେନାଉଃ
ନାମ୍‌ଦନା ଗାତିଞ୍ଜ୍ ନେଙ୍ଗାମ୍ ମେନାଉଃ
ଲାର୍‌ଦା ଲାପାଃ ପାଲା ଲେକାମ୍
ଲିଦାବ୍ ଲଦବ ।

ଓଡ଼ିଆ-॥ ୬ ॥

*ସଖୀରେ ॥*
*ନାହିଁ ମୋର ମାଆ*
*ନାହାନ୍ତି ବାପା ମୋ*
*ହାୟକି ଅନାଥ ମୁହିଁ*
*ରାଞ୍ଜ ବିନା ଯେମିତି*
*ଶୁଖିଲା ଶିମ୍ବଟା*
*ଖରାରେ ମାରିଛି ଝାଇଁ*
*ସାଙ୍ଗରେ ॥*
*ମାଆର କୋଳରେ*
*ବାପାଙ୍କ ଆଦରେ*
*ଆନନ୍ଦେ ବଢୁଛୁ ତୁହି*
*ପାଣି କୂଳେ ଘନ*
*ସବୁଜିମା ଧରି*
*ଗଛଟି ଯେହ୍ନେ ବଢ଼ଇ ।*

॥ ୭ ॥

ନିରତାଂନ୍ କୁଲିଟିରେ ସେନତାନ୍ କୁଲି
ସୁତାମ୍ ବିଣ୍ଡା ଲେକାଏଃ
ବର୍‌ରେନ୍ ତାନା ବର୍‌ରେନ୍ ତାନା
ସାୟୁଅ୍ ମୁଟି ଲେକାଏଃ
ସିଁରେନ୍‌ତାନ୍ ସିଁରେନ୍ ତାନ୍

ଓଡ଼ିଆ -॥ ୭ ॥

*ଆରେ ସୁନ୍ଦରୀ*
*ଦଉଡ଼ୁଛୁ କିବା ତୁ ଗୋଡ଼ କାଢ଼ି*
*ଅବା ଚାଲୁଅଛୁ ତୁ ଥିରି ଥିରି ॥*
*ସୁତା ଝିଅ ପରି ଚାଲୁ ସିଧା ସିଧା*
*ଚାଲୁ ବା ଦଉଡ଼ୁ ନ ହୁଏ ବାରି ॥*
*ଆରେ ସୁନ୍ଦରୀ*
*ଛପର ବେଳର ଘରର ଚାଳ*
*ଫିଙ୍ଗାହୁଏ ନଡ଼ା ଝଟାଇ ବଳ*
*ସିଧା ସିଧା କରି ନଡ଼ାବିଡ଼ା ଯେହ୍ନେ*
*ଫିଙ୍ଗା ଅବା ଥୁଆ ନ ହୁଏ ବାରି*
*ଆରେ ସୁନ୍ଦରୀ ।*

॥ ୮ ॥

ସିରମାରେଦ ଚାଣ୍ଡୁଃ ମାରସାଲ୍‌ଗା
ଅତେ ରେଦ ଦିଆ ମାରସାଲ୍ ବାତି
ନେନ୍ ମାରସାଲ୍-ମାରସାଲ୍ ତେଗା
ଟୁକୁବ୍ ଲେକା ସୁସୁନ୍ ବେନ୍ ।

ଓଡ଼ିଆ - ॥ ୮ ॥

*ଆକାଶେ ସଜନୀ ଚାନ୍ଦ ଫୁଟିଛି ଲୋ*
*ଆଲୁଅ ପଡ଼ିଛି ତୋରା*
*ଦୀପ ଆଲୁଅରେ ଧରିଣୀ ଉପରୁ*
*ଅନ୍ଧାର ହଟିଛି ପରା*
*ଆସ ସଖି ହାତ ଧରା ଧରି ହୋଇ*
*ଚକୁଳି ବାଡ଼ିକୁ ଧରି*
*ପାଦରେ ପାଦକୁ ମିଶାଇ ମିଶାଇ*
*ନାଚିଯିବା ହଳି ହଳି ।*

॥ ୯ ॥

ଅକନ୍ ହାତୁରେକ ମାଗେନ୍ ତାନା
ବିର୍‌କା ବିର୍‌କିଲୁ ସାବଆ ଦ ରୁମୁଲ୍ କାନା

ଅକନ୍ ହାତୁରେକ ବା ପରବ୍ ତାନା
ଦୁଣା ଦୁପ ନୁଲିବାଲା ସଲାନ୍‌ତାନା
ମାଗେ ପରବ୍ ତାନାଚି ପେ
ବା ପରବ୍ ତାନା
କୁପୁଲ୍ ଚେତାନ୍ କୁପୁଲ୍ ନାକ ହୁଜୁଆ କାନା
ବାଲି ମାତାଲେନା ଚିରେ
ଲଆଁ ମାତା ଲେନା
ଚେଁଣେ ଚେତାନ୍ ଚେଁଣେ ନାକ
ନାଣାଗୁନ୍ ଲେନା ।

ଓଡ଼ିଆ- ॥ ୯ ॥

*କୋଉ ଗାଁ ଲୋକେ ପାଳୁଛନ୍ତି ମିଶି ମାଗେ ପରବ*
*ଶୁଭ ଶଂଖ ବାଜେ ଛନ୍ଦୁଳି ପଡୁଛି ସିଂଗା ଶବଦ*
*କୋଉ ଗାଁ ଲୋକେ ପାଳୁଛନ୍ତି ପୁଣି ବା' ପରବ ॥*
*ଦୀପ ଝୁଣା ଧୂପ ଚହଟି ଉଠୁଛି ଫୁଲ ସୁଗନ୍ଧ ॥*
*ମାଗେ ପରବକି ବା ପରବ ଗାଆଁରେ ହେଲା*
*ତମ ଘରେ ଯେତେ ସବୁ କୁଣିଆଁଙ୍କ ଭିଡ଼ ଜମିଲା*
*ପେଛି ପେଛି ପାଚିଲା ବରଫଳ*
*ପାଚେ ପେଛା ପେଛା ଡିମିରି ଫଳ*
*ଆକାଶରୁ ଉଡି ଆସନ୍ତି ଚଢ଼େଇ ପଲକୁ ପଲ ।*

॥ ୧୦ ॥

ସିରମା ରେମା ଲିପି ଓତେ ରେମା ଚିୟା
ନେଙ୍ଗାଞ୍ଜ୍ ନାପୁଞ୍ଜ ଲେକାଞ୍ଜ୍ ଆଦାମେୟା
ସିରମା ରେମା ଲିପି ଓତେ ରେମା ଚିୟା
ଉଡିଞ୍ଜ୍ ବକଞ୍ଜ୍ ଲେକାଞ୍ଜ୍ ଆଟ୍‌କାର ମେୟା
ସିରମା ରେମା ଲିପି ଅତେରେମ୍ ରେଚା
ନେଗାଞ୍ଜ ନାପୁଞ୍ଜ୍ ଲେକାଞ୍ଜ୍ ସେବାମେୟା
ସିରମା ରେମା ଲିପି ଅତେରେମ୍ ନାଁଣାଗୁନ୍ ରେଚା
ଉଣ୍ଡିଞ୍ଜ୍ ବକଞ୍ଜ୍ ଲେକାଞ୍ଜ୍ ଜତନ୍ ମେୟା ।

ଓଡ଼ିଆ -॥ ୧୦ ॥

ମାଟିରେ ଅଛକି ଆକାଶରେ ଅଛ ଲିପି ଚଢ଼େଇ ।
ତୁମକୁ ଭାବିଲେ ବାପା ବୋଉ କଥା ମନେ ପଡ଼ଇ ॥
ମାଟିରେ ଅଛକି ଆକାଶରେ ଅଛ ଲିପି ଚଢ଼େଇ ।
ମୋତେ ଲାଗେ ସତେ ମୁଁ ତମ ଭଉଣୀ ତମେ ମୋ ଭାଇ ॥
ଆକାଶରୁ ସିନା ଓହ୍ଲେଇ ଆସନ୍ତ ମୋ ଅଗଣାକୁ
ସେବା କରନ୍ତି ମୁଁ ଯେମିତି କରେ ମୁଁ ବାପା ମାଆଙ୍କୁ
ଆକାଶ କୋଳରୁ ଓହ୍ଲେଇ ଆସିବ ମାଟିକୁ ଯେବେ
କୁନି ଭାଇ ପରି ଶରଧା କରିବି ମନ ସୁହାଗେ

॥ ୧୧ ॥

ସାରଜମ୍ ବା ସୁବାରେ
ସୁସୁନ ତାନ୍ କଦ
ସାରଜମ୍ ବାଲା ଲେକାଙ୍କ
ବିୟୁରେନ୍ ତାନ୍ ।
ମାତୁକମ୍ ସୁବାରେ
ଲାତୁର ତାନ୍ କଦ
ମାତୁକମ୍ ବାଲା ଲେକାଙ୍କ
ଚଲାଇ୍‌ଏନ୍ ତାନ୍ ॥

ଓଡ଼ିଆ- ॥ ୧୧ ॥

ଉଞ୍ଚ ଶାଳଗଛ ବଣ ସେପାରି
ଘୁରି ଘୁରି ଫୁଲ ପଡୁଛି ଝରି
ନାଚନ୍ତି ପୁରୁଷ ନାରୀ
ମହୁଲ ଗଛର ଛାଇ ପଡ଼ିଛି
ମାଦଳିଆମାନେ ମାଦଳ ବଜାନ୍ତି
ପଡ଼ି ଉଠି ତାଳ ଧରି ।

॥ ୧୨ ॥

କୁଲ୍‌ସୁଙ୍ଗ୍ କୁଲ୍‌ସୁଙ୍ଗ୍ ଦ
ଲିପିର କୁଆମ୍‌ରେ କୁଲସୁଙ୍ଗ୍ ମେଁ

ତେଗାଞ୍ ତେଗାଞ ଦ
ଦୟାଦାବିରେ ତେଗାଞ୍ ମେଁ ।

ଓଡ଼ିଆ - ॥ ୧୨ ॥

ଧକ୍କା ମାଇଲୁ ତୁ ମୋର
ଦୁକୁଦୁକୁ କଅଁଳ ଛାତିରେ ।
ଉଛୁଳି ପଡ଼ିଲା ଭକ୍ତି ହୃଦୟ ଭିତରେ ।
ଗୋଇଠାଏ ଦେଏ ମାରି
ପିଠି ପଟେ ବେଙ୍କର ମୂଳକୁ
ଛିଟକି ପଡ଼ିବି ମୁହିଁ ଠାକୁରଙ୍କ ଚରଣ ତଳକୁ ।

॥ ୧୩ ॥

ନେନ୍‌ରେୟ ମାସୁରି ଉତୁ
ତେର୍‌ରେୟ ମାସୁରି ଉତୁ
ନେନ୍ ରେଚିଂ ଦୁଲୁବା ବାରେଂ
ତେର୍ ରେଞ୍ ଦୁଲୁବା

ଓଡ଼ିଆ - ॥ ୧୩ ॥

ମସୁର ଡାଲିର ତିଅଣ ଏଠି
ସେଠିବି ତ ସେଇ ମସୁର ଡାଲି
କୋଉଠି ବସିବି କହରେ ଭାଇ
ଖାଇବି ବୋଲି ॥
ଏଠି ବସିବିନା ବସିବି ସେଠି
ଦୁଇଭାଇ ଘର ଦୁଇ କଡ଼େ ମୋର
କୋଉଠୁ ବସିବି କୋଉଠୁ ଉଠି ॥

॥ ୧୪ ॥

କୁଳି ନନେମ୍ ନନାନ୍‌ରେଦ ମାଇଁତାଞ୍
ଟୁକି ଲେକା କୁଳା ତାଇମେ
କଳା ନନେମ୍ ନନାନ୍‌ରେଦ ମାଇଁତାଞ
କାତୁ ଲେସେରାଇ ମେ
ନାମ୍ ମାଇଁ ଟୁକି ସାବେମ୍

ନାଙ୍ଗ ମାଇଁ କାତୁଙ୍ଗ ସାବେୟା
ଢିଲୁ ଲାଙ୍ଗ୍ ନାଲା ହୁଳୁଃଆ
ହନକ୍ ଦକ ହଅ୍ ହଅ୍ ୟ ।

ଓଡ଼ିଆ - ॥ ୧୪ ॥

ଝିଅଟିଏ ହେଲେ ଭଉଣୀରେ ତୋର
ଟୋକେଇ ପରି ତା' ବାନ୍ଧିବୁ ଜୁଡ଼ା
ପୁଅଟିଏ ଯଦି କୋଳକୁ ଆସଇ
ଧରାଇ ଦେବୁ ତୁ ହାତରେ ଛୁରା ॥
ଦେଏଖେ ଭଉଣୀ ମୁଣ୍ଡେ ତୋ ଝୁଡ଼ି
ହେଇ ଅନା ମୋର ହାତରେ ଛୁରି ।
ପିଲାଏ ଆମର କରନ୍ତି ଅଳି
ମାଉଁସ ଚିଅଣ ଖାଇବେ ବୋଲି ॥
ଆରେ ଭଉଣୀ ଆଣିବା ମଜୁରୀ
ରାନ୍ଧିବା ମାଉଁସ ମଜଜ କରି ॥

॥ ୧୫ ॥

ସାରୁ ସାକାମ୍ ଦତି ବଲେ ସାରୁ ସାକାମ୍ ଦତି
ମାୟାଙ୍ଗ୍ ରେକ ତଲେୟା ନେକା ଗିୟାଲ୍ ଗପଲ୍

ଓଡ଼ିଆ - ॥ ୧୫ ॥

ସାରୁ ପତର ର ଧୋତି
ସାରୁ ପତର ର ଧୋତି
ଢେଉ ଖେଳୁଥାଏ ପିନ୍ଧିଲେ ଅଣ୍ଟାରେ
ବାରି ପବନ ଗତି

॥ ୧୬ ॥

ସାୟୁ ଦକ ଇର୍‌ଲେଡ଼ା ରାଦା ପାଦାତାନ୍
ଅଆଃ ଦକ ଦାଲ ଲେଡ଼ା ସନାରୁପାୟାନ୍
ସନାରୁପା ଚେତାନେତେ ଦାଃଦ ଜରନ୍‌ତାନ୍
ସେଙ୍ଗେଲ୍ ଲେକାନ୍ କୁଳିହନ୍ ଦଏ ନିରଜା
ବଲୟାନ୍ ।

ଓଡ଼ିଆ- ।। ୧୬ ।।

ଗୋଛା ଗୋଛା କରି କାଟିଲେ ନଡ଼ା
ଟାଣ କରି ବାନ୍ଧି ବିଡ଼ାକୁ ବିଡ଼ା
କଲେ ତାକୁ ନେଇ ଛପର ।
ସୁନାପରି ଘର ମଥାନ ଝଟକେ
ଠିଆ ହୋଇ ଦେଖ ଦଣ୍ଡେ ମାତର ।।
ମେଘ ବରଷିଲା ଆସି ଉଜାଣି
ସେ ସୁନା ଛାତରୁ ଗଡୁଛି ପାଣି
ମନରେ ନିଆଁ ତା, ଦିହରେ ନିଆଁ
ବରଷା ପାଣିକୁ ଦେଖି ସୁକୁମାରୀ
ସେ ଘରେ ପଶିଲା ମାରିକି ଡିଆଁ ।

।। ୧୭ ।।

ଚିୟାବ୍ ଚିୟାବ୍ ସିମହନ୍‌ଦ କୁଇଡ୍ ଗଃ କିଃଆ
କାଟାତେଦୟ ବାଗେୟା ତୁଃ ଆଇଃଆ
ଦୁବିଃ-ଏ-ପାସ୍‌କା ତାନ୍
ଟେରଏଁ ଟେରଏଁ ସୁକୁରିଦ କୁଲାଃଗଃକିଃଆ
ଲିଚ ତେଦଏ୍ ବାଗେୟା ତୁ ଆଇଃଆ
ମାୟା-ଏ-ସବଃ ତାନ୍

ଓଡ଼ିଆ - ।। ୧୭ ।।

ସରଗରୁ ଖସିଚିଲ ଟା କାହିଁ
ଝାମ୍ପି ନେଇଗଲା କୁକୁଡ଼ା ଚିଆଁ
ଛାଡ଼ିଗଲା ତା'ର ପାଦ ଦୁଇଟାକୁ
ଗୋବର ଗଦାରେ ମାରୁଛି ଡିଆଁ ।
ଖେଳେଇ ବିଛାଡ଼େ ଗୋବର ଗଦା
ଦିହ ଥିଲେ ତା'ର ନ କରନ୍ତା କିସ
ଗୋଡ଼ ଦି'ଟା ଖାଲି ମାରଚି କୁଦା
ଛପି ଛପି ଆସି ଗହଳ ବଣରୁ
ବାଘ ନେଇଗଲା ଘୁଷୁରି ବୋହି
କେମିତି କେଜାଣି ଛାଡ଼ିଗଲା ତାର

ମୁହଁଟାକୁ କିବା ମନେ ତା ନାହିଁ ॥
ଗୋଚିଆ ମୁହଁଟା ମାରୁଛି ଚିଆଁ ।
ଏ ହାଣ୍ଡି ସେ ହାଣ୍ଡି ଚାକୁ ଚାକୁ କରି
ଯିଏ ଯାଏ ଦେଖ ବାସି ହାଣ୍ଡିଆ ॥

॥ ୧୮ ॥

ଦେଲାରେ ସାରଜମ୍ ବାହା
ଦେଲାରେ ନାଁଣାଗୁନ୍ ମେ
ଦେଲାରେ ସୁଲା ସାଗେନ୍
ଦେଲାରେ ନସର୍ ରେନ୍‌ମେ
ଦେଲାରେ ମାସୁରି ନୁତୁ ହାଇକ ଛିଲୁ
ଦେଲାରେ ନାଁଣାଗୁନ୍ ମେ
ଦେଲାରେ ମାଟିଆ ପୁଟୁଃ ଦଲମ୍ ତିଆଙ୍
ଦେଲାରେ ନସର୍‌ରେନ୍ ମେ
ରାଟାଦକ ସାରିଲ୍ ତାଡା
ଦେଲାରେ ନସର୍‌ରେନ୍ ମେ
ନାହାଃଦକ ଗୁରିଃ ତାଡା
ଦେଲାରେ ନାଁଣାଗୁନ୍ ମେ
ଲୁକୁ ହାହାମ୍ ଇୟାମେତେ
ଦେଲାରେ ନାଁଣାଗୁନ୍ ମେ
ଲୁକୁମି ବୁଢି ଗେରାଏତେ
ଦେଲାରେ ନସର୍‌ରେନ୍ ମେ
ଲୁକୁମାୟ ସେନଃ ତାନା
ଦିଶୁମ୍ ଦାଁଣାତେ
ଲୁକୁମି ବୁଢି ଇୟାମ୍‌ତାନା
ଲୁକୁବୁଢା ବାହାତେ

ଓଡ଼ିଆ ॥ ୧୮ ॥

ଆସ ଶାଳ ଫୁଲ ଗଛରୁ
ତଳେ ଓହ୍ଲେଇ ଆସ ॥

କଅଁଳିଆ ସବୁଜିମା ହେ
ଆସ ଆମରି ପାଶ ।।
ପଦାକୁ ବାହାରି ଆସହେ
ଆସ ମସୁର ଡାଲି ।।
ଆସ ମାଛ ତରକାରୀ ହେ
ବାଟି ପଡ଼ିଛି ଖାଲି ।।
ମାଠିଆରୁ ଢ଼ଳା ହୋଇକି
ହୋଇ ଦୁନାରେ ଥୁଆ
ମାରିକି ଖୁସିରେ ଭିଆଁଟେ
ହାତେ ଆସ ହାଣ୍ଡିଆ
ଲିପା ପୋଛା କରି ଦୁଆର ଘର
ଅଗଣା ବାଡ଼ି
ପାଛୋଟି ଆଣିବୁ ତୁମକୁ
କେଡ଼େ ଆଦର କରି
ଲୁକୁ ବୁଢ଼ା କରେ ଗୁହାରି
ତଳେ ଆସ ଓହ୍ଲେଇ
ଲୁକୁ ବୁଢ଼ୀ କରେ ପ୍ରାର୍ଥନା
ହୋଇ କେତେ ଗେହ୍ଲେଇ
ଲୁକୁ ବୁଢ଼ା ଆମ ଯାଆଚି
ଦେଖ ରାଇଜ ବୁଲି
ଫୁଲ ତୋଳି ବୁଢ଼ା ଦେଇଛି
ଜୁଡ଼ା ବାନ୍ଧିଛି ବୁଢ଼ୀ ।।

।। ୧୯ ।।

ନାମେତେ ନୁଡିଙ୍ ନୁଡ଼ିଙ୍ ଙ୍
ସାବେନ୍‌ଙ୍କ ଦାରୁ ସୁବାଙ୍ଗାନା
ନାମ୍‌ଦ ମାଇରେ ଚିହାମ୍ ଜୁଦା ଆନା
ସୁବା ସାଙ୍ଗାମ୍ ଲେଙ୍ଗାମ୍ ସାଲା ସାରେଃ ଙ୍ଗାନା
କାଚି ମାଇରେମ୍ ହିଯାତିଂଆ

ସାବେନ୍‌କ ଦାରୁ ସୁବାଜାନ୍
ଜାଟି ମାଇରେମ୍ ଚାଜାତିଂଆ
ସୁବା ସାଜାମ୍ ଲେକାମ୍ ସାଲା ସାରେଃ ଜାନା ।

ଓଡ଼ିଆ ॥ ୧୯ ॥

*କାହିଁ ସାତ ସାନ ତୋ ଠାରୁ କେତେ*
*ସାରିଲେଣି ଗଛ ଆଶରା ଧରି ।*
*ବାରି ହୋଇ କାହିଁ ରହିଗଲୁ ସଖୀ*
*ଗଛ ଡାଳ ତଳ ପତର ପରି ॥*
*ଦକା ଟିକେ ନାହିଁ ମନେ ତୋହରି*
*ସଖୀରେ ଦୁଃଖେ କି ନ ହେଉ ଘାରି ॥*
*କେତେ ଦିନ ଆଉ ବସିଥିବୁ ଟାକି*
*ବାଛି ହୋଇ ତଳ ପତର ସରି ।*

# ବାପାଲା ଦୁରାଂ

## (ନିର୍ବନ୍ଧ)

॥ ୧ ॥

କାନ୍‌ସାରିବା ତାଢାଏବା ନେରାଞ୍ଜ ନେଲାଢା
ଶାଙ୍କା ସାକମ୍ ତାଃଇୟାକ କାନାଙ୍କ ଗଂଆବୁ

ଓଡ଼ିଆ-॥ ୧ ॥

*ଖୋଜିକି ପାରନ୍ତୁ*
*ସୁନାନାକି ଝିଅ*
*କରିବୁ ବୋହୂ ॥*
*ଖେସାରି ଫୁଲକି*
*ପଦୁଅଁ ଫୁଲର*
*ସୁନା ଦିହ ତାର*
*କି ଦାଉ ଦାଉ ॥*
*ନଖରୁ ନାସିକା ଗହଣା ଗାଣ୍ଠିରେ*
*ହୋଇଛି ଛାଇ ॥*
*ସନ୍ଦେହ ଘାରୁଛି*
*ଆସିବ ସତେକି*
*ଆମ ଘରେ ବୋହୂ ହୋଇ ॥*

॥ ୨ ॥

ହୁଲିଂ ଗାଢା ଲେୟନ୍ ଲେୟନ୍
ମାରାଂ ଗାଢା ଲେୟନ୍ ଲେୟନ୍
ଚିକାତେରେଃ ପାରମ୍ ଲେନା
ତେତେକାଟା କାଦ୍‌ରୁ କାବୁତ୍

ଓଡ଼ିଆ- ॥ ୨ ॥

*ଛୋଟିଆ ନଈଟା ସରୁଧାର*
*ଆଜି ଆସିଛି ବଢ଼ି*
*ଦୁଇ କୂଳ ଡେଇଁ କୁଆର ପାଣି*
*ଯାଇଛି ମାଡ଼ି*

ଝିଙ୍ଗିକା ଗୋଡ଼ିଆ ନଜୀଆ ଟୋକାଟୁ
କହରେ କହ ॥
କେମିତି ଆସିଲୁ ପାରି ହୋଇ ବଢ଼ି
ଧନ୍ୟ ତୋ ଦିହ ॥

॥ ୩ ॥

ଚାରିଃ ମୁଟି ଟାବାୟାନା ବାଲାକ
ସାକାମ୍ ବିଲା ଟାବାୟାନା ବାଲାକ
ପରଜାମ୍ କନା ବାଲା, ପାଇକିମ୍ କନାବାଲା
ଆୟାର୍ ଦୁର୍କମ୍ ବାଲା, ଆୟାର ଦୁର୍କମ୍

ଓଡ଼ିଆ-॥ ୩ ॥

ସରିଗଲା ମୁଠା ମୁଠା ଝଡ଼ିକା
ସରିଗଲା ମୋର ପତର ଦିକା
ସମୁଦି ହେ ଆଉ ହେଜା କି ପାଇଁ
ଧନୀ ଗରୀବଙ୍କୁ ଠୁଳ କରି ଏବେ
ସାଙ୍ଗରେ ନେଇ
ସମୁଦି ହେ ତାଙ୍କୁ ଗାଆଁକୁ
ତୁମର ନିଅ ଫେରାଇ ।

॥ ୪ ॥

କାଟଃ କାଟାଃ ଦାଳ ଡାଡ୍ ମେୟା ବାଲା
କାଟଃ କାଟାଃ ଦାଳ ଡାଡ୍ ମେୟା ବାଲା
ହିସି ଟାକା ତେରେୟ ଦଁସି ଟାକା ତେରେୟ
ହାଲେ ଓଡ଼ଡଏନ୍ ମେୟା ବାଲା
ହାଲେ ଓଡଡଏନ୍ ମେୟା ବାଲା

ଓଡ଼ିଆ ॥ ୪ ॥

କକଡ଼ା ଗୋଡ଼କୁ ଧରିଛି ଛିଡ଼ି
ଭାବୁଛକି ସିଏ ବିନା ମାହାସୁଲେ
ଦେବକି ଛାଡ଼ି ?
ଶୁଣ ସମଦି ହେ ଫିଟା ଖୋସଣି
କୋଡ଼ିଏ ତିରିଶ ଦିଅତ ଗଣି

ଛାଡ଼ିଦେଇ ଦେବ ମୁକୁଳାଇ
ଛଟକେ ଆଣିବ ଗୋଡ଼କୁ ଟାଣି ॥

॥ ୫ ॥

ବାଂଦା ନାଁଣି ନାଁଣିରେ
ସାଲ ନାଁଣି ନାଁଣିରେ
କଃଅ୍ କଟା ଦୁବାକାନ୍
ଚେଁଣେ କଟା ଦୁବାକାନ୍
ବଦେ ନଁୟ ନଁୟମେ
ବଦେ ଗାମା ଗାମାୟ୍‌ମେ
କଃଅ୍ କଟା ତେଡାଂଡାନ୍
ଚେଣେ କଟା ଡାୟୁରଡାନ୍ ।

ଓଡ଼ିଆ ॥ ୫ ॥

ପୋଖରୀ ହୁଡ଼ାରେ ହିଡି ମିଟିକା
ବଗ ବସିଛନ୍ତି ଧାଡ଼ି ଧାଡ଼ିକା
ଗହୀର ବିଲରେ ଲୋଟେ ଫସଲ
ଚଢ଼େଇ ଛାଉଣି ପଲକୁ ପଲ ।
ଡୁହାଡୁହା ମେଘ ବରଷି ଯାଆ
ବାଆ ବହୁଥାଉ ସୁଲୁ ସୁଲିଆ
ବଗଙ୍କ ଓଠରେ ଶୋଷ
ଆକାଶରୁ ଉଡି ଆସନ୍ତି ଚଢ଼େଇ
ପେଟରେ ଭୋକ ଉପାସ ।

# ଅାଁଦି ଟାଲ

॥ ୧ ॥

ରୁଗୁଡ୍ ସୁଉଡ୍ ଦାଃଦ ମିସିଞ ସା' ସା'
ସୁଉଃଇ ମୁଡିଡ୍ ସା'ସା

॥ ୨ ॥

ପା' ଆ' ସୁ ବୁଟା ଢୁର୍ ଢୁର୍(୨)
କିତା ବୁଟା ରେପେଃକାଡ୍
ବାଲେ କିମିନ୍ ମେନ୍ତେ ଗେଦା
ସିମ୍‌ଟିକ ଗଜାମ୍

॥ ୩ ॥

ଆଦିଙ୍ ବିତାର୍ ବିତାରତେ
ଜାମ୍‌ତା ବିତାର୍ ବିତାରତେ
ନେନ୍ଦର୍ କୁଇ ଗାତି ଅଳୟ ମେତାମ୍(୨)
ମିସିଞ ମେତାଞ୍ ମିସିଞ୍ (୨)

॥ ୪ ॥

ଡିଙ୍ ଡୁବୁଲ୍ ଦେସାଙ୍ ଡୁବୁଲ୍
ଟାଙ୍ ଟାଙ୍
ଦେସାଙ୍ ଡୁବୁଲ ଟାଙ୍ ଟାଙ୍

॥ ୫ ॥

ହେସାଃ ପିଇ ବାଇ ପିଇରେଞ୍
ଗଙ୍ ତାଃଇୟା ମିସିଞ୍‌ଦ (୨)
ଦିନ୍ଦି ଲେକା ଲିସିଃଲେକା
ସୁନ୍‌ତାନ୍ ତାଞ୍ ମିସିଞ୍‌ଦ (୨)
ଡେଂଜାଂ ଡିଂ ଡିଞ୍ ଜାଂ ଟାଙ୍ ଟାଙ୍ (୨)

॥ ୬ ॥

ମାଇଚି ବାକାଇ ବୁଗିନ୍ ବାକାଇତାଡ୍
ବେଙ୍ଗାଜା ବାକାଇ ବୁଗିନ ବାକାଇ ତାଡ୍

ମାଲଚି ଡିକିଞ୍ ଗଡ୍ତାନ୍ ତେ
ସାକା ଦକିଞ୍ ରାପୁଡ୍ କେଡ୍
ବେଙ୍ଗାଲା ଡିକିଞ ଗଡ୍ତାନ୍ତେ
ସାକା ଦ କିଞ୍ ରାପୁଡ୍ କେଡ୍
ଡାଂ ଦିନିଙ୍ଗ୍ ଡିବିଲ
ଡିନିଙ୍ଗ୍ ଡିବିଲ୍ ନାଙ୍ଗ୍ ନାଙ୍ଗ୍

॥ ୭ ॥

ରୁଙ୍ଗ୍ ଲେଡ଼ାଞ୍ ସବଃ ଲେଡ଼ାଞ୍
ହେଲ୍ତା ଲୁପୁଃ ଚାଙ୍ଗ୍ ଚାଙ୍ଗ୍ (୨)

॥ ୮ ॥

ରୁମ୍ କୁୟା, କାଦାଲ କୁୟା
ଦେବତା ଅଛି ବଙ୍ଗା ବାଙ୍ଗାଇ ନାଙ୍ଗ୍ ନାଙ୍ଗ୍

॥ ୯ ॥

ତନ୍ତାଙ୍ଗ ବିତାର୍ ବିତାର୍ତେ
ତନ୍ତାଙ୍ଗ୍ ବିତାର୍ ବିତାର୍ତେ
ନିକିଞ ଦୂର୍ ବିର୍ଜିଲୁ କୁଞ୍ ନିର୍ତାନ୍ (୨)
ନିମିନ୍ ନିମିନ୍ ନିମିନ୍ ଢାରେ ବେଟାଇ
ଢାରେ ମାଃଇମ୍
ଢେଡାରେ ବେଟାଇ ଢେଡାରେ ତୁଞିମ୍ ନାଙ୍ଗ୍ନାଙ୍ଗ୍

॥ ୧୦ ॥

ସାଣ୍ଡି ବୁନୁମ୍ ଚେତାନ୍ରେ
ସାଣ୍ଡି ବୁନୁମ୍ ଚେତାନ୍ରେ
ବୁନୁମ୍ କୁଚୁଙ୍ଗ୍ ବା ବୁନୁମ୍ କୁଚୁଙ୍ଗ୍ ବା
ବାତେ ମେତାମ୍ ଦଙ୍ଗ୍ବ୍ ଦଙ୍ଗ୍ବ୍
ବାତେ ମେତାମ୍ ଦଙ୍ଗ୍ବ୍ ଦଙ୍ଗ୍ବ୍
ବାଲେଃ ଜିମିନ୍ ବା ତାଡ୍
ବାଲେଃ ଜିମିନ୍ ବା' ତାଡ୍
ଦିନିଙ୍ଗ୍ ଢାଙ୍ଗ୍ନା ଡୁବୁଲ୍

ଦେସାଙ୍ ଜାଙ୍ଗନା ତୁବୁଲ୍
ଡିସିଙ୍ ଡିସିଙ୍ ଟାଙ୍ ଟାଙ୍

॥ ୧୧ ॥

କୁଦା ବୁଟାରିଇ ରିଇ ଦାଆସୁ ବୁଟା ରୁପୁମ୍ (୨)
ବାଲେ କିମିନ୍ ମେନ୍ତେ ଗେଦା (୨)
ସିମ୍ ଟାଲେ ଗଜାଇଃ
ଜାଇଙ୍ ଟାଲେ ନେମାଇ
ଟାଙ୍ ଟାଙ୍

# ଆଁ ଦି ଦୁରାଙ୍ଗ

## (ବିବାହ ଗୀତ)

॥ ୧ ॥

ମୁଲ୍‌ଗା ନାଳାଃ ନାଙ୍କ ସାସାଙ୍ଗ୍ ତାଡା
ସାମାଙ୍ଗ ତାଡା
ରାସୁଇଁ ନାଳାଃ ନାଙ୍କ ପିଆଜି ତାଡା
ପିଆଜି ତାଡା

ଓଡ଼ିଆ -॥ ୧ ॥

*ଅଭିଲା କଥାଏ*
*କେଡ଼େ ଅବାଗ*
*ଭଜା ହୋଇଅଛି*
*ସଜନା ଶାଗ*
*ହଳଦୀ ଚହିଁରେ ମିଶା*
*ରସୁଣ ଶାଗରେ ପଡ଼ିଛି ପିଆଜ*
*କଥାଟା କି ଲୋକ ହସା ॥*

॥ ୨ ॥

ଅକନିଃ ନା ଅକନିଃ
ଦିର୍ କିମିନ୍ ଦ
କାଟି ତେରେମ୍ ନେଲାଃଇୟା
ଦିର୍ କିମିନ୍ ଦ
ନି-ଦୁନା-ନି ଦୁ
ବିଲାଇ ମୁଟା ଚାୟମୁଙ୍

ଓଡ଼ିଆ - ॥ ୨ ॥

*କାହିଁଗଲା ତୁମ ନୂଆ କନିଆଟି*
*ଦେଖିଥାନ୍ତେ ଟିକେ ମୁହଁଟି ତାର ॥*
*ହେଇ ଦେଖ ସେଠି ଠିଆଟା ହେଇଛି*
*ବିଲେଇ ମୁହଁଟା ପକା ନଜର*

*ଆଖିତା ଯାଇଛି କୋଟରେ ପଶି ॥*
*ଟାକୁଆ ଗାଲରେ ମାଣକ ଚାଉଳ*
*ମାପି ଭରି ଦେଲେ ନ ଯାଏ ଖସି ॥*

॥ ୩ ॥

ନେଙ୍ଗାମ୍ ନଲାଃ ସାସାଂ ମାଇନା
ନାପୁମ୍ ନଲାଃ ସୁନୁମ୍
ମିତି ଲଃକ ମିସାତାଡା ମିତି ମୁତୁଡ୍ ମୁତୁଡ୍
ମିତି ଲଃକ ମିସାତାଡ୍ ମିତି ମୁତୁଡ୍ ମୁତୁଡ୍
ହାନାର୍‌ମେ ନଲାଃ ସାସାଂ ମାଇନା.
ହଞ୍ଜାର୍‌ମେ ନଲାଃ ସୁନୁମ୍
ଗିତିଲ୍ ଲଃକ ମିସାତାଡ଼ା
ଗିତିଲ୍ ସେଗୟ ସେଗୟ
ଗିତିଲ ଲଃକ ମିସାତାଡ଼ା
ଗିତିଲ ସେଗୟ ସେଗୟ

ଓଡ଼ିଆ - ॥ ୩ ॥

*ମା' ଘର ବଟା ହଳଦୀ*
*ବାପ ଘରର ତେଲ*
*ଶୁଣରେ ସଖୀ*
*ମିଶିଛି ମେଥି*
*କେତେ ସୁନ୍ଦର ବାସ*
*ମହକେ ଯେମିତି ସଜଫୁଲ*
*ଶାଶୁ ଘରର ହଳଦୀ ବଟା*
*ଶ୍ୱଶୁର ଘର ଏ ତେଲ ଚିକିଟା*
*ସତେକି ସଖୀ*
*ମିଶିଛି ବାଲି*
*ମାଖିଲେ ଦିହ ରଗଡ଼ି ହୁଏ ମନଟା ଲାଗେ ଚିଟା ।*

॥ ୪ ॥

ସିନ୍ଦୁରୀ ମେନା ମାଇଁ ସିନ୍ଦୁରୀ ମେଁ
ସିନ୍ଦୁରୀ ମେନା ମାଇଁ ସିନ୍ଦୁରୀ ମେଁ

ହାତୀ ସାମାଂ ତାଂ ଡାଂରେ ସିନ୍ଦୁରୀ ମେଁ
ସିନ୍ଦୁରୀ ମେନା ମାଇଁ ସିନ୍ଦୁରୀ ମେଁ
ହାତୀ ସାମାଂ ତାଂ ଡାଂରେ ସିନ୍ଦୁରୀ ମେଁ

ଓଡ଼ିଆ- ॥ ୪ ॥

*ସିନ୍ଦୁର ଟୋପା ଦେ ଲୋ ସଖୀ*
*ଦେ ସିନ୍ଦୂର ଘସି*
*ହାତୀ ଶୁଣ୍ଡିଆ କପାଳଟା ତ*
*ରଙ୍ଗରେ ଉଠୁ ହସି*
*ଟାଙ୍ଗରା ଭୂଇଁ ମଥାଟା ତାର*
*ରଙ୍ଗରେ ଉଠୁ ଭରି*
*ସିନ୍ଦୂର ଘସି କରି ଦେ ନାଲି*
*ମନଟା ଉଠୁ ପୂରି ॥*

॥ ୫ ॥

ମାଇଁ ତାଲେଦ ବୁଇ ତାଲେଦ୍
ସାଲ୍ ସାଲତେ ହୁଜୁଅ୍ ଲେନ୍
ସାଲ୍ ସାଲ୍‌ତେ ହୁଜୁଅ୍ ଲେନ୍
ସାଲ୍ ବାବା କିଦାରେ କଦର
ସାଲ ବାବା କିଦାରେ କଦର

ଓଡ଼ିଆ - ॥ ୫ ॥

*ଗହୀର ବିଲର ମଝିରେ ପଶି*
*ଗହୀର ପାଟର କାଦୁଅ ଧସି*
*ଆସିଲା ଆମ ଝିଅ*
*ଗହୀର ବିଲର ଗହଳ ଧାନ*
*ଢେଉ ଖେଳେଉଛି ସେଠି ପବନ*
*ଢେଉ ପରି ଲମ୍ବା ନଙ୍କ ନଙ୍କିଆ*
*ହେଉଛି ଝିଅର ଧିଆ ।*

॥ ୬ ॥

ମାରାଙ୍ଗ ବୁରୁ ବାଦାଲ୍ ସଙ୍କାରେ
ଆମ୍ ବିନା ସାଲା କୁଲାଦେୀ ଲମ୍‌କେଡ୍
କାଙ୍‌ତେ ସୁମାଡ୍ସ ତାରାଲ୍ ତାରାଲ୍

ଓଡ଼ିଆ- ॥ ୭ ॥

ନାଗର ମଣୀ ...
କଦଳୀ ବିଆରୀ ଚଭ ମୁହାଁଣୀ
ବାଘ ନେଲା ତୋତେ ଟାଣି ।
ଦିହରୁ ମାଇଁଶ ଖାଇଛି ଝୁଣି
ହାଡ଼ ତ ହେଉଛି ଗଣି ।

॥ ୭ ॥

ଦୁନିଆ ଗଟା ଏରାମ୍ ସାଲୀକେନ୍
ରାଜିଗଟା ନେରାମ୍ ସାଲାକେନ୍
କୁଣ୍ଡାମେରେ ସସ ମାଟିଆ ନାଜମ୍ କରତେ
କାକ ନେମାକୁ ମେୟା ବାଲା
ନାଜମ୍ ବର କାକ ନେମାକ୍ ମେୟା ବାଲା
ଆଲେଗେଟା ସେୟାଁ ମେନ୍ତେ
ନେରାଲେ ଗଂଗଆକୁ ମେଁ

ଓଡ଼ିଆ - ॥ ୭ ॥

ସାରା ମୁଲକଟା ବୁଲିଲ ସମୁଦୀ
କନିଆ ଲଣି
ତମ ବାଡ଼ିପଟ ଟାଳରେ ଝୁଲୁଛି
ଭାଲିଆ ହାଣ୍ଡି
ହାଣ୍ଡିରେ ଜହର ସଭିଏଁ ଚଡ଼ିଲେ
ନ ଦେଲେ ବୋହୁ
ଆମେ ବିଚାରିଲୁ ଅଭିଆଡ଼ାତମ
ପୁଅ ନ ରହୁ
(ନ ହେଉ)
ପୁଅକୁ ତମର ଦେଲୁ କନିଆଁ
ଟାଳରେ ଏଣିକି ମୋଟେ ଟାଙ୍ଗିବନୀ
ହାଣ୍ଡି ଭାଲିଆ ।

॥ ୮ ॥

ଆବେନ୍ ଦ ମାଁ ତିକିଞ୍ ଆବେନଦ ବାବା ତିକିଞ୍
ଗେଲବାର୍ ବୁରୁ ଦାନାଙ୍ଗରେ ଆରାଦବେନ୍ ସାଲା ତାଇଃଆ
ଆଞ୍ଦମାଁ କାଞ୍ ସୁକୁୟାନ୍ ଆଞ୍ଦ ବାବା କାଞ୍ ସୁକୁୟାନ୍
ବୁରୁ ସାରାଃ ରେସେ ରେସେ ଆଞ୍ଦ ମାଁ କାଞ୍ ସୁକୁୟାନ୍
ଗାଜା ଗେଦାଳିଆ କାକାୟା କୁକୁୟୁ ଆଞ୍ଦ ମାଁ କାଞ ସୁକୁୟାନ୍

ଓଡ଼ିଆ- ॥ ୮ ॥

*ବାପା ମାଆ ମିଶି ମୋ ଶୁଭ ମନାସୀ*
*କୋଉ ରଜାପୁଅ କଲ ଯୋଗାଡ଼*
*କାହିଁ ସେ ରାଇଜ ଝାଟିଆ ବୁରୁଜ*
*ବୁର ପରବତ ବଣ ପାହାଡ଼*
*ବଣୁଆ ମାଙ୍କଡ଼ ହନୁର ଲାଙ୍ଗୁଡ଼ କାଳିଆ ମୁହାଁ*
*ପକୁଆ ନଈର କୋଉ ଗେଣାଳିଆ ନଳି ଗୋଡ଼ିଆ*
*ତୁଟି ଯାଉଛି ମୋ ସାତ ସପନ*
*ରାଜା ପୁଅରେ ମୋ ମାନେ ନା ମନ ॥*

॥ ୯ ॥

ଜନମ୍ ଏଙ୍ଗାକିଞ୍ ଜନମ୍ ଆପୁକିଞ୍
ତିସିଞ୍ଦ ମାଇମ୍ ବାଗେୟା କିଞ୍ତାନ୍
ଜନମ୍ ଏଙ୍ଗାକିଞ ଜନମ୍ ଆପୁକିଞ୍
ସାର୍ ସିବିଲ୍ ଦ ବାଗେୟା କିଞ୍ ମେଁ
ଭଣି ବକକ ବାରେମ୍ ବଂଶକ
ସାଦାୟ କିରେ ହେୟାତିଞ୍ କବେନ୍
ସିଦା ତୁଳିମ୍ କ ପାହିଲା ଗାତିମ୍କ
ମାୟତେ ମେଦ୍ଦାଃ ଜରଆ କମ୍ ॥

ଓଡ଼ିଆ - ॥ ୯ ॥

*ବାପା ମାଆ ତତେ ଜନମ ଦେଲେ ଲୋ*
*ବଢ଼ାଇଲେ କୋଳେ ଦେଇ ଆଦର*
*ସେ ବାପା ମାଆଙ୍କୁ ଭାଇ ଭଉଣୀଙ୍କୁ*
*ଛାଡ଼ିତୁ ଯାଉଛୁ ଆପଣା ଘର ॥*

ଘରର ଲକ୍ଷ୍ମୀଙ୍କୁ ସାଇ ପଡ଼ିଶାଙ୍କୁ
ଏଇ ଆପଣାଛୁ ଯାଉଛୁ ତେଜି ।
ତାଙ୍କ ସୁଖ ଦୁଃଖ ତୋ ପାଇଁ ଦରଦ
ଭାବିବୁ ଝିଅଲୋ ମନରେ ହେଜି ।
କାନ୍ଦି କରି କରି ଲୁହ ତୁ ଗଡ଼ାଇ
ଘରୁ ବିଦା ହୋଇ ଯାଆଲୋ ଝିଅ
ତୋ ପହିଲି ସାଥୀ ପୁରୁଣା ସଂଗିନୀ
ମନେ କରୁଥିବୁ ସବୁରି ମୁହିଁ ॥

॥ ୧୦ ॥

ମାଇ ତାଲେଦ ବୁଇ ତାଲେଦ
କୁଚୁରି ସୁବାରେଲେ ତିଙ୍ଗୁ ଲିଆଃ
କୁଚୁରି ନାଉଙ୍କ ଲେକାଏଃ ଲେଙ୍କଟେଁଡ଼ଏ
ବାବୁ ତାପେଦ ବୟ ତାପେଦ
ହାତାନାଃ ସୁବାରେଃ ତିଙ୍ଗୁ କେନା
ହାତନାଃ ଙ୍କ' ଲେକାଏଃ ରେତପେତ
ହାତନା। ଙ୍କ' ଲେକାଏଃ ରେତପେତ ।

ଓଡ଼ିଆ- ॥ ୧୦ ॥

କେତେ କଅଁଳିଆ ଛନଛନ ହୋଇ
ବଢ଼ିଛି କୁଚୁରି ଲତା
ସେହି ଲତା ତଳେ ଠିଆ କଲୁ ଆମ
ଭଉଣୀ ଆମ ଦୁହିତା
କୁଚୁରି ଲତାର ପରି
କେଡ଼େ କଅଁଳିଆ ଛନଛନ ହୋଇ ଦୁହିତା ଉଠିଛି ପୁରି
ଅସନ ଗଛର ଫଳ ଚାହିଁ ଦେଖ
ଆବୁଡ଼ା ଖାବୁଡ଼ା ଦିହ
ତାହାରି ତଳରେ କରିଥିଲ ଠିଆ
ସେହି ଟୋକା ତମ ପୁଅ
ଅସନ ଫଳର ପରି
ପୁଅର ଚେହେରା ଗୋଟା ସାରା ଖାଲ
ଢିପରେ ଯାଇଛି ଭରି ।

# ହେରଃ ପରବ ଦୁମାଙ୍ଗ୍‌ତାଲ

॥ ୧ ॥

ଜାର୍‌ଗି ଲେଡ଼ାମ୍ ଜାପୁଡ୍ ଲେଡ଼ାମ୍
ମେଞ୍ଜ୍ ମେଞ୍ଜ୍ ମେଡ଼େମ୍
ମେଞ୍ଜ୍ ମେଞ୍ଜ୍ ମେଡ଼େମ୍

॥ ୨ ॥

ଦୁଲ୍ ଦୁଲା ତାଣ୍ଡା ମେତାମ୍
ନୁଦୁମ୍ ଲେକାମ୍ ତାଆ ଦୁଲ୍ ଦୁଲେମ୍
ରିକେ

ଦୁଲ୍ ଦୁଲେମ୍ ରିକେ

# ହେରଃ ପରବ ଦୁରାଂ

॥ ୧ ॥

ଦିନ୍‌ରେ ଡେଙ୍ଗାଇ୍ ଡେଙ୍ଗାଇ୍
ଜାଓରେ ଢୁବୁଲ୍ ଢୁବୁଲ୍
ନାପେ ନାତୁ ରେଗେ ରୁମୁଲ୍ ସାଳି
ରୁମୁଲ୍ ନାଯୁମ୍ କେଏତେ ସାଳି ନାତେନ୍ କେଏତେ
ନାପେ ନାତୁରେଲେ ସେଳେରାକାନ୍ (୨)
ନାପେ ନେଟାଃ ହାତୁ ନାଲେ ନେଟାଃ ହାତୁ
ରାଁଣାସା ଲାଗି ଡେଲେ ସେଳେରାକାନ୍ (୨)
ତଲା କାଏ ତେଯାଃଲେ ଦୁରାଂଏଯା
ନାଃ ମେନାଃ ଜୀବନ୍ ଗାପା ବାନଃ ଜୀବନ୍
ଜିଉନ୍ ଜୀବନ୍‌ରେବୁ ରାସିକାତାନ୍
ଜିଉତ୍ ଜୀବନ୍‌ରେବୁ ରାଁଣାସାତାନ୍

ଓଡ଼ିଆ ॥ ୧ ॥

ଢୁମୁ ଢୁମୁ ନିତି ବାଜେ ମାଦଳ
ଡ଼ିବି ଡିବି ଶୁଭେ ନାଗରା ତାଳ
କାନ ଡେରି ଶୁଣି ତୁମଗାଁ ମାଦଳ
ଆସିଅଛୁଁ ଧାଇଁ ହୋଇ ପାଗଳ
କେତେ ଦୂରେ ସାଙ୍ଗ ଗାଁଆ ତୁମରି
ପାରି ହୋଇ କେତେ ପାଟେ ଗୋହିରୀ
ଆସିଅଛୁଁ ଧାଇଁ ଭଙ୍ଗ ରସ ପାଇଁ
ଖୁସି ମଜଲରେ ପିବାକୁ ଭରି
ଗାହି ଅଛୁ ଭଙ୍ଗ ରସିଆ ଗୀତ
ଗାଇଣ ନାଚିବୁ ତୁମ ସହିତ
ଆଜିର ଜୀବନ ନାହିଁ ତ କାଲିକି
ଜାଣିଛୁ ବୋଲି ତ ମନ ମୋହିତ ।

॥ ୨ ॥

ଗନଂ ହାୟାତେ ସାତି ହାୟାତେ
ବିର୍‌ ଦାରୁ ଲେଙ୍କା ମିସିମ୍ ରାଙ୍କା
ଜାତି ବିତି ତାମ୍ ବଂଗା ବୁରୁତାମ୍
ମିସି ବିସି ତେମ୍ ବିସିଆ ଜାନ୍
ମିସିମ୍ ଗେରାଂ ତାନା
ନାମ୍ ଦମ୍ ଦୁରାଂତାନା
ହାୟରେ ଜାତି ବିତିମ୍ ଚାବାକେଡ଼ା ।

ଓଡ଼ିଆ-॥ ୨ ॥

*ହେଲୁ ଏତେ ଲୋଭୀ*
*ଏତେ କୃପଣ*
*ଭଉଣୀ ରଖିଲୁ ତୁ ଅଭିଆଡ଼ି*
*ବନସ୍ତ ମଧ୍ୟର ଗଛଟି ପରି*
*ମୁରୁଛି ନ ପାରି କନିଆ ସୁନାକୁ*
*ନ ଆଣି ପାରିଲୁ କନିଆ ପଣ*
*ଫଳ ତାରି କିସ ହେଲା ॥*
*ଅଜାତି ଟୋକାର ହାତ ଧରି ସିନା*
*ଭଉଣୀଟି ଚାଲିଗଲା ।*
*ମୁଣ୍ଡ କୋଡ଼ି କାନ୍ଦେ ତୋ'ର ଭଉଣୀ*
*ଲାଜ ନାହିଁ ତୋତେ ଦେଖାଇ ଠାଣି ॥*
*ତୁ ଗାଉଛୁ ଗୀତ*
*ମାନ ଇଜ୍ଜତ ତୋ' ମାଟିରେ ମିଶିଲା*
*ଆଉ ହସ ଖୁସି କିବା କହତ ?*

॥ ୩ ॥

ପରବ୍ ପରବ୍ ତାପେ ହେରଃ ପରବ୍
ହେରଃ ପରବ୍ ତାପେ ଜନମ୍ ପରବ୍
ହେରଃ ପରବରେ ବଂଗାଇ ବୋଦା
ଦପେ ସିନ୍ଦୁରି ଲିଥାଃ ॥

ଓଡ଼ିଆ- ।। ୩ ।।

ଆସୁଅଛି ତୁମ ହେରଃ ପରବ ଗୋ
ଆସୁଅଛି ତୁମ ହେରଃ ପରବ
ଏଇ ପରବ ଯେ ଜନମ ପରବ
ପାଳିବ ପରବ ହରସ ମନେ
ପକାଇବ ବୋଦା ବଳି ।
କେଡ଼େ ଯତନରେ ମାଙ୍କ ପିନ୍ଧେଇଛ
ସିନ୍ଦୁର ଦେଇଛ ବୋଲି ।।

# ହେରମୁଟ

ହୋ- ॥ ୧ ॥

ବାବାବୁ ହେର୍‌ଲେଡ଼ା ଲ୍ଲିଙ୍ଗ ବତର୍ କୁଣ୍ଡି
ବାବାଦ ଅମନ୍ ଲେନା ସୁଜାଲେକା
ନିମିନ୍ ହର କେନା ନିମିନ୍ ଜତନ୍ କେନା
ଦାଣ୍ଡି ଦାଣ୍ଡି ଦ ବାବା ଆଇମ୍ ରଚଡେନ୍
ଦାସି ମୁରୁକୁତେଚି ଚିଡିରା ମୁରୁକୁତେ
ଦାଣ୍ଡି ଦାଣ୍ଡି ବାବା ରଚଡେୟାନା ।

ଓଡ଼ିଆ - ॥ ୧ ॥

*ଆଖି ପାଉନାହିଁ ଲମ୍ବା କିଆରୀ*
*ବୁଣି ଥିଲୁ ଧାନ ଯତନ କରି*
*ଛୁଆ ମୁନ ପରି ଗଛା ଉଙ୍କୁରି*
*ଉଠିଲା ଗଛ ।*
*ଦିନ ରାତି ବସି ଜଗିଲୁ ଯତନ*
*କରି ବହୁତ*
*ସିଧା ଠିଆ ହୁଅ ଧାନ ଗଛ ଆରେ*
*ପଡ଼ନା ଲୋଟି*
*ଲମ୍ବା ହୋଇ ବଢ଼ି ନ ଭାଙ୍ଗି ପଡ଼ି*
*ତୁ ଗଣ୍ଠିରୁ ଗଣ୍ଠି ।*
*କେଡ଼େ ବୋକୀ ତୋ'ର ଚାକରାଣୀଟା*
*କେଡ଼େ ଠାପୁଆ ତୋ ଚାକର ଟୋକା*
*କାମରେ କରିଲେ ପନ୍ଥ ।*
*ଲୋଟିଗଲା ତଳେ ଗଣ୍ଠିରୁ ଭାଙ୍ଗିଲା*
*କି ସୁନ୍ଦର ଧାନଗଛ ।*

ହୋ - ॥ ୨ ॥

ବୁରୁରେନ୍ ହାଉଦ, ବୁରୁରେନ୍ ହାଉଦ
ସାକାମ୍ ଚିପାନ୍, ଚିପାନ୍‌ତେ, ବୁରୁରେନ୍ ହାଉଦ

ମାୟାଙ୍ଗ୍-ଏ-ତେକେୟାନ୍
ଗଡାରେନ୍ ଟଣ୍ଡ ଗଡାରେନ୍ ଟଣ୍ଡ
ହାସାଲ ଦୁପିଲ୍ ଦୁପିଲ୍‌ତେ ଗାଡାରେନ୍ ଟଣ୍ଡ
ବଅ୍-ଏ-ଡାଡୁୟାନ

ଓଡ଼ିଆ - ।। ୨ ।।

*ଅଣ୍ଡାକୁ ନଇଁ*
*ଭୂଇଁରୁ ପଡର ଯାଏ ଗୋଟେଇ*
*ନହକା ନହକା*
*ସରୁ କମର ତା'*
*ଯେମିତିକା ବଣ ଜଙ୍ଗଲ କାଇ ।*
*ମୁଣ୍ଡରେ ଥୋଇ*
*ବୋଝ ବୋଝ ମାଟି ନିଏ ସେ ବୋହି ।*
*ବଡ଼ ମୁଣ୍ଡ ତାର*
*ଟାଙ୍ଗରା ହୋଇଛି*
*ପଡ଼ିଆରେ ଜଡା ଯେମିତି ଥାଇ ।*

ହୋ- ।। ୩ ।।

ବାନ୍ଦା ନାଁଣି ନାଁଣି
ପୁକୁରି ନାଁଣି ନାଁଣି
ନି'ଚାଃ ବାଡା ପେଲା ପୁଟାଉ୍ ଆକାନ୍
ତିକିତେ ଟଃ ଟେ- ଏମ୍
ଗାମ୍‌ଚାରେ ଗଅ୍‌ଚାଏମ୍
ନିଚାଃ ବାଡା ପେଲା ଜୁଙ୍ଗୁଡ୍ ଜୁଙ୍ଗଡ୍
ଚାରିଃତେ ଗୁଡୁଏମ୍
ସୁଡାମ୍‌ରେ ଗାଲାଢଏମ୍
ବଲଃରେ ବାଡାଏମ୍
ସୁଗାଜେମ୍ ନେଲଃଅ
ବାଡା ପୁଟାଓ ତର୍‌ସା
ହଲ୍‌ମ ଗାମାଢ ଗିସିର
ଗେସେ ଗେସେ ହୟରେ ବାଡାମ୍ ଗସଗସନ୍

ଚାରିଃ ରଚଡ୍ଯାନା
ସୁତାମ୍ ସିଡେୟାନା
କାଟା ସୁବାରେ ବାଛାମ୍ ଡାସିରାକାନ୍

ଓଡ଼ିଆ - ॥ ୩ ॥

*ପୋଖରୀ ହୁଡ଼ାରେ*
*ବନ୍ଧ ଉଠାଣିରେ*
*ପେଛା ପେଛା ଲଟା ଫୁଲ*
*ଫୁଟି ମହକୁଛି ଦିଗ ଚହଟୁଛି*
*ଫୁଲର ନାଇଁତ ମୂଲ ।*
*ଥିରି ଥିରି ତୋ'ର*
*ଆଙ୍ଗୁଳିରେ ତୋଳି*
*ବାଛିନେ କାନିରେ ତାକୁ*
*ଖଡ଼ିକାରେ ସୂତା*
*ଲଗାଇ ଗୁଛିଦେ*
*ତୋ ଗଳାରେ ବାନ୍ଧିବାକୁ*
*ମାଳା ଗୁନ୍ଥୁଥିଲୁ*
*ଭାଙ୍ଗିଲା ଖଡ଼ିକା*
*ସୂତା ଗଲା ଯହୁଁ ଛିଡ଼ି ।*
*ମାଳାରୁ ଝଡ଼ିଲା ଫୁଲ*
*ଆସି ସବୁ ତୋ' ପାଦେ*
*ହେଲା ଅଜାଡ଼ି ।*

ହୋ- ॥ ୪ ॥

ନଲାଃଗ ତାପେ ମାଇ ଦଲାନ୍ ଲେକା
ରାଚାଗ ତାପେ ମାଇ ଦଲାନ୍ ଲେକା
ନାମ୍‌କ ନିଦିକେରେ ନାମକ ଚାଲାନ୍ କେରେ
ମାଲିନ୍ ପିଣ୍ଡା ମାଇ ନକୟ ଜତନ୍ (୨)
ନାମାଃ ବଦଲ ମାଇ ନିଲିମ୍ ମେନାଃଇ
ମାଲିନ୍ ପିଣ୍ଡା ମାଇ ନିଲିମ୍ ଜତନ୍ (୨)

ଓଡ଼ିଆ - ॥ ୪ ॥

କେଡ଼େ ସୁନ୍ଦର
କୋଠାଘର ପରି ଘର ଆମର
ସଫା ସୁତର
ଚିକ୍କଣ ଅଗଣା ଦାଣ ଦୁଆର ।
ମଲ୍ଲୀ ଫୁଲ ପରି ଦିଶଇ ତୋରା
ଦାଣ ବାରଣ୍ଡାଟି
କି ମନୋହର ।
ସୁନା ଭଉଣୀ ମୋ କହନା ଥରେ
ତୁ ଚାଲିଗଲେ ଘରୁ ବିଦା ହୋଇ
ଏ ଯତନ ଆଉ କେ କରିପାରେ ।
ଭାଇରେ ଭାଇ ।
ଆଣିବୁ ଗୋଟିଏ ଭାଉଜ ତୁହି
ଘର ଦୁଆର ତୋ' କରିବ ଯତନ
କରୁଛୁ ଭାବନା ମନେ କି ପାଇଁ ?

# ମାଗେ ପରବ

## ହୁମାଙ (ମାଦଳ) ଚାଳ

॥ ୧ ॥ ସୁକୁରି ଡିଙ୍ ତୁପୁରୁବା
॥ ୨ ॥ ରିଦ୍‌ତେ ରାମ୍ବା ରାଉ ରାଉ ତିଣ୍ଡିମ୍
ରୁଜିମ୍ ରାଉ ରାଉ ତିଣ୍ଡିମ୍
॥ ୩ ॥ ଆପାନ୍ ଦପାଇ ଚାଣ୍ଡାଙ୍ ଜମ୍
ଚାଣ୍ଡାଙ୍ଗ ଜମ୍ ତିଣ୍ଡିମ୍
॥ ୪ ॥ ସୁନ୍ ଦାଁତୁ ସାଏଦ୍ ସାଏଦ୍ କେଦ୍
ତିଣ୍ଡିମ୍
॥ ୫ ॥ ହାଳାମ୍ ତେର୍‌ଗାଞ୍ଜ୍ ତାନ୍
ଗୁଣ୍ଡିମ୍ ପାଦ୍‌ଦାଞ୍ଜ୍ ତାନ୍
ତୁଙ୍
ଆପାନ୍ ଦାପାଇ କାବାଃଜମ୍ କାବାଃଜମ୍
ତିଣ୍ଡିମ୍
॥ ୬ ॥ ସାଆନ୍ ଦୁପିଲ୍ ରଙ୍ଗରଂଜଙ୍ ରଙ୍ଗ ରଂଜଙ୍
ତିଣ୍ଡିମ୍
ପାତା ହେଏଃ ଦାଲ୍‌ଦୁଣ୍ଡା ଦାଲ୍ ଦୁଣ୍ଡା
ତିଣ୍ଡିମ୍
॥ ୭ ॥ ଜାଙ୍ ତୁନୁଙ୍ ତୁନୁଙ୍
ଦେସାଙ୍ଗ ତୁନୁଙ୍ ତୁନୁଙ୍
ଦିନିଙ୍ ଜାଙ୍ଗନା ତୁବୁଲ୍
ଦିନିଙ୍ ଜାଙ୍ଗନା ତୁବୁଲ୍
॥ ୮ ॥ ରିଦ୍‌ତା ରାମ୍‌ବା ରାଉଦ୍ ରାଉଦ୍
ରିଦ୍‌ତା ରାମ୍‌ବା ରାଉଦ୍ ରାଉଦ୍
ରୁଜିମ୍ ରାଉଦ୍ ରାଉଦ୍
ରିଂଜା ରାଂନଜାଙ୍ ଗୁଣ୍ଡୁମ୍
ରିଦ୍‌ତା ରାମ୍‌ବା ରାଉଦ୍ ରାଉଦ୍

ରିତ୍ତା ରାମ୍ବା ରାଉଦ୍ ରାଉଦ୍
ରୁଚ୍ଛିମ୍ ରାଉଦ୍ ରାଉଦ୍ଦୁ
॥ ୯ ॥ କାଁସା କଚି ମିତ୍ ତାତା ତାମ୍
ପିତ୍ଳ କଚି ମିତ୍ ତାତା ତାମ୍
ବୁଗିମ୍ ମିତ୍ତାତା ତାମ୍(୨)
॥ ୧୦ ॥ ପାଆସୁବୁଟା ପାଆସୁ ବୁଟା ଦୁମ୍ରକ
ପାଆସୁବୁଟା ପାଆସୁବୁଟା ଦୁମୁରକ
ଗତ୍ନ୍ କଆଲାଇ୍ ଜମ୍କଆଲାଇ୍ ଦୁମୁରକ
ଗତ୍ନ୍ କଆଲାଇ୍ ଜମ୍ କଆଲାଇ୍ ଦୁମୁରକ
॥ ୧୧ ॥ ଦିକୁ ପୁସି ଜାନୁମ୍ ବେଲା
ତାଲ୍କା ରେଙ୍କ ତେଗାମେୟା
ତିଣ୍ଡିମ୍

# ମାଗେ ପରବ ଦୁରାଂ

॥ ୧ ॥

ବୁରୁ ବିତାର ମାଗେଦ ପାତା ବିତାର ମାଗେଦ
ଚିକାତେରେ ଦାଁଣାଚୁମ୍ ନାୟୁମେ ଲେତା (କୋ)
ବାନାମ କୟଁ କୟଁତେଞ୍ ନାୟୁମେ ଲେଡ଼ା
ରୁତୁ ଚେୟଁ ଚେୟଁ ତେଞ୍ ନାୟୁମେ ଲେଡ଼ା

ଓଡ଼ିଆ - ॥ ୧ ॥

*ଜଙ୍ଗଲ ପାତିରେ*
*ଜଙ୍ଗଲ ପାତି ॥*
*ବନସ୍ତ ଭିତର ମାଗେ ପରବକୁ*
*ଜାଣିଲୁ ତୁ ଅବା କହ କେମିତି ?*

*ଜଙ୍ଗଲ ପାତିରେ*
*ଜଙ୍ଗଲ ପାତି ॥*
*କେମିତି ଜାଣିଲୁ ମାଗେ ପରବ ତୁ*
*ପତର ଗହଳେ କହ ଝଟଚି*
*କେଁ କେଁ କେଁ କେନ୍ଦେରା ସୁର*
*ବାଜିଲା କାନେ ମୋ କେଡ଼େ ମଧୁର ।*
*ଜାଣିଲି ଜଙ୍ଗଲ ଭିତର ମାଗେ*
*ପାଳୁଛନ୍ତି ଲୋକେ କେଡ଼େ ସରାଗେ*
*ଚେଁ ଚେଁ ଚେଁ ବାଜେ ବଇଁଶୀ*
*ଶୁଣିଥିଲି କାନ ଡେରି ମୁଁ ବସି ।*
*ଜାଣିଲି ପତର ଗହଳି ଭିତରେ*
*"ମାଗେ" ମନାଉଛନ୍ତି ଆନନ୍ଦ ଖୁସି ॥*

॥ ୨ ॥

ବୁରୁନାରେଦ କୁଲାଢ ମେନାଃ
ଗାଢାନାରେଦ ବିଙ୍ଗ୍ ମେନାଃ

ନାଉରି ହାଲାଇ ମାମ୍ମୁର ବେଟି
ମିସାଗ ଡେଲାଇ୍ ଆଁ
ଓଡ଼ିଆ- ॥ ୨ ॥
ବଣ ପଟେ ଗଲେ ପଡ଼ିବୁ
ବାଘ ହାବୁଡ଼େ ଯାଇ
ସାପ ଦେବ ପାଦେ କାମୁଡ଼ି
ପାରି ହେଲେ ତୁ ନଇ
ଅବୁଝା ହୁଅନା ମୋ ମାମୁଁ ଝିଅ
ଡରଡରରେ ତୁହିଁ କେବେ ନ ହୁଅ
ଅଟକି ଯା ଟିକେ ସାଥି ହୋଇ ଯିବା
ଆଉ କେଉଁ ଥିକି ନ ଥିବ ଭୟ ॥
॥ ୩ ॥
ଟିକାତେ ମାତେ ନେଦେଲ୍ ବାଲା
ରାସିଦ ବାନଃଆ
ଚେଁଣେ କଟି ଡେପେଡ୍ଡ୍ ଚାବାକେଡ୍ଡ୍
ରାସିଦ ବାନଃଆ
ଓଡ଼ିଆ- ॥ ୩ ॥
ଆହାକି ସୁନ୍ଦର ଶିମିଳି ଫୁଲ
ମନହେଲା ଟିକେ କରିଲି ଗେଲ
ଟିକିଏ ବି ନାହିଁ ରସ ।
କୋଇ ଚଢ଼େଇ ସେ ରସ ଶୋଷି ନେଇ
ଏମିତି କଲା ନୀରସ ॥
॥ ୪ ॥
ନାକା ପାକା ବିର୍ କ ତାଲା
ନାମ୍‌ରେ ସୁମାଡ୍ ପୁଡାମ୍ ନାମ୍‌ରେ ସୁମାଡ୍‌ା (କୋ)
୮ ଚୁକି କମ୍‌ମେଗ ପୁଡାମ୍ ଗାଡି କମ୍‌ମେ
ଚୁକି ଦରେଁ ଚୁକି ଲିଆଃ ଗାଡି ଦରେଂ ଗାଡିଲିଆଃ
ବିୟୁର ସେକର୍ ଗୁଟୁରୋଃ ବିୟୁରା ତୁଡିଜ୍

ଓଡ଼ିଆ - ॥ ୪ ॥

ଏ ଘୋର ଜଙ୍ଗଲ ମଝିରେ
କପୋତି କେମିତି ରହିବୁ ଏକା
ଖୋଜି ନେ ସାଥିଟି
କୋଳେଇ ନେ' ତାକୁ ମନରେ ନଥିବ ଦକା
ସାଙ୍ଗଟିଏ ଖୋଜି କେତେ ଆଦରେ
କୁଣାଇ ମୁଁ ଧରିଥିଲି
ଏକା କରି ମତେ ପାହାଡ଼ ଖୋଲରେ
କାହିଁ ଗଲା ସିଏ ଚାଲି ॥

॥ ୫ ॥

ନାତେ ନା ରଏବାରୀ ନାତେନା ସମ୍ବାରୀ
ଜିର୍‌ଆଲାଂ ଜିର୍‌ଆଲାଂ ମେନ୍‌ତେ ନେକାମ୍ ଚାକାଡ଼ିଞ୍ (କୋ)
କୁଲାଓ କାଏଃ ଜମ୍‌ମେଁ
ବିଞଃ କାଏଃ ସଦା ମେଁ
ଜିର୍‌ଆଲାଂ ଜିର୍‌ଆଲାଂ ମେନ୍‌ତେ ନେକାମ୍ ଚାକାଡ଼ିଞ୍ (କୋ)

ଓଡ଼ିଆ - ॥ ୫ ॥

ହେ ରଯବାରୀ
ହେ ସମବାରୀ
ଆଜି ପଳେଇବା
କାଲି ପଳେଇବା
କହି କହି ମତେ ଠକିଲୁ ଭାରି
ହେ ରଯବାରୀ
ହେ ସମ୍ବାରୀ
ବାଘ ଖାଉ ନାହିଁ
ସାପ ଦଂଶୁ ନାହିଁ
ଠକି ଠକି ମନ ଦେଲୁ ମୋ ମାରି ॥

॥ ୬ ॥

ବାରେଞ ରାଚା ବାକାରା କିଟୁବାକାନ୍
ତିରୁବାକାନ୍ (କୋ)
ନେସୁରେନା ସିବିଲା କାନାଞ ଜମାଡା

ଓଡ଼ିଆ - ॥ ୬ ॥

*ସଙ୍ଗାତ ଅଗଣା*
*ବରକୋଳି ଗଛ*
*କୋଳିରେ ହୋଇଛି ଭରତି*
*ନଇଁ ଯାଏ ଡାଳ*
*କେତେ ମିଠା ଫଳ*
*ମନ ହୁଏ ଥରେ ଚାଖନ୍ତି*
*ହେଲେ ଛୁଟୁନି ମୋ କପାଳେ*
*ଦୂରୁ ଦେଖି ଖାଲି ଓଠ ଚାଟିହୁଏ*
*ନିତିଦିନ ସଞ୍ଜ ସକାଳେ ।*

॥ ୭ ॥

ନରଂ ଆଲାଂମେ ବାରେଞ୍ଜ ବୁରୁରୁତୁ
ଏପେନ୍‌ତମ୍ ବାଲାରୁତୁ ନରଂ ଆଲାଂ ମେଁ (କୋଁ)
ବାନାମ୍ ଆଲାଂମେ ବାରେଞ୍ଜ
ହରଚକାଃ ସାଦମ୍ ବାଲେ ବାନାମ୍ ଆଲାଂ ମେଁ

ଓଡ଼ିଆ - ॥ ୭ ॥

*ରସିକ ଆରେ*
*ବଣୁଆ ବାଉଁଶେ ବଇଁଶୀ କରିଛୁ*
*ବଜାନା ଥରେ*
*ରସିକ ଆରେ*
*କଇଁଚ ଖୋଳରେ*
*ଘୋଡ଼ା କେଶରରେ*
*କେନ୍ଦେରା ଧରିଛୁ ସରାଗ ଭରେ*
*ବଜାନା ଥରେ*
*ରସିକ ଆରେ ।*

॥ ୮ ॥

ହାତୁ କୁଟି ବାଳିଦାରୁ ମୁଲିକ୍‌ତରେ
ଗୁତୁର ହନ୍ ଗୁତୁସାଲା ବାଳିଃ ଜମ୍‌ତାନ୍
ହାତୁକୁଟି ବାଳିଦାରୁ ଗାଣ୍ଡିକ୍‌ତରେ
ବେପରହନ୍ ବେପେଡୁସାଲା ବାଳିଃଜମ୍‌ତାନ୍

ଓଡ଼ିଆ - ॥ ୮ ॥

ଗାଁ ମୁଣ୍ଡ ବରଗଛ ସଳଖ ତା ଡାଳ
ଚୋବେଇ ଚୋବେଇ କିଏ ଖାଏ ବରଫଳ
ନାଁ ତାର ଘୁଟୁର ଚଢ଼େଇ
ଗାଁ ମୁଣ୍ଡ ବରଗଛ ବଙ୍କା ତାର ଡାଳ
ଚୁଟୁମି ଚୁଟୁମି ଯିଏ ଖାଏ ବରଫଳ
ନାଁ ତାର ଚେପର ଚଢ଼େଇ ।

॥ ୯ ॥

ପିସିର ପିସିର ଗାମାଲେଡ଼ା
ପାଦାଲ ପାଦାଲ ଗାମାଲେଡ଼ା
ବିରବିନ୍ଦି ପିସିବିନ୍ଦି ଲଦବା କେନା (କୌଁ)
ଚୁଇତି ଜେଟେ ଜେଟେଲେଡ଼ା
ବିର୍‌ବିନ୍ଦି ପିସିବିନ୍ଦି ମାୟତେ ଚଲାଂୟାନ୍ (କୌ)

ଓଡ଼ିଆ - ॥ ୯ ॥

ଝିପିର ଝିପିର ବରଷା ହେଲା
ଢୁ ଢୁ ମେଘ ବରଷି ଗଲା
କଅଁଳି ଆସିଲା ଜଙ୍ଗଲ ଜଡ଼ା
ଝିଟ୍‌କା ଜଡ଼ା
ବରଷା ଯାଇକି ଆସିଲା ଖରା
ଧିରେ ଧିରେ ଜଡ଼ା ପାକଳ ହେଲା
ଦିହ ପୁରି ଉଠି ପଡ଼ିଲା ଫାଟି
ଜଡ଼ା ମଞ୍ଜି ଦୂରେ ପଡ଼େ ଛିଟିକି ।

॥ ୧୦ ॥

ରାଜାକ ବାଗାନ୍ ମାଲିନ୍ ବାଲା
ବୁରୁନା କଚା ଆଟାଲ ବାଲା
ଚିକାତେ ମାତେ ନିମିନ୍ ବୁଗିନ୍ ତାରାଲା କାନା ।

ଓଡ଼ିଆ - ॥ ୧୦ ॥

ରାଜାଙ୍କ ବାଡ଼ିରେ
ମଲ୍ଲୀ ଫୁଲ ଫୁଟି

ବାସୁଛି ।
ଜଙ୍ଗଲ ସନ୍ଧିରେ
ଟଗର ଫୁଲଟି
ହସୁଛି ।
କେଡ଼େ ସୁନ୍ଦର
ମଲ୍ଲୀ ହଉ ସିଏ
ଅବା ଟଗର ॥

॥ ୧୧ ॥

ନେଙ୍ଗାମେ ନୁଲୁଃ ବାନଃ
ନାପୁମେ ନୁଲୁଃ ବାନଃ
ବାବାବାଦି ଲେକା କିଞ ପାପାରି ତାତମେଁ (କୌ)
ବାଲା ଲେକାମ୍ ପୁଟାଓ ଲେନା
ବାଲା ଲେକାମ୍ ଗସଜାନା
ସମୟ ଟାବାଜାନା ସମ୍ଦୀ କାଜ କୁଲିମେହ୍ (କୌ)
ସମୟ ଟାବାଜାନା ସମ୍ଦୀ କାଜ କାଗାର୍ ମେହ୍ (କୌ)
ନେଙ୍ଗାମ୍ ତିକିଞ୍ ନାପୁମ୍ ତିକିଞ୍
ବାବା ବାଦି ଲେକାକିଞ୍ ପାପାରି ତାତ୍ମେଁ ।

ଓଡ଼ିଆ ॥- ୧୧ ॥

କେମିତି ମାଆ ତୋ ଭାବୁନି ମନେ
ବାପା ତୋ କିମିତି ଅଛି ମଉନେ
ଧାନ ପୁଡ଼ା ପରି ପୁରୁଣା କଲେଣି
ଚିନ୍ତା ଟିକେ ନାହିଁ କାହାରି ମନେ
ଫୁଲ ପରି ଫୁଟି ମହକୁ ଥିଲୁ
ସେଇଠି ପୁଣି ତୁ ମଉଳି ଗଲୁ ।

ଆଜ ଆସୁଛିକି ସମୟ ଆଗକୁ
ପଚାରିବେ କିଏ ମନରେ ଭାବୁ
ସଜନୀ ହେ ଆଉ ବେଳ ତ ନାହିଁ

ଫୁଲଟିକୁ ଧରି ବସିଛୁ କାହିଁ
ମଉଳିଲେ ଫୁଲ ପଚାରିବ କିଏ
ସହଜ କାମତ ଦିଅ ବଢ଼ାଇ ।

॥ ୧୨ ॥

ମାଗେ ନେଲେମ୍ ନିଙ୍ଗୁଃଲେନା
ପରବ ନେଲେମ୍ ନିଙ୍ଗୁଃଲେନା
ନକରେୟା ତାମ୍ ସେପେଲେଡ଼୍ କୟଁବାନାମ୍ ଦ (କୋଁ)
ନଙ୍କରେୟାତାମ୍ ସେପେଲେଡ଼୍ ଗାଣ୍ଡି ରୁତୁଦ
ନାମ୍‌ଦମ୍ ନାଗୁଲେଦ୍ ସେପେଲେଦ୍
ମାହ୍ ବୁଟା ରେପରୁତୁ ନାମ୍‌ଦମ୍ ନାଗୁଲେଦ୍ (କୋଁ)
ନୁରିଃ ଦିରିଞ୍ଜ୍ କଚେ ବାନାମ୍ ନାମ୍‌ଦମ୍ ନାଗୁଲେଦ୍
ନାଲିଂ ଦୁରାଂ କୁଳିଦ କାରେମ୍ ନରଂୟା (କୋଁ)
ନାଲିଂ ସୁସୁନ୍ କୁଳିଦ କାରେମ୍ ନେୟନେନ୍ (କୋଁ)

ଓଡ଼ିଆ- ॥ ୧୨ ॥

ଦେଖି ଆସିଛୁ ତୁ ମାଗେ ପରବରେ
ଦେଖି ଆସିଛୁ
କହରେ ରସିକ କେନ୍ଦେରା କି ତୋର
ସାଙ୍ଗେ ଆଣିଛୁ
କାହିଁଗଲା ତୋର ବଙ୍କା ବଇଁଶି
ବଜାଇ ଥାଉ ଯା ତୁ ହସି ହସି
ମୁଳି ବାଉଁଶର ଚେପା ବଇଁଶିଟା
ଧରି ଆସିଛୁ
ଘୋରୁ ଶିଙ୍ଘ ପରି ବଙ୍କା କେନ୍ଦେରା
ଆମ ଗୀତ ସାଥେ ଦେଉନି ଧରା
ଅଣ୍ଟା ଦୋହଲାଇ ଆମ ସାଙ୍ଗେ ନାଚି
ନାହିଁ ପାରୁଛୁ ॥

॥ ୧୩ ॥

ଚେତାନ୍ କ ମାଗେ କେନା
ଲାତାର୍ କ ମାଗେ କେନା

ଚୁଉଲା ରେୟା ଦିୟୁରି ମାଗେମ୍ ବଂଗାୟା (କୋ)
ଢାର୍‌ଗି ଢାପୁତ୍ ଚାବାୟାନା
କୁଟାଡମ୍ ଡମ୍ ଚାବାୟାନା
ଚୁଉଲା ରେୟା ଦିୟୁରି ମାଗେମ୍ ବଂଗାୟା

ଓଡ଼ିଆ - ॥ ୧୩ ॥

*ମାଘେ ପରବ ପାଳିଲେଣି ଦେଖ*
*ହେଇ ସେ ଉପର ସାହି*
*ତଳ ସାହି ଲୋକେ ମାଘେ ପରବରେ*
*ଖୁସିରେ ଯାଆଚି ବହି*
*ଶୁଣ ହେ ଦେହୁରୀ ଭାଇ*
*ଏଇଠି ଆମର କେବେ ମାଘେ ପୂଜା*
*ଟାକି ଅଛି ଆମ ସାହି*
*ହାଡ଼ ଭଙ୍ଗା ଜାଡ଼ ଛାଡ଼ି ଆସିଲାଣି*
*ବିଞ୍ଚ ପଡ଼ିଲାଣି ଖରା*
*ତମ ବାଟ ଆମେ ଚାହିଁ ବସିଛୁ ଯେ*
*ଦଉ ନାହିଁ ମୋଟେ ଧରା*
*ଶୁଣ ହେ ଦେହୁରୀ ଭାଇ*
*ଏଇଠି ଆମର କେବେ "ମାଘେ" ପୂଜା*
*ଟାକି ଅଛି ଆମ ସାହି ॥*

॥ ୧୪ ॥

ନେଲାଞ୍ଜ୍ ନାପୁଞ୍ଜ୍ ବାଗେ କିଡ଼ିଞ୍ଜ୍
ବାଉଦାଦା ବାଗେ କିତିଞ୍ଜ୍
ନିମିନ୍ ଦୁକୁ ଦିସୁମେରେ ଢାଟାଞ୍ଜ୍ ମାଣ୍ଡା ଲେତୁ
କୁଟି ମୁଲିଞ୍ଜ୍ ନେଲେୟା
ସିର୍ମା ସୁବାଞ୍ଜ୍ ନେଲେୟା
ନିମିନ୍ ମାରାଂ ଦିସୁମରେ ସିଂ ବଂଗା ଜିଉରେ ସୁମାଡ଼ା (କୋ)
ନିଙ୍ଗାଃ ଜୀବନ୍ ଦ ସିଂ ବଂଗା
ଦିରିରିଚି ଦାରୁ ରେହ୍ ଟାଇରୁଆଳାନା (କୋ)

ଓଡ଼ିଆ- ।। ୧୪ ।।

ଛାଡ଼ିଦେଲା ବାପା ମା
ଛାଡ଼ିଦେଲେ ଭାଇ
ଏଡ଼େ ଦୁଃଖ ସଂସାରରେ
ପାଦ ଦେଲି ମୁହିଁ
ଦେଖୁଛି ଆଗକୁ ଚାହୁଁଛି ପଛକୁ
ଉପରେ ଆକାଶ ତଳେ ମରତକୁ
କେମିତି କେଉଠି କାଟିବି ଜୀବନ
ଏକା ଏକା ହୋଇ ମୁହିଁ
ହେ ପରମେଶ୍ୱର କହିଦିଅ ମୋତେ
ଜୀବନଟା ମୋର ରହିବ କେମତେ
ମାଟିବା ପଥର ଅବା ଗଛଲତା
କୋଉଠି ବଂଚିବି ମୁହିଁ ।

।। ୧୫ ।।

ପାଇଟି ଆବୁ କାମିଆବୁ ଦୁକୁ ବୁ ହାରେୟା
ଦିନ୍‌ଦ ଚାବାତାନା ଜୁଲିଞ୍ ମୁସିଞ୍ ବାରସିଞ୍ ତେ
ଦିନ୍‌ଦ ଚାବାତାନ୍ (କୋ)
ଦିନ୍ ଚାବା ଜାନ୍‌ରେ ସମୟ୍ ଚାବାଜାନ୍‌ରେ
ନକୟ ବାନଃ ନକୟ ଦବୁ ନାସା ବିତାରଃ
ନକୟ ବାନଃ ନକୟ ଦବୁ ନାସା ବିତାରଃ

ଓଡ଼ିଆ- ।। ୧୫ ।।

ରକତ ନିଗାଡ଼ି
ମେହନତ କରି
ଘୁଞ୍ଚେଇବା ଦୁଃଖ ଆମର
ସାଙ୍ଗରେ । ସମଯ
ଗଡ଼ିତ ଯାଉଛି
ବିଳମ୍ବ ତୁ ଆଉ ନକର
ଆଜି ପରେ କାଲି

ଦିନ ପରେ ଦିନ
ସମୟ ଯାଉଛି ଚାଲି
ମାଣକ ପୁରିଲେ ଜଣ ଜଣ କରି
କାଳି ନେଇଯିବ ଠେଲି
ଏକ ପରେ ଏକ ହୋଇ
ମଶାଣି ଭୂଇଁର ପଥର ତଳରେ
ପଡ଼ିବା ତ ଆମେ ଶୋଇ ।

॥ ୧୬ ॥

ରାସିକାନା ବୁ ସମ୍ଦି
ନେନ୍ ଜୀବନ୍ ମେନାଃ ରେବୁ ରାସ୍ିକାନା (କୋ)
କାବୁ ନାମେୟା ସମ୍ଦି
ନେଲେକାନ୍ ରାସିକାଦ କାବୁ ନାମେୟା (କୋ)
କାବୁ ତାଜିନା ସମ୍ଦି
ନତେ ନାସା ଲେକାଦ କାବୁ ତାଜିନା (କୋ)
ବୁରୁ ଦାରୁ ଲେକାଦ କାବୁ ତାଜିନା

ଓଡ଼ିଆ - ॥ ୧୬ ॥

ଯେତେ ଦିନ ଯାଏ ଥିବ ଜୀବନ
ସମୁଦି ହେ ।
ଖୁସିରେ ରହେର ଥିବା ଏମନ
ସମଦି ହେ ।
ପିଣ୍ଡରୁ ପରାଣ ଗଲେଟି ଖସି
ସମୁଦି ହେ
କାହୁଁବା ମିଳିବ ଏ ଖୁସି ବାସି
ସମୁଦି ହେ ।
ଜମି ମାଟି ଯେହ୍ନେ ବରଷା ଧୁଏ
ସମୁଦି ହେ ।
ଜଙ୍ଗଲର ଗଛ ମରିଲି ଶୁଏ
ସମୁଦି ହେ ।

ଚିରକାଳ ଆମେ ଛାଡ଼ିବା ନାହିଁ
ସମୁଦି ହେ ।
ଏ ଖୁସି ଆନନ୍ଦ ମିଳିବ ନାହିଁ ସମୁଦି ହେ ।

॥ ୧୭ ॥

ନାଇମ୍ ନେରାଙ୍ଗିଞା ବାରେଙ୍ଗ୍
ନାଞାଃ ଜୀବନ ସେନଃ ଲେକାଦ
ନାଇମ୍ ନେରାଙ୍ଗିଞ୍ (କୋଁ)
କାଗେଞ୍ ନେସେର୍ ବେନାଗ ବାରେଙ୍ଗ୍
ଡି, ବାଳି, ନତେ ନାସା ଦ କାଗେଞ୍
ନେସେର୍ ବେନ୍ (କୋଁ)
ନଟାଙ୍ଗ୍ ନାତୁ ବେନାଞ୍ ବାରେଙ୍ଗ
କଲମ୍ କୁଠି ପେଟେଃ ଲେକାଞ୍
ନଟାଙ୍ଗ୍ ନାତୁ ବେନ୍
ସାରିରେ ବାରେଙ୍ଗ୍ ଚାଲାଡ଼ ବାନ
କଲମ୍ କୁଠି ପେଟେଃ ଲେକାଞ
ନଟାଙ୍ଗ୍ ନାତୁ ବେନ୍
ନେସେର ବେନ୍ ରେଦ ଗ ବାରେଙ୍ଗ୍
ମଂୟ ମୁକା ହାସା ଗେଦାଞ୍ ନେସେରେବେନା ।

ଓଡ଼ିଆ –॥ ୧୭ ॥

ଭାଇ ମୋତେ ଆଉ ଦିଅନା ଗାଳି
ଜୀବନଟା ମୋର ଯାଉଛି ଜଳି
ଛଡ଼େଇ ନେବିନି ତୋଠାରୁ ଭାଇ ମୁଁ
ଡିହ, ତୋର ଆଉ ତୋ ଜମି ବାଡ଼ି
ଖଳାରେ ଯେମିତି ଧାନ ଅଗାଡ଼ି
ଧାନ ଛାଡ଼ିଯାଏ ଦୂରକୁ ଉଡି
କାହିଁ କୁଆଡ଼େ ମୁଁ ଦୂରେ ଯିବି ଚାଲି
ତୋ ଧନ ସମ୍ପତ୍ତି ତୋ ପାଖେ ଛାଡ଼ି
ଶୁଣିଥା ମୋହର କଥାଟା ଭାଇ

ଜୀବନେ ସମରି କିସ ହୁଅଇ
ଯଦି ମୁଁ ପାରିବି ଦଖଲ କରି
ମୋତେ ପାଞ୍ଚ ହାତ ଜମି ମୋ ପାଇଁ ।

॥ ୧୮ ॥

ନାପେନା ଦପେ ମୁଣ୍ଡା ଷ ତାନା
ନାପେନା ଦପେ ମାଣାକି ତାନା
ମୁଣ୍ଡାଗ ମୁଣ୍ଡା ମାଣାକି ମାଣାକି
ସୁନ୍ଦରେ ସାବେନ୍ ପେ

ଓଡ଼ିଆ - ॥ ୧୮ ॥

ମୁଣ୍ଡା ଘରର ପୁଅଟି ତମେ
ମାଣାକି ଘରର ପୁଅ
ଯିଏ ବା ସିଏ ନାଚିଲେ ସାଥେ
ସାଜିବ କିବା କୁହ ।
ମୁଣ୍ଡା ଘରର ପୁଅ ସାଙ୍ଗରେ
ନାଚିବ ମୁଣ୍ଡା ଝିଅ
ମାଣାକି ପୁଅ ହାତରେ
ହାତ ଛନ୍ଦି ମାଣାକି ଝିଅ
ସେ ନାଚ ସିନା ସାଜେ
ଧିନାକ୍ ଧିନା ଉଠଇ ପାଦ
ଯେବେ ମାଦଳ ବାଜେ ।

॥ ୧୯ ॥

ନେନ୍ ଭଲାଙ୍ଗ ସୁଲାଙ୍ଗ ଜାନ୍‌ରେ
ତିକିନ୍ ସିଙ୍ଗି ହାସୁର୍ ଜାନ୍‌ରେ
ନକୟ ନଜାଃ ସାଲାଚି କରେମ୍
ମେତ୍ସ ଦାଃଏମ୍ ଜରଯା ।

ଓଡ଼ିଆ - ॥ ୧୯ ॥

ଏଇ ବେଳ ଯେବେ ଯିବଟି ଗଡ଼ି
ମଥାନ ସୁରୁଜ ପଡ଼ିଲେ ଢଳି

କାହା ଘର ପଛ ଓଳିତଳେ ବସି
ଲୁହ କାଳି ବସିଥିବୁଟି ଭାଳି ।

॥ ୨୦ ॥

ଚେଁତାନ୍ କୁଣ୍ଡି ମାନିବାଳା
ଲାତାର କୁଣ୍ଡି ମାନିବାଳା
ଳ ତିଚି ବାଁଳିଆ ବାଆତେ ସୁନ୍ଦରାଃ
ଳତେୟ ବାଁଳିଆ ବାଆ ତେୟ ସୁନ୍ଦରା
ସିଙ୍ଗି ନାସୁର ନୟ ଚାନା ବିଜଲେଃ କେଡ଼ା (କୋଁ)

ଓଡ଼ିଆ - ॥ ୨୦ ॥

ଉପର କିଆରୀ ସୋରିଷ ବିଲ
ଲହଡ଼ି ମାରୁଛି ସୁନାର ଫୁଲ
ତଳ କିଆରୀଟା ଫଳରେ ଭରତି
କହନା କୋଉଟା ଦିଶୁଛି ଭଲ ।
ଫୁଲର ସୁନ୍ଦର ଭାରି ନିଆରା
ହେଲେ ଫଳ ପାଇଁ ଫୁଲଟି ଚୋରା
ପଶ୍ଚିମା ପବନ ଫୁଲଝାଡ଼ି ଦିଏ
ଫଳ ହେଲେ ଆଉ ନ ଦିଏ ଧରା

॥ ୨୧ ॥

ସୁନ୍ଦ ସାବେନ୍ ବେନ୍ ବାରେଂ
ନାୟେତାଳା କୁଳି ତାଃରେ
ସୁନ୍ଦ ସାବେନ୍ ବେନ୍
ସୁନ୍ଦ ସାବେନ୍ ବେନ୍ ବାରେଂ
କୁଳି ସୁକୁ ରାସିକାତେ ସୁନ୍ଦ ସାବେନ୍ ବେନ୍ ।

ଓଡ଼ିଆ - ॥ ୨୧ ॥

ହାତରେ ହାତ ଧରି
ମନେ ସରାଗ ଭରି
ନାଚିବା ଆସ ସୁନ୍ଦରୀ ସାଥେ
ମନଟା ଯିବ ପୁରି ।

ଅଣ୍ଟାକୁ ହାତେ ଧରି ।
ତାଳରେ ଛନ୍ଦ ଭରି
ନାଚିବା ଆସ ସୁନ୍ଦରୀ ସାଥେ
ମୁହଁରେ ହସ ଭରି
ସାଥିଙ୍କୁ ଖୁସି କରି
ଗାଇବା ଆସ ନାଚିବା ଆସ
ହୋଇଣ ଧରା ଧରି ॥

॥ ୨୨ ॥

ହେସାଃ ମାତା ମାତାଲେନା
ବାଳିମାତା ମାତାଲେନା
ଟିକ୍ ସମୟରେଜା ତୁୟୁମ୍ ସେଟେରେ ଲେନା (କୋଁ)
ହେସାଃ ମାତା ଚାବାଢାନା
ବାଳିମାତା ଚାବାଢାନା
ସାମାଗେଜା ତୁୟୁମ୍ ବଣଲା କାନା

ଓଡ଼ିଆ- ॥ ୨୨ ॥

ନାଲି ଟହ ଟହ ଅଶ୍ୱତ୍ଥ ଫଳ
ପାଚି ଝଡୁଥିଲା ସେ ବର ଫଳ
ଶିଆଳରେ ସିନା ଆସିଥାନ୍ତୁ ସେବେ
ମନ ଭରି ଖାଇଥାନ୍ତୁ ସକଳ ॥
ଅଶ୍ୱତ୍ଥ ଫଳର ପୂରିଲା ବେଳ
ଗଛରୁ ସରିଗଲା ବରଫଳ
ଏତେ ବେଳେ ଘୂରି ବୁଲିଲେ କି ହେବ
କରମକୁ ନିନ୍ଦି ଆରେ ଶିଆଳ ।

॥ ୨୩ ॥

ମାଗେଦ ହୁତୁଃ ଲେନ୍‌ଗ ବାରେଙ୍
ମାଗେ ଦନୁକୁଃ ଲେନ୍‌ଗ ବାରେଙ୍
ହୟନା ଲେକାନ୍ ଗାମାନା ଲେକାନ୍
